# ଓଡ଼ିଶା ବିଧାନସଭା

## ପଞ୍ଚମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୯ ଡିସେମ୍ବର, ୨୦୨୫

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

**ମୋଟ ପ୍ରଶ୍ନର ସଂଖ୍ୟା - 354**

----

**Status of Mahanadi river front development project**

**1505 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The current status of the proposed Mahanadi River Front Development project near Cuttack following the reply to UDAQ.-1700; (b) Whether preparation of the Detailed Project Report (DPR) has begun and the timeline for its completion; Whether any survey, design consultation, or land assessment has been initiated; The exact stretch/areas of the Mahanadi riverbank proposed to be covered under the project; and the expected timeline for finalisation and commencement of the project under the River Front Development scheme?

----

**ଚାଷୀମାନଙ୍କ ଚାଷ ପାଇଁ ପୋଖରୀ ଖନନ**

**1524 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଫୁଲବାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଫିରିଙ୍ଗିଆ ବ୍ଲକର ଚାଷୀମାନଙ୍କ ପାଇଁ ବୃହତ ପୋଖରୀ ଖନନ କରାଯିବାର ଆବଶ୍ୟକତା ରହିଛି , ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରିବେ କି ?

----

### Cyclone Resilient Road ନିର୍ମାଣ

1569 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସମୁଦ୍ର ଲୁଣା ଜୁଆର ଓ ବାତ୍ୟା ଦାଉରୁ ଉପକୂଳ ତଟବନ୍ଧ ସୁରକ୍ଷା ପାଇଁ Cyclone- Resilient Roads ନିର୍ମାଣ ପାଇଁ ବାଲେଶ୍ୱର ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କେତେ କିଲୋମିଟର ରାସ୍ତା ନିର୍ମାଣ ପାଇଁ କେତେ ଅର୍ଥ ମଂଜୁର ହୋଇଛି ଏବଂ ଏଥିସହିତ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳର କେଉଁ ରାସ୍ତା ଗୁଡିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ କେତେ ଅର୍ଥ ମଂଜୁର ହୋଇଛି ?

----

### ଗମ୍ଭାରିଗୁଡ଼ା ଗାଁ ଦଶମନ୍ତପୁର ବ୍ଲକ ଅଧୀନକୁ ଆଣିବା

1571 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୋରାପୁଟ ଜିଲ୍ଲାର ଦଶମନ୍ତପୁର ସଦର ମହୋକମାରୁ କେବଳ ୩ କି.ମି. ଦୂରରେ ଅବସ୍ଥିତ ଗମ୍ଭାରିଗୁଡ଼ା ଗ୍ରାମ ଭୌଗଳିକ ଭାବେ ଦଶମନ୍ଥପୁର ଅଞ୍ଚଳ ସହିତ ନିକଟସ୍ଥ ଏବଂ ଚାରିପଟେ ଦଶମନ୍ଥପୁର ବ୍ଲକ ଅଧୀନ ଗ୍ରାମମାନଙ୍କ ଗମ୍ଭାରିଗୁଡ଼ା ଗାଁକୁ କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଅଧୀନରେ ନେବାକୁ ପଦକ୍ଷେପ କି ଏବଂ ଯଦି କରିବେ କେବେ ସୁଦ୍ଧା କାର୍ଯ୍ୟକାରୀ କରିବେ ?

----

### NAC Up-gradation of Key Urban Centres

1604 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Recent urban development announcements created 28 new NACs across Odisha, while Satyabadi/Sakshi Gopal area has been identified as tourism potential, it currently lacks formal urban local body status, what is road map with Housing & Urban Development department to (a) facilitate NAC up-gradation of key urban centers in Satyabadi Block, (b) prepare GIS-based comprehensive development plans with infrastructure specifications and (c) link available central and state scheme funds (PMAY, water supply, waste management) to support planned urbanization ?

----

## Status of Rural Pipe Water project

1625 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government provide a district-wise status of rural piped water supply projects under JJM in Odisha, including: (a) Total number of projects initiated; (b) Projects completed and projects currently pending or delayed(with reasons and revised timelines)?

----

## ବ୍ଲକ ପୁନର୍ଗଠନ ପ୍ରକ୍ରିୟା

1627 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବ୍ଲକ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହେବା ନେଇ ରାଜ୍ୟ ସରକାର କିଛି ସମୟସୀମା ଧାର୍ଯ୍ୟ କରିଛନ୍ତି କି ; ବ୍ଲକ ପୁନର୍ଗଠନ ପ୍ରକ୍ରିୟାରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ କଣ ଗାଇଡଲାଇନ୍ ରହିଛି?

----

## Flex/Poster ସ୍ଥାପନ ସଂକ୍ରାନୀୟ ତଥ୍ୟ

1717 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ନଗର ନିଗମଠାରୁ ପ୍ରାପ୍ତ ବିଜ୍ଞାପନ Flex/poster ସ୍ଥାପନା ସଂକ୍ରାନ୍ତୀୟ approval/permission ର ସବିଶେଷ ତଥ୍ୟ ସହ ନିୟୋଜିତ/କାର୍ଯ୍ୟରତ ଠିକାଦାର ସଂସ୍ଥାର ବିଜ୍ଞାପନ ପ୍ରଚାର ଓ ପ୍ରସାରର ତାଲିକା ସହ 2023-24 ପରଠାରୁ ଅଦ୍ୟାବଧି କରାଯାଇଥିବା ଖର୍ଚ୍ଚ ମାସୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ରେଳଷ୍ଟେସନ ସହିତ ବସ ସେବା ଯୋଗାଯୋଗ

1742 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସଷ୍ଟାଣ୍ଡରୁ ବିଭିନ୍ନ ସ୍ଥାନକୁ ବସ ସେବା ଥିବା ବେଳେ ଏହି ସେବା ରେଳଷ୍ଟେସନମାନଙ୍କରୁ ବିଭିନ୍ନ ସ୍ଥାନକୁ ଯୋଗାଇ ଦେବାର ଯୋଜନା ଅଛି କି ?

----

## ଆଦ୍ରଭୂମୀ ଗୁଡିକର ସୁରକ୍ଷା

2191 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ଚିଲିକା, ଭିତରକନିକା, ସାତକୋସିଆ, ତାମ୍ପରା, ହିରାକୁଦ, ଅଂଶୁପା ଆଦି ଆଦ୍ରଭୂମୀ ଗୁଡିକର ସୁରକ୍ଷା କରିବା ପାଇଁ କି କି ମାଷ୍ଟରପ୍ଲାନ କରିଛନ୍ତି ତାହା ପ୍ରତ୍ୟେକ ପାଇଁ ପ୍ରକାଶ କରିବା ସହ ଆର୍ଥିକ ପ୍ରାବଧାନ କେତେ ଅଛି ତାହା ଜଣାଇବେ କି, ଖ) ଉପରୋକ୍ତ ଆଦ୍ରଭୂମୀ ଗୁଡିକର ସୀମା ନିର୍ଦ୍ଧାରଣ, ବର୍ତ୍ତମାନର ସ୍ଥିତି, ଏତଦ୍ୱଜନିତ ଡିଜିଟାଲ ଡାଟା ବେସ ସରକାର କମ୍ପାଇଲ କରିଛନ୍ତି ତାର ବିବରଣୀ ଓ ରୂପରେଖ ପ୍ରକାଶ କରିବେ କି, ଗାଁ ଆଦ୍ରଭୂମୀ ସୁରକ୍ଷାକୁ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱକୁ ଉପଲବ୍ଧ କରି 'ହାଇକୋର୍ଟ ନିଜଆଡୁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିବା କଥା ସତ୍ୟ ହୋଇଥିଲେ ତାର present status ଦେବେ କି ?

----

## ପାରିଶ୍ରମିକ ପ୍ରଦାନ ସମ୍ପର୍କରେ

2289 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରୀ କର୍ମରେ ନିୟୋଜିତ ମହିଳାମାନଙ୍କୁ ୬ ମାସ ପ୍ରସୂତିକାଳୀନ ଛୁଟୀ ମିଳୁଥିବାବେଳେ ଅଣପଞ୍ଜିକୃତ ଶ୍ରମଜୀବ କୃଷିଶ୍ରମିକ, ନିର୍ମାଣ ଶ୍ରମିକ ଓ ଅନ୍ୟବର୍ଗର ମହିଳା ଶ୍ରମିକମାନଙ୍କୁ ପ୍ରସୂତି ନିମନ୍ତେ ୬ ମାସର ପାରିଶ୍ରମିକ ସରକାରଙ୍କ ତରଫରୁ ପ୍ରଦାନ ପାଇଁ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ହରିଣ ଉଦ୍ୟାନ କରିବା ପାଇଁ ପଦକ୍ଷେପ

2318 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରାକୃତିକ ଘଞ୍ଚ ଜଙ୍ଗଲ ସହ ଅନେକ ମନୋରମ ସ୍ଥାନ ରହିଅଛି ଓ ବିଶ୍ୱ ଦରବାରରେ ଏହାର ସ୍ୱତନ୍ତ୍ର ପରିଚୟ, ଏହାର ପ୍ରଚାର ପ୍ରସାର ପାଇଁ ଜଙ୍ଗଲ ପରିବେଶ ବିଭାଗ ପକ୍ଷରୁ ପଟ୍ଟାଙ୍ଗୀ, ନନ୍ଦପୁର କିମ୍ବା ସେମିଳିଗୁଡା ବ୍ଲକରେ ଏକ ହରିଣ ଉଦ୍ୟାମ (Dear Park) ସହ (SAFARI) କରିବା ପାଇଁ ସରକାର ବିଚାର କରିବେ କି, ଯଦି ହଁ ତେବେ କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## Company ଦ୍ୱାରା ଠିକା ନିଯୁକ୍ତି

2502 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ ଓ ବଡ଼ସାହି ବ୍ଲକରେ କେଉଁ ଠିକା Companyରେ କେଉଁ କେଉଁ ବିଭାଗରେ କେତେ ପରିମାଣରେ କର୍ମଚାରୀ ନିଯୁକ୍ତି ଦେଇଛନ୍ତି ତାହା ଜଣାଇବେ କି ଏବଂ କେଉଁ company କେତେ ଦରମା ଦେଉଛି ଏବଂ ଦୁର୍ନୀତି କରି ଲକ୍ଷ ଲ୍କକ୍ଷ ଟଙ୍କା ନିଯୁକ୍ତିରେ ନେଉଥିବାର ଖବର ଅଛି କି; ଏବଂ ସାରା ମୟୂର ଉକ୍ତ ଜିଲ୍ଲାରେ କେତେ ଠିକା କର୍ମଚାରୀ କେଉଁ companyରେ କେଉଁ ବିଭାଗରେ କାମ କରୁଛନ୍ତି ?

----

## ନୂତନ ସଡକ ନିର୍ମାଣ ଓ ପୁରୁଣା ସଡକ ମରାମତି ପାଇଁ ଆକଳନ

**2728 Shri Sitansu Sekhar Mohapatra (Bhadrak):**

Will the Minister for **Rural Development** be pleased to state that:- ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ନୂତନ ସଡକ ନିର୍ମାଣ, ପୁରୁଣା ସଡକ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ କେତେ ଅର୍ଥ ଆକଳନ କରାଯାଇଛି ; ଉକ୍ତ ସଡକ ପ୍ରକଳ୍ପଗୁଡିକର ବିବରଣୀ ସହ- କେଉଁ କାମ ସମ୍ପାଦିତ, କେଉଁଗୁଡିକ ଅଧାରେ ରହିଛି ଓ କେଉଁ ସଡକର କାର୍ଯ୍ୟ ଆରମ୍ଭ ହୋଇନାହିଁ ?

----

## ବ୍ଲକ ପୁନର୍ଗଠନ

**2729 Shri Sitansu Sekhar Mohapatra (Bhadrak):**

Will the Minister for **Panchayati Raj & Drinking Water** be pleased to state that:- ରାଜ୍ୟ ସରକାର ବ୍ଲକ ପୁନର୍ଗଠନ ପାଇଁ କିଛି ମୂଳ ଅଧ୍ୟୟନ ଓ ଖସଡା ପ୍ରସ୍ତାବ ପ୍ରସ୍ତୁତ କରିଛନ୍ତି କି ; ବିଶେଷତଃ ଭଦ୍ରକ ଜିଲ୍ଲାରେ ଜନସଂଖ୍ୟା ଅନୁସାରେ ବିଭାଜନ ଦରକାର ଥିବା ବ୍ଲକଗୁଡିକ ପୁନର୍ଗଠନ ହେବାର ଯୋଗ୍ୟ ଅଛି ବୋଲି ଲୋକାଲ ସ୍ତରରୁ ଯେଉଁ ସୁପାରିଶ ଆସୁଛି -ସେ ସମସ୍ତ ପ୍ରସଙ୍ଗରେ ସରକାର ତଥ୍ୟ ସହିତ ସ୍ପଷ୍ଟ କରିବେ କି?

----

## ରାସ୍ତାର ଦୁଇ ପାର୍ଶ୍ୱ ଜବରଦଖଲମୁକ୍ତ କରିବା

**2730 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଷ୍ଟେସନ ଛକରୁ ତାମୁଲିଆ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ ଓ ଡିଭାଇଡର ଆଦି ଉନ୍ନତିକରଣ ପାଇଁ କେତେ ଅର୍ଥ ବ୍ୟୟରେ ପ୍ରକଳ୍ପ ପ୍ରସ୍ତାବିତ ହୋଇଥିଲା ; ଉକ୍ତ ପ୍ରକଳ୍ପର ବର୍ତ୍ତମାନ ସ୍ଥିତାବସ୍ଥା କଣ ; କେବେ ସୁଦ୍ଧା ଏହାର DPR ହୋଇ tender ହେବ କହିବେ କି ; ଏହି ପ୍ରକଳ୍ପ design ର ତଥ୍ୟ ଦେବା ସହ project work checklist ପ୍ରଦାନ କରିବେ କି ; (ଖ) ଅରଡ ବଜାର ଗୋଳାପୋଲ ଠୁଁ ଦରଜୀ ପୋଖରୀ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱ ୟୁଟିଲିଟି area ରେ ଜବରଦଖଲ ହେବା କଥା ସତ୍ୟ କି ; ଉକ୍ତ ଜବରଦଖଲ ମୁକ୍ତ କରିବା ପାଇଁ ବିଭାଗ ଓ ଜିଲ୍ଲାପାଳଙ୍କୁ କହିବା ପରେ ମଧ୍ୟ କେଉଁ କାରଣ ପାଇଁ ଉଚ୍ଛେଦ ହୋଇନାହିଁ କହିବା ସହ କେବେ ଉଚ୍ଛେଦ ହେବ ବିଭାଗ ପକ୍ଷରୁ ପତ୍ରକରି ତାହାର ତାରିଖ ଓ eviction ନୋଟିସର ତଥ୍ୟ ପ୍ରଦାନ କରିବେ କି?

----

## ଡ୍ରେନେଜ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ

**2731 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶାର ସମସ୍ତ ସହରରେ ବିଭାଗ ପକ୍ଷରୁ ଡ୍ରେନେଜ ପାଇଁ ଯେଉଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା, ତାହାର ବର୍ତ୍ତମାନ ସୁଦ୍ଧା ସ୍ଥିତାବସ୍ଥା କଣ ; କେଉଁ ସହରର ପ୍ଲାନ୍ ସମ୍ପୂର୍ଣ୍ଣ ହୋଇ agency ଦ୍ୱାରା ବିଭାଗକୁ ପୈଠ ହୋଇ tender ପ୍ରକ୍ରିୟାକୁ ଯାଇଛି ; ପ୍ଲାନ୍ ପୈଠ ପାଇଁ ବିଭାଗ କିଛି time frame ରଖିଛନ୍ତି କି ; କେନ୍ଦ୍ର ସରକାର ଡ୍ରେନେଜ ମାଷ୍ଟର ପ୍ଲାନ ପାଇଁ ଆର୍ଥିକ କଣ ସହାୟତା ପ୍ରଦାନ କରୁଛନ୍ତି କହିବେ କି ; (ଖ) ଏହି ମର୍ମରେ ବାଲେଶ୍ୱର ସହରର ସ୍ଥିତାବସ୍ଥା କଣ ; ଡ୍ରେନେଜ ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଥିବା ସଂସ୍ଥା ନାମ/ଚୁକ୍ତି ଅନୁଯାଇ କାର୍ଯ୍ୟାରମ୍ଭ ଓ ଶେଷ ତାରିଖ ; ଅଦ୍ୟାବଧି ପ୍ଲାନ୍ comply କରି final ପ୍ଲାନ୍ ପୈଠ ନକରିବାର କାରଣ କଣ

----

## ଶ୍ରମ କୋଡର ପରିବର୍ତ୍ତନ

2732 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସର୍ବ ଭାରତୀୟ ସ୍ତରରେ ଶ୍ରମ କୋଡରେ ପରିବର୍ତ୍ତନ ହେବା ପରେ ନଗର ଉନ୍ନୟନ ବିଭାଗ ଅନ୍ତର୍ଗତ ପୌରପାଳିକା ଗୁଡିକରେ କାର୍ଯ୍ୟରତ BOV driver ମାନଙ୍କୁ ଉକ୍ତ ଆଇନରେ ସାମିଲ କରିବା ପାଇଁ ବିଭାଗ ପକ୍ଷରୁ ଶ୍ରମ ବିଭାଗକୁ ସୁପାରିଶ କରିବେ କି ; SWIGGY, Zomato Delivery Boy ମଧ୍ୟ ଏହି ନିୟମ ପରିସରଭୁକ୍ତ ହୋଇଥିବାରୁ ବିଭାଗ ଏହାକୁ ବିଚାର କରି EPF/ESIC ଭଳି ବିଭିନ୍ନ ସୁବିଧା ସୁଯୋଗ ପାଇବା ପାଇଁ ଉକ୍ତ ପ୍ରସ୍ତାବ ଉପରେ ବିଚାର କରିବେ କି?

----

## ଚାଲୁଥିବା ମେଗା ପାନୀୟଜଳ ପ୍ରକଳ୍ପର ସ୍ଥିତି

2733 **Shri Ashok Kumar Das (Basudevpur):**

Will the Minister for **Panchayati Raj & Drinking Water** be pleased to state that:- ଓଡିଶାରେ ଦୀର୍ଘଦିନ ଧରି ବିଶେଷ କରି ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟ ଚାଲୁଥିବା ମେଘା ପ୍ରକଳ୍ପର ସ୍ଥିତାବସ୍ଥା ସମ୍ପର୍କରେ ସରକାର ଜାଣନ୍ତି କି ; ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରି ହସ୍ତାନ୍ତର କରିବା ସହିତ କେବେ ସୁଦ୍ଧା ଜନହିତରେ କାର୍ଯ୍ୟ କରି ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ?

----

## ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନା ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟ

2734 **Shri Ashok Kumar Das (Basudevpur):**

Will the Minister for **Panchayati Raj & Drinking Water** be pleased to state that:- ଭଦ୍ରକ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ "ବିକଶିତ ଗାଁ ଓ ବିକଶିତ ଓଡିଶା" ଯୋଜନା ମାଧ୍ୟମରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ; ଏଥିନିମନ୍ତେ କେତେ ଅର୍ଥ ବ୍ୟୟ ଅଟକଳ କରାଯାଇଥିଲା ଓ କେତେ ଅର୍ଥ ବ୍ୟୟ କରାଯାଇଛି ; ପ୍ରକଳ୍ପର ସ୍ଥିତି ସମ୍ପର୍କରେ ବର୍ଷୱାରୀ ଓ ପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବେ କି ; ଅସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ?

----

## ମୁକ୍ତା ଯୋଜନା ଅର୍ଥ ବ୍ୟୟ

2735 **Shri Ashok Kumar Das (Basudevpur):**

Will the Minister for **Housing & Urban Development** be pleased to state that:- ଭଦ୍ରକ ଜିଲ୍ଲାର ବିଭିନ୍ନ ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମୁକ୍ତ ଯୋଜନା ମାଧ୍ୟମରେ 2020 ମସିହାରୁ ଆଜି ପର୍ଯ୍ୟନ୍ତ କେତେ ଅର୍ଥ ବ୍ୟୟ କରାଯାଇଛି ତାର ବର୍ଷୱାରୀ ଓ ପ୍ରକଳ୍ପୱାରୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ; ସହରାଞ୍ଚଳରେ ବାସଗୃହ ଯୋଜନାରେ ଆଜି ପର୍ଯ୍ୟନ୍ତ କେତେ ହିତାଧିକାରୀ ଘର ପାଇଛନ୍ତି ଓ ସେଥିମଧ୍ୟରୁ କେତେ ଘର ସମ୍ପୂର୍ଣ୍ଣ ହୋଇଛି ତାର ବର୍ଷୱାରୀ, ପୌରାଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦୱାରୀ ତଥ୍ୟ ପ୍ରଦାନ କରିବେ କି?

----

## ଅନୁସୂଚିତ ଜନଜାତିମାନଙ୍କ ଉନ୍ନତି ପାଇଁ ପେଷା ଆଇନ ଲାଗୁ

2736 **ଶ୍ରୀ ସି.ଏସ୍.ରାଜ୍ରେନ୍ ଏକ୍କା (ରାଜଗାଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ଅନୁସୂଚିତ ଜନଜାତିମାନଙ୍କ ଉନ୍ନତି ପାଇଁ ପେଷା ଆଇନ ଲାଗୁ କରିଛନ୍ତି କିନ୍ତୁ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ ପେଷା ଆଇନ ଲାଗୁ ନକରିବାର କାରଣ କଣ ; (ଖ) ରାଜ୍ୟ ସରକାର କେଉଁ ସମୟ ସୀମା ଭିତରେ ରାଜ୍ୟରେ ପେଷା ଆଇନ ଲାଗୁ କରିବେ?

----

## ମନରେଗା କାର୍ଯ୍ୟରେ ଆତ୍ମସାତ୍ ହୋଇଥିବା ଅର୍ଥ ସମ୍ପର୍କରେ

2737 **ଶ୍ରୀ ସି.ଏସ୍.ରାଜ୍ରେନ୍ ଏକ୍କା (ରାଜଗାଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ମନରେଗା କାର୍ଯ୍ୟ ମାନଙ୍କରେ ନିମ୍ନଲିଖିତ ପଞ୍ଚାୟତ ମାନଙ୍କରେ ଝରିଆଲ, କପିଲାଭଟା, ବେଲପଡା ଓ ଝଲପ ପଞ୍ଚାୟତ ସମିତିର file ଖୋଲି କାର୍ଯ୍ୟ ଆରମ୍ଭ ନକରି ମିଥ୍ୟା ବିଲ୍, ମିଥ୍ୟା ମାଷ୍ଟର ରୋଲ, ମିଥ୍ୟା ଭେଣ୍ଡର ଏବଂ Driver ନାଁରେ ଟଙ୍କା ଆତ୍ମସାତ କରୁଥିବା ସରକାର ଜାଣନ୍ତି କି ; ଯଥା ରାଣୀପୁର ଝରିଆଲ ପଞ୍ଚାୟତ-(1) ତଲବନ୍ଧ ଟେଙ୍କ ରାଣୀପୁର ୱାର୍କ କୋଡ-1116578୨, (2) ବେହେରାବନ୍ଧ ଟେଙ୍କ ରାଣୀପୁର ୱାର୍କ କୋଡ-11165822, (3) ଉପରବନ୍ଧ ଟେଙ୍କ ରାଣୀପୁର ୱାର୍କ କୋଡ-11165675, (4) ଝରିଆଲ ରୁ ଝାକରପଡା ରାସ୍ତା ୱାର୍କ କୋଡ-10590977, (5) ନର୍ଲାବନ୍ଧରୁ ବାଲିଖମାର ରାସ୍ତା ୱାର୍କ କୋଡ-1061401୪, (6) ରାଣୀପୁର ଝରିଆଲ RD ରାସ୍ତାରୁ Rural Park ୱାର୍କ କୋଡ-10590976, (7) ପ୍ଲେଗ୍ରାଉଣ୍ଡ ଝରିଆଲ ୱାର୍କ କୋଡ-10501736, (୪) ନୂଆବନ୍ଧ ଟେଙ୍କ ଝରିଆଲ ୱାର୍କ କୋଡ-111୬୨୨୪୨

----

## ପଞ୍ଚାୟତ ସମିତି କାର୍ଯ୍ୟରେ ଦୁର୍ନୀତି

2738 **ଶ୍ରୀ ସି.ଏସ୍.ରାଜ୍ରେନ୍ ଏକ୍କା (ରାଜଗାଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କପିଲ ଭଟା ପଞ୍ଚାୟତ-(1) ବହଲମୁଣ୍ଡା ମାଟି ଖନନ, (2) ଉପରମୁଣ୍ଡା ମାଟି ଖନନ, (3) ଶିବ ମନ୍ଦିର ଠାରୁ ବାହାଲ ରାସ୍ତା, (4) ବିସ୍ତାପିତ ଖାଇମୁଣ୍ଡା ମାଟି ଖନନ, (5) ବିସ୍ତାପିତ ମଣ୍ଡା ମାଟି ଖନନ, (6) ବଲିମୁଣ୍ଡା ମଣ୍ଡା ମାଟି ଖନନ, (7) ମାଲମୁଣ୍ଡା ମଣ୍ଡା ମାଟି ଖନନ, (8) ପିପଲ ବନ୍ଧ ମଣ୍ଡା ମାଟି ଖନନ ; ବେଲପଡା ପଞ୍ଚାୟତ ମହୁଲମୁଣ୍ଡା, ମହାବନ୍ଧ, ଗୋଚର ମୁଣ୍ଡା, ସିନା ମୁଣ୍ଡା, ନୂଆମୁଣ୍ଡା, ଦେଓଗାଁ ରୁ ତେଲିପଦର ରାସ୍ତା, ଦେଓଗାଁ ରୁ ବଗ ବାହାଲ ରାସ୍ତା, ବୁଆସେନ ଜୋର ମାଟି ଖନନ ଏବଂ ଲୁହାକାନି Guard Wall ; ଝଲପରେ 100 ରୁ ଉର୍ଦ୍ଧ ପଞ୍ଚାୟତ ଏବଂ ପଞ୍ଚାୟତ ସମିତି କାର୍ଯ୍ୟରେ ବହୁ ପରିମାଣରେ ଦୁର୍ନୀତି ହୋଇଥିବା ସରକାର ଜାଣନ୍ତି କି ; ଏହି ସମସ୍ତ ଦୁର୍ନୀତିର ସରକାର ଉଚ୍ଚ ସ୍ତରୀୟ ତଦନ୍ତ କରାଇବେ କି?

----

## ଶୋଚନୀୟ ରାସ୍ତାର ଉନ୍ନତିକରଣ

**2739 ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର)ः**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବେଗୁନିଆପଡା ବ୍ଲକରେ ଥିବା R.D. Department ର ଅଧିକାଂଶ ରାସ୍ତାର ଅବସ୍ଥା ଶୋଚନୀୟ ଅବସ୍ଥାରେ ଥିବାରୁ ଏହାର ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବେ କି?

----

## ନିମ୍ନମାନର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ

**2740 ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ମେଗା ପାନୀୟ ଜଳ ପ୍ରକଳ୍ପରେ K.E.C. & L.N.T. ସଂସ୍ଥା କାର୍ଯ୍ୟ କରୁଛନ୍ତି ; ସେ ସବୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି, ଏହାର ପ୍ରତିକାର ସ୍ୱରୂପ ତୁରନ୍ତ ଏହା ଉପରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ନେବେ କି?

----

## ଅନ୍ତ୍ୟୋଦୟ ଗୃହ ଯୋଜନାର ଯୋଗ୍ୟତାର ମାପକାଠି

**2741 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ବଜେଟରେ ପ୍ରାବଧାନ କରାଯାଇଥିବା ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ 150 କୋଟି ଟଙ୍କାରୁ କେତେ ଅର୍ଥ ଆବଣ୍ଟିତ ହୋଇ କେତେ ଜଣ ହିତାଧିକାରୀଙ୍କୁ ଅଦ୍ୟାବଧି ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି ତାର upto date ଜିଲ୍ଲାୱାରୀ ସବିଶେଷ ତଥ୍ୟ ହିତାଧିକାରୀଙ୍କ ନାମ ଓ ଠିକଣା ସହିତ ପ୍ରଦାନ କରିବେ କି ; (ଖ) ଆଠଗଡ ନିର୍ବାଚନ ମଣ୍ଡଳୀରୁ କେତେଜଣ ହିତାଧିକାରୀ ଏହି ଯୋଜନାରେ ଆବେଦନ କରିଥିଲେ ତନ୍ମଧ୍ୟରୁ କେତେଜଣ ସାମିଲ ହୋଇ ସହାୟତା ପାଇଛନ୍ତି ଏବଂ କେଉଁମାନଙ୍କର କେଉଁ କାରଣ ପାଇଁ ଅଦ୍ୟାବଧି ଗୃହଗୁଡ଼ିକ ତଦନ୍ତ ହୋଇ ପାରିନାହିଁ ତାର ସମସ୍ତ ବିବରଣୀ ସହିତ କେତେଜଣ ଏହି ସହାୟତାରୁ ବଞ୍ଚିତ ହୋଇଛନ୍ତି ତାର ବ୍ଲକୱାରୀ, ପଞ୍ଚାୟତୱାରୀ, ହିତାଧିକାରୀଙ୍କ ନାମ, ଠିକଣା ଓ ସଂଖ୍ୟା ସହ ଏକ upto date ବିବରଣୀ ପ୍ରଦାନ କରିବେ କି ; ଏହି ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟତାର ମାପକାଠି କଣ ଏବଂ ହିତାଧିକାରୀଙ୍କୁ କେତେ ପରିମାଣ ଅଂଶଧନ ଏବଂ ସରକାର କେତେ ଅଂଶଧନ ପ୍ରଦାନ କରିବାର ପ୍ରାବଧାନ ସରଳ ଭାବେ ବିବରଣୀ ଦେବେ କି?

----

## ଗଞ୍ଜାମ ଜିଲ୍ଲାର ନୂତନ ମୁନିସିପାଲିଟି ଓ କର୍ପୋରେସନ ଘୋଷଣା

2742 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗଞ୍ଜାମ ଜିଲ୍ଲାର କେଉଁ କେଉଁ ସହର ମୁନିସିପାଲିଟି ଓ କର୍ପୋରେସନ ହେବାକୁ ସରକାର ଘୋଷଣା କରିଛନ୍ତି ଓ ତାହା କେବେ କାର୍ଯ୍ୟକାରୀ ହେବ ; (ଖ) ଛତ୍ରପୁର-ବ୍ରହ୍ମପୁର ମୁନିସିପାଲିଟିରେ କେଉଁ କେଉଁ ଗ୍ରାମ ମିଶ୍ରଣ ହେବ ଉକ୍ତ ଗ୍ରାମ ପଞ୍ଚାୟତରେ କେବେ ଜନଶୁଣାଣୀ (Public hearing) ହୋଇଥିଲା ଓ ସେଥିରେ ଲୋକଙ୍କ ମତାମତ କଣ ଜଣାଇବେ କି ; ପଞ୍ଚାୟତ ଅପେକ୍ଷା ମୁନିସିପାଲିଟିରେ ଲୋକ ଅଧିକ କଣ ଉପକୃତ ହେବେ?

----

## Home based workers as a distinct category

2743 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the State Government recognizes home-based workers as a distinct category within the informal workforce in Odisha; (b) If so, what steps have been taken to include them in labour and social security policies of the State; Whether any survey or study has been conducted by the State Government or in collaboration with any agency to estimate the number, nature of employment and working conditions of home-based workers in Odisha; If yes, the details and key findings of such survey, including district-wise data, if available; If not the reasons therefor?

----

## **PESA ଆଇନ କାର୍ଯ୍ୟକାରୀ**

**2744 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ PESA ଆଇନ କାର୍ଯ୍ୟକାରୀ କରିବା ପାଇଁ ନୂତନ ସରକାର ବିଚାର କରୁଛନ୍ତି କି ; ଯଦି ଉତ୍ତର ହଁ ହୁଏ, ତେବେ କେବେ ସୁଦ୍ଧା ଏହା କାର୍ଯ୍ୟକାରୀ କରାଯିବ ?

----

## **ବର୍ଜ୍ୟବସ୍ତୁକୁ ରିସାଇକ୍ଲିଂ କରିବା ପାଇଁ Bio-Recycling Plant ସ୍ଥାପନ**

**2745 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନାବେଡା ମ୍ୟୁନିସିପାଲିଟି ଓ ସେମିଳିଗୁଡା ଅଞ୍ଚଳରେ ଅଳିଆ ଆବର୍ଜନା ସହ ଦୂଷିତ ଜଳ ସବୁ ଯାଇ ସ୍ଥାନୀୟ ନଦୀରେ ସିଧାସଳଖ ପଡୁଥିବା ଯୋଗୁଁ ହଇଜା ଓ ଅନେକ ମହାମାରୀ ବ୍ୟାପୁଥିବା ସତ୍ୟ କି ; ସରକାର ଏହି ସବୁ ଅଳିଆ ଓ ଆବର୍ଜନାଗୁଡିକୁ ରିସାଇକ୍ଲିଂ କରିବା ପାଇଁ Bio-Recycling Plant ଏବଂ ଦୂଷିତ ଜଳ ବିଶୁଦ୍ଧ କରିବା ପାଇଁ Water Treatment Plant ସ୍ଥାପନ କରିବା ପାଇଁ ପଦକ୍ଷେପ ନେବେ କି?

----

## **ଗ୍ରାମ ପଞ୍ଚାୟତର ପାଣି ଯୋଗାଣରେ ଗୋଳିଆ ପାଣି ଛାଡିବା**

**2746 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲା ଅଧୀନସ୍ଥ ତିର୍ତ୍ତୋଲ ବ୍ଲକର କେତୋଟି ଗ୍ରାମ ପଞ୍ଚାୟତର ପାଣଇ ଯୋଗାଣ ସେଣ୍ଟର ମାନଙ୍କରେ ଗୋଳିଆ ପାଣି ବିଶୋଧନ ଯନ୍ତ୍ର ଏବଂ Power backed generator ମାନ ନଥିବା ସରକାର ଜାଣିଛନ୍ତି କି, ଉପରୋକ୍ତ ଯନ୍ତ୍ରମାନଙ୍କର ଅଭାବ ସରକାର ଜାଣିଛନ୍ତି କି, ଉପରୋକ୍ତ ଯନ୍ତ୍ରମାନଙ୍କର ଅଭାବ କାରଣରୁ ଜନସାଧାରଣ ଗୋଳିଆ ପାଣି ବ୍ୟବହାର କରିବାକୁ ବାଧ୍ୟ ହୋଇ ବିଭିନ୍ନ ପ୍ରକାର ଜଳ ଜନିତ ରୋଗରେ ପୀଡିତ ହେବା ସହ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଜଳ ଯୋଗାଣ ବ୍ୟାହତ ହେଉଥିବା ଖବର ସରକାରଙ୍କର ନଜରକୁ ଆସିଛି କି, ସମ୍ପୃକ୍ତ ବିଭାଗର ଅଧିକାରୀମାନେ କେତେ ଥର ସମ୍ପୃକ୍ତ ଅଞ୍ଚଳ ଗସ୍ତ କରିଛନ୍ତି ?

----

## **ସର୍ବସାଧାରଣ ରାସ୍ତା ଜବରଦଖଲ ମୁକ୍ତ କରିବା**

**2747 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ଜାଗମରା ମୌଜାର ଖାତା ନଂ ୯୩୭ ପ୍ଲଟ ନଂ ୧୪୬୮ ର କେତେ ପରିମାଣର ଜାଗା ଲୋକମାନଙ୍କର ଯାତାୟତ ପାଇଁ BMC କୁ କେବେ gift କରିଥିଲେ ଏବଂ BMC କେବେ ଅଧିଗ୍ରହଣ/ଅକ୍ତିୟାର କରିଥିଲା।, ରାସ୍ତାପାଇଁ ଉଦ୍ଦିଷ୍ଟ ଜାଗା ବର୍ତ୍ମାନ ଜବରଦଖଲରେ ଥିବା ସରକାର ଜାଣନ୍ତି କି, ଏହା ଉପରେ ଘର ନିର୍ମାଣ ହୋଇଥିବାରୁ ଜନସାଧାରଣ ଯାତାୟତରେ ଅସୁବିଧା ଭୋଗୁଥିବା ବିଷୟରେ ସରକାରଙ୍କୁ ଜଣାଇଲେ ମଧ୍ୟ କିଛି ପଦକ୍ଷେପ ନ ନେବାର କାରଣ କ'ଣ; ସରକାରୀ / ସର୍ବସାଧାରଣ ଜାଗାକୁ ଜବରଦଖଲମୁକ୍ତ କରିବେ ବୋଲି ବାରମ୍ବାର ଘୋଷଣା କରୁଥିଲେ ମଧ୍ୟ ଏହି ସର୍ବସାଧାରଣ ରାସ୍ତାକୁ ଜବରଦଖଲ ମୁକ୍ତ ନ କରିବାର କାରଣ କ'ଣ ସରକାରୀ/ସର୍ବସାଧାରଣ ଜାଗାକୁ ଜବରଦଖଲ ମୁକ୍ତ କରିବେ ବୋଲି ବାରମ୍ବାର ବାରମ୍ବାର ଘୋଷଣା କରୁଥିଲେ ମଧ୍ୟ ଏହି ସର୍ବସାଧାରଣ ରାସ୍ତାକୁ ଜବରଦଖଲ ମୁକ୍ତ ନକରିବାର କାରଣ କ'ଣ, କେବେ ସୁଦ୍ଧା ରାସ୍ତାକୁ ଜବରଦଖଲ ମୁକ୍ତ କରିବେ ?

----

## ରାସ୍ତାଘାଟ ଆଲୋକିକରଣ

2748 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ରାସ୍ତାଘାଟ ଆଲୋକୀକରଣ ପାଇଁ ବର୍ତ୍ତମାନ କେଉଁ ସଂସ୍ଥାକୁ ଦାୟୀତ୍ୱ ନ୍ୟସ୍ତ ହୋଇଛି ଏବଂ କେତେ ଦିନ ମିଆଦୀ ଭିତ୍ତିକ, ଚୁକ୍ତିନାମାନୁଯାୟୀ ଲାଇଟ୍ ଜଳୁ ନଥିବା ସମୟ ପାଇଁ ସଂସ୍ଥାର ପାଉଣାରୁ ଅର୍ଥ କରାଯାଉଛି କି, ଯଦି ହଁ, ଏବେ ସୁଦ୍ଧା କେତେ ଅର୍ଥ ସମ୍ପୃକ୍ତ ସଂସ୍ଥାଠାରୁ ଆଦାୟ ହୋଇଛି, ଯଦି ନାଁ, ସ୍ମାର୍ଟ ସିଟି ଅଞ୍ଚଳ ସବୁ ଅଠଧାରରେ ରହି ଜନସାଧାରଣ ଭୋଗୁଥିବା ନାହିଁ ନଥିବା ଦୁର୍ଦ୍ଦଶା ପାଇଁ ଦାୟୀ କିଏ ?

----

## ନିର୍ମାଣ ସେତୁ ପାଇଁ ଅର୍ଥ ଆବଶ୍ୟକ

2749 **Shri Sudhir Ranjan Pattjoshi (Dharmgarh):**

Will the Minister for **Rural Development** be pleased to state that:- (କ) ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ନଦୀ ଓ ନାଳ ଗୁଡ଼ିକରେ ସେତୁ ନଥିବା କାରଣରୁ ସାଧାରଣ ଜନତା ଯାତାୟତରେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏବଂ ବିପଦସଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବା ପରିପ୍ରେକ୍ଷୀରେ କେଉଁ ବ୍ଲକରେ କେତେଗୋଟି ସେତୁ ନିର୍ମାଣର ଆବଶ୍ୟକତା ରହିଛି ତା'ର ସର୍ଭେ କରାଯାଇଛି କି, ଯଦି କରାଯାଇଛି ତା'ର ବିବରଣୀ ଉପସ୍ଥାପନ କରିବା ସହ, (ଖ) ତନ୍ମଧ୍ୟରୁ କେତୋଟିର କାମ ଆରମ୍ଭ ହୋଇଛି ଓ ବାକିଥିବା ସେତୁ ଗୁଡିକ ପାଇଁ କେତେ ଅର୍ଥ ଦରକାର ତାହା ଜଣାଇବେ କି ; ଏବଂ ଚଳିତ ବର୍ଷ ଆଠଗଡ଼ରେ ଥିବା ପବିତ୍ର ଧବଳେଶ୍ୱର ପୀଠକୁ ସଂଯୋଗ କରିବା ପାଇଁ ଆଉ ଏକ ନୂତନ ସେତୁ ନିର୍ମାଣ କରିବା ପାଇଁ ସରକାର ବିଚାର କରିବେ କି ?

----

## (SUDA) ଦ୍ୱାରା ଉଠା ଦୋକାନୀଙ୍କ ଉନ୍ନତି

**2750 Shri Sudhir Ranjan Pattjoshi (Dharmgarh):**

Will the Minister for **Housing & Urban Development** be pleased to state that:- ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA) ଦ୍ୱାରା ରାଜ୍ୟରେ ପଞ୍ଜିକୃତ ଉଠା ଦୋକାନୀମାନଙ୍କ ଜୀବନ-ଜୀବିକାର ଉନ୍ନତି ନିମନ୍ତେ କ'ଣ ଯୋଜନା ଗ୍ରହଣ କରିଛନ୍ତି ଅବା କରିବା ଚିନ୍ତା କରୁଛନ୍ତି, ଯଦି 'ହଁ', ତେବେ ଧର୍ମଗଡ଼ ସହରକୁ ପ୍ରାଥମିକତା ସହ ଗ୍ରହଣ କରିବେ, ବର୍ତ୍ତମାନ ସୁଦ୍ଧା ଧର୍ମଗଡ଼ରେ କେତେ ପଞ୍ଜିକୃତ ଉଠା ଦୋକାନୀ ଅଛନ୍ତି ନାମ ସହ ସଂଖ୍ୟା ଦେବେ କି, ରାଜ୍ୟର ସବୁ ସହରରେ ଉଠା ଦୋକାନୀମାନଙ୍କ ସମୀକ୍ଷା ଓ ପଞ୍ଜିକରଣ କରିବାର ପ୍ରସ୍ତାବ ସରକାରଙ୍କ ଅଛି କି, ଯଦି 'ହଁ' ତେବେ କେବେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବାର କଥା ସରକାର ଚିନ୍ତା କରୁଛନ୍ତି, ଏବଂ ଆରମ୍ଭ ହେବାର କେତେ ସମୟ ମଧ୍ୟରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବ ?

----

### Sanctioned or released any funds to media Houses

**2751 Shri Sarada Prasad Nayak (Rourkela):**

Will the Minister for **Forest, Environment and Climate Change** be pleased to state that:- The state whether the Department has sanctioned or released any funds to media houses in Odisha for climate-related activities, awareness programmes, reporting initiatives, workshops, or environmental communication campaigns during the last financial year and the current financial year; and furnish media-house-wise details of the amount sanctioned, purpose of funding, date of release, selection criteria, and outcomes or deliverables achieved under each sanctioned project?"

----

### Govt. clarify Smart City Mission Projects

**2752 Shri Sarada Prasad Nayak (Rourkela):**

Will the Minister for **Housing & Urban Development** be pleased to state that:- Clarify whether the Smart City Mission projects in Bhubaneswar and Rourkela are still under implementation; and furnish project-wise details of works completed, ongoing and pending, along with total funds sanctioned, released and utilised; and if any project has been closed, dropped or called off, state the reasons, date of closure, and action taken to complete or shift those projects under other schemes?

----

### Total funds allocated, released & utilised under Jal Jeevan Mission

**2753 Shri Sarada Prasad Nayak (Rourkela):**

Will the Minister for **Panchayati Raj & Drinking Water** be pleased to state that:- Clarify the total funds allocated, released and utilised under the Jal Jeevan Mission (JJM) and Viksit Gaon Viksit Odisha (VGVO) for the current financial year 2025-26; and furnish the district-wise progress, including targets vs. achievements, status of Mega Piped Water Supply Projects, reasons for delays, and measures taken to address water- scarce and quality-affected habitations?

----

## ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ

**2754** **Shri Ramesh Chandra Behera (Daspalla):**

Will the Minister for **Panchayati Raj & Drinking Water** be pleased to state that:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଗଣିଆ, ଦଶପଲ୍ଲା ଓ ନୂଆଗାଁ ବ୍ଲକରେ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ କେଉଁ ବ୍ଲକକୁ କେତେ ଟଙ୍କା ବ୍ୟୟରେ ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁରୀ କରାଯାଇଅଛି; ଏବେଶୁଦ୍ଧା କେଉଁ ବ୍ଲକରେ କେତେ ଟଙ୍କା ବ୍ୟୟରେ ଶତକଡା କେତେ ଭାଗ କାର୍ଯ୍ୟଶେଷ କରାଯାଇଅଛି ଓ କେବେଶୁଦ୍ଧା ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମ କରାଯିବ ଜଣାଇବେ କି ?

----

## ଦାଦନ ପ୍ରବଣ ଜିଲ୍ଲା ଚିହ୍ନଟ

**2755** **Shri Ramesh Chandra Behera (Daspalla):**

Will the Minister for **Labour & Employees State Insurance** be pleased to state that:- ରାଜ୍ୟରେ କେଉଁ କେଉଁ ଜିଲ୍ଲାକୁ ଦାଦନ ପ୍ରବଣ ଜିଲ୍ଲା ଭାବେ ସରକାର ଚିହ୍ନଟ କରିଛନ୍ତ ପୂର୍ବରୁ ଏହି ଜିଲ୍ଲା ଗୁଡିକରେ ଦାଦନ ନିରାକରଣ ପାଇଁ କି କି ଯୋଜନା କାର୍ଯକାରି ହେଉଥିଲା ଓ ବର୍ତ୍ତମାନର ସରକାର ଉକ୍ତ ଜିଲ୍ଲା ଗୁଡିକରେ କେଉଁ କେଉଁ ଅତିରିକ୍ତ ସ୍ୱତନ୍ତ୍ର ଲୋକମାନଙ୍କୁ ବିକଳ୍ପ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି ପ୍ରକାଶ କରିବେ କି; ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ରୋକଗାର ଦେବା ପାଇଁ ସରକାରଙ୍କ ଠୋସ ଯୋଜନା କଣ ?

----

## ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତପ୍ତିର ପ୍ରଭାବ

**2756** **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତପ୍ତିର ପ୍ରଭାବ ଓଡ଼ିଶାରେ ପରିବର୍ତ୍ତିତ ହୋଇଛି କି, ଉତ୍ତର ହଁ ହୋଇଥିଲେ, ଏଥିଯୋଗୁଁ ରାଜ୍ୟରେ ହାରାହାରି ତାପମାତ୍ର ଯଦି ବୃଦ୍ଧି ପାଉଛି ତେବେ ତାହା କେତେ ବଢିଲାଣି ଓ ଆଗାମୀ ଦିନରେ ଆହୁରି କେତେ ବଢିବ ବୋଲି ଆଶଙ୍କା ରହୁଛି, ଏ ସବୁର ପ୍ରତିକାର ଲାଗି ସରକାର କି ପଦକ୍ଷେପ ନେଉଛନ୍ତି ?

----

### ସହରରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ

**2757** **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ସହରରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ଲାଗି ସରକାର ପଦକ୍ଷେପ ନେଉଛନ୍ତି କି, ଉତ୍ତର ହଁ ହୋଇଥିଲେ, ଏଦିଗରେ ଏଯାଏଁ କ'ଣ କରାଯାଇଛି ଓ ଭବିଷ୍ୟତ ଲାଗି କି ଯୋଜନା ହୋଇଛି ?

----

### Percentage of forest land diverted

**2758** **Shri Sagar Charan Das (Bhawanipatna):**

Will the Minister for **Forest, Environment and Climate Change** be pleased to state that:- What percentage of forest land was diverted and allocated for industrial use and in which year till date, and also answer what percentage of the allocated land is still unutilized by industries, and what percentage of the unused land is reclaimed back from the industries so far; provide industry-wise data for the same for the district ?

----

### Launched the Antyodaya Griha Yojana

**2759** **Shri Sagar Charan Das (Bhawanipatna):**

Will the Minister for **Panchayati Raj & Drinking Water** be pleased to state that:- The state government has launched the Antyodaya Griha Yojana from Bhawanipatna, with a commitment to provide basic amenities, including clean drinking water, toilets, LPG, and electricity; what is the timeline and target number of houses to be built specifically in Kalahandi district, and how will the government ensure that the poorest in Bhawanipatna block are covered?

----

### Violation cases of fly ash generation

**2760** **Shri Sagar Charan Das (Bhawanipatna):**

Will the Minister for **Forest, Environment and Climate Change** be pleased to state that:- Recent findings from the Odisha State Pollution Control Board (OSPCB) inspections and media reports (August-October 2025) indicate rising complaints from nearby habitations regarding air pollution, ash dyke breaches, and unscientific low-lying area filling; will the government a. The

updated, district-wise and plant-wise (as of October 2025) data on fly ash generation, utilization, and unutilized fly ash stock across all thermal power plants and industries in Odisha, including NTPC, OPGC, and state captive units, since the data sought earlier remained unanswered; b. The district and plant-wise violation cases of fly ash generation and management in the last 36 months; and the steps taken by the government against the violations ?

----

## ଶିଶୁ ଶ୍ରମିକ ହ୍ରାସ ପାଇଁ ପଦକ୍ଷେପ

**2761 Smt. Subasini Jena (Basta):**

Will the Minister for **Labour & Employees State Insurance** be pleased to state that:- (କ) ଗତ ଦୁଇବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ କେତେ ସଂଖ୍ୟକ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ତାହାର ଜିଲ୍ଲା ୱାରୀ ଏକ ତାଲିକା ପ୍ରଦାନ କରିବେ କି; ଏଥି ସହିତ ଉଦ୍ଧାର ପାଇଥିବା ଶିଶୁ ଶ୍ରମିକ ମାନଙ୍କର ଥଇଥାନ ବାବଦରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି; (ଖ) ରାଜ୍ୟରେ ଶିଶୁ ଶ୍ରମିକ ଏବଂ ଗୋଡି ଶ୍ରମିକ ହ୍ରାସ କରିବା ପାଇଁ ସରକାରଙ୍କ ପଦକ୍ଷେପ କଣ ରହିଛି ?

----

## ଦୁଃସାଧ୍ୟ ରୋଗର ଚିକିତ୍ସା ପାଇଁ ESI ତରଫରୁ ବ୍ୟବସ୍ଥା

**2762 Smt. Subasini Jena (Basta):**

Will the Minister for **Labour & Employees State Insurance** be pleased to state that:- (କ) ସମଗ୍ର ରାଜ୍ୟର ଶିଳ୍ପ ସମୃଦ୍ଧ ଜିଲ୍ଲା ମାନଙ୍କରେ ESI ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପଦକ୍ଷେପ ଏବଂ ଅସଂଗଠିତ ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବାରେ ଶ୍ରମ ଓ ESI ବିଭାଗର ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି, (ଖ) ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ESI ହସ୍ପିଟାଲ ଓ ଡିସପେନସାରି ଗୁଡ଼ିକରେ ଆସୁଥିବା ରୋଗୀଙ୍କ ତୁଳନାରେ ହାରାହାରି କେତେ ସଂଖ୍ୟାରେ ଡାକ୍ତର ନିଯୁକ୍ତି ପାଇଛନ୍ତି, ଏଥି ସହିତ ଦୁଃସାଧ୍ୟ ରୋଗର ଚିକିତ୍ସା ପାଇଁ ESI ତରଫରୁ କଣ ସବୁ ବ୍ୟବସ୍ଥା କରାଯାଇଛି ?

----

## ଜଙ୍ଗଲ ଜମି ଜବରଦଖଲ ମୁକ୍ତ କରିବା

**2763 Smt. Subasini Jena (Basta):**

Will the Minister for **Forest, Environment and Climate Change** be pleased to state that:- ସମଗ୍ର ରାଜ୍ୟର କେଉଁ କେଉଁ ଜିଲ୍ଲାର କେତେ ହେକ୍ଟର ଅଞ୍ଚଳରେ Notified Reserved Forest, Proposed Reserved Forest, Protected Forest & Village

Forest ରହିଛି, ସେଥିମଧ୍ୟରୁ କେତେ ହେକ୍ଟର ଅଞ୍ଚଳ କେତେ ବର୍ଷ ହେଲାଣି ଜବରଦଖଲରେ ରହିଛି, ସେହି ଜବରଦଖଲକାରୀ ମାନଙ୍କୁ ହଟାଇବା ବା ଜବରଦଖଲ ମୁକ୍ତ କରିବାକୁ ପଦକ୍ଷେପ ସମ୍ବନ୍ଧରେ ସମ୍ପୂର୍ଣ ବିବରଣୀ ପ୍ରଦାନ କରିବେ କି ?

----

## ମୁକ୍ତା ଯୋଜନାରେ ଅନିୟମିତତା

**2764** **Shri Satyajeet Gomango (Gunupur):**

Will the Minister for **Housing & Urban Development** be pleased to state that:- ପୌରାଞ୍ଚଳରେ କାର୍ଯ୍ୟକାରୀ ହୋଇଥିବା ମୁକ୍ତା ଯୋଜନାରେ ରାୟଗଡା ଜିଲାରେ ହୋଇଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କଣ ପଦକ୍ଷେପ ଗ୍ରହଣ କରାଯାଇଛି, ମୁଖ୍ୟମନ୍ତ୍ରୀ ସହରାଞ୍ଚଳ ଉନ୍ନୟନ ଯୋଜନାରେ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗୁଣପୁର ପୌର ପାଳିକାକୁ କେତେ ଅନୁଦାନ ଦିଆଯାଇଛି, ୩ ସହରାଞ୍ଚଳରେ ଜବରଦଖଲ ଉଚ୍ଛେଦ କରିବାକୁ ଆଜି ପର୍ଯ୍ୟନ୍ତ କଣ ପଦକ୍ଷେପ ଗ୍ରହଣ କରାଯାଇଛି ?

----

## PMGSY ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଗଛଡ଼ାଳ ଓ ଘାସବୁଦା

**2765** **Shri Satyajeet Gomango (Gunupur):**

Will the Minister for **Rural Development** be pleased to state that:- ରାୟଗଡା ଜିଲ୍ଲାର PMGSY ରାସ୍ତାର ଦୁଇ ପାର୍ଶ୍ୱରେ ଗଛ ଡାଳ ଓ ଘାସବୁଦା ଗୁଡିକ ରାସ୍ତା ଉପରେ ଅକ୍ତିଆର ଯୋଗୁଁ ଅନେକ ଦୁର୍ଘଟଣା ଘଟି ଯାତ୍ରୀ ମାନଙ୍କ ପ୍ରାଣ ହାନି ଘଟୁଛି, ଏହାର ପ୍ରତିକାର ପାଇଁ କଣ ଯୋଜନା କରିଛନ୍ତି ?

----

## ଫୁଲବାଣୀ ସହରଠାରେ ଥିବା ବୃହତ ପୋଖରୀର ଉନ୍ନତିକରଣ

**2766** **Shri Uma Charan Mallick (Phulbani):**

Will the Minister for **Housing & Urban Development** be pleased to state that:- କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀଠାରେ ମନୋରଞ୍ଜନ ପାଇଁ କୌଣସି ଭିତ୍ତିଭୂମି ନାହିଁ, ଫୁଲବାଣୀ ମୁଖ୍ୟ ବଜାର ନିକଟରେ ଥିବା ୩ ଗୋଟି ବୃହତ ପୋଖରୀର ସୌନ୍ଦର୍ଯ୍ୟକରଣ, ଭିତ୍ତିଭୂମିର ବିକାଶ ସହ ବୋଟିଙ୍ଗ ବ୍ୟବସ୍ଥା ଆରମ୍ଭ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିବେ କି ?

----

## ଏକୋ - ରିଟ୍ରୀଟ ନିର୍ମାଣ

**2767** **Shri Uma Charan Mallick (Phulbani):**

Will the Minister for **Forest, Environment and Climate Change** be pleased to

state that:- ଫୁଲବାଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଟୁଡି, ଉର୍ମାଗଡ, ପକୋଡ଼ାଝର ଭଳି ଜଳପ୍ରପାତ ନିକଟରେ ଏକୋ-ରିଗ୍ରୀଟ ନିର୍ମାଣର ଆବଶ୍ୟକତା ରହିଛି, ଏଥିପାଇଁ କୌଣସି ବ୍ୟବସ୍ଥା କରିବେ କି ?

----

## ନିର୍ମାଣାଧୀନ ସେତୁର ସ୍ଥିତି

2768 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନିର୍ମାଣଧନ ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ବିଗତ ତିନି ବର୍ଷ ଚଳିତ ଆର୍ଥିକ ବର୍ଷ ମଧ୍ୟରେ କେତେସଂଖ୍ୟକ ପ୍ରକଳ୍ପ ନିର୍ଦ୍ଧାରିତ ଅବଧି ମଧ୍ୟରେ ସଂପୂର୍ଣ୍ଣ ହୋଇନାହିଁ, ତାହାର ପ୍ରମୁଖ କାରଣ ସହ ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ନିର୍ଦ୍ଧରିତ ଅବଧି ମଧ୍ୟରେ ପ୍ରକଳ୍ପ ସଂପୁର୍ଣ୍ଣ ନହେବା ଯୋଗଁ କେଉଁମାନଙ୍କୁ ଉତ୍ତରଦାୟୀ କରାଯାଇଛି, କଳାହାଣ୍ଡି ଜିଲ୍ଲାର ଥୁ. ରାମପୁର ବ୍ଲକ ଅନ୍ତର୍ଗତ ଡିଚେପଟା ଘାଟରେ ନିର୍ମାଣଧିନ ସେତୁର ସ୍ଥିତି କଣ ଏହା କେବେସୁଦ୍ଧା ଶେଷ ହେବ?

----

## କଳାହାଣ୍ଡି ଜିଲ୍ଲାର ନିର୍ମାଣଧିନ ବୃହତ ପାନୀୟ ଜଳ ପ୍ରକଳ୍ପର ସ୍ଥିତି

2769 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତେଗୋଟି ବୃହତ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ହେଉଅଛି, କେବେସୁଦ୍ଧା ଏହା ସଂପୁର୍ଣ୍ଣ ହେବାର ଲକ୍ଷ୍ୟଥିଲା ଓ କେତେଗୋଟି କେଉଁ ସ୍ଥାନମାନଙ୍କରେ କାର୍ଯ୍ୟ ଶେଷ ହୋଇ ପାନୀୟଜଳ ଯୋଗାଣ ପ୍ରଦାନ କରାଯାଉଅଛି, ଏହାର ଜିଲ୍ଲାୱାରୀ ତଥ୍ୟ ଦେବେ କି, (ଖ) କଳାହାଣ୍ଡି ଜିଲ୍ଲାର ଜୟପାଟଣା ଓ ଥୁ. ରାମପୁର ବ୍ଲକରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବୃହତ ପାନୀୟଜଳ ଯୋଗାଣର ସ୍ଥିତି କଣ, ଏହି ଦୁଇଟି ପ୍ରକଳ୍ପ କେବେସୁଦ୍ଧା ଶେଷ ହୋଇ ପାନୀୟ ଜଳ ଯୋଗାଇ ଦିଆଯିବ?

----

## ତାପଜ ବିଦ୍ୟୁତ କେନ୍ଦ୍ରରୁ ବାହାରୁଥିବା ପାଉଁଶ

2770 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରେଙ୍ଗାଳୀ ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠିତ ଶିଳ୍ପ କାରଖାନା ଓ ତାପଜ ବିଦ୍ୟୁତ କେନ୍ଦ୍ର ସମୂହରେ କେତେ ପରିମାଣର କୋଇଲା ଦୈନିକ ଦହନ ହେଉଛି? ସେଥି ରୁ କେତେ ପାଉଁଶ ନିର୍ଗତ ହେଉଛି? ଏହି ପାଉଶ ପରିବେଶ ପାଇଁ ମାରାତ୍ମକ ବୋଲି ପରିବେଶ ବିଶେଷଜ୍ଞଙ୍କ ମତ, ଆପଣଙ୍କ ବିଭାଗ ଏହାର ସୁପରିଚାଳନା ପାଇଁ କଣ ସବୁ ପଦକ୍ଷେପ ନେଉଛନ୍ତି? ଏହାର ପୁନଃ ପ୍ରକ୍ରିୟାକରଣ ଓ ବିନିଯୋଗ ନେଇ ଆପଣଙ୍କ ସରକାରର ଆଦିମ କଣ? କେଉଁ କେଉଁ କାରଖାନାରେ କେଉଁ କେଉଁ ପରିବାହନ ସଂସ୍ଥା ପାଉଁଶ ପରିବହନ କରୁଛନ୍ତି ଏବଂ ସେମାନେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଧାର୍ଯ୍ୟ ନିୟମ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି କି? ଖୁଲାପକାରୀଙ୍କ ବିରୁଦ୍ଧରେ କଣ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ୩ବର୍ଷରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି

2771 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେତୋଟି ଆଞ୍ଚଳିକ କାର୍ଯ୍ୟାଳୟ ରହିଛି । ସେଠାରେ ଅବସ୍ଥାପିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀମାନେ କେତେବର୍ଷ ହେଲା ରହିଛନ୍ତି, ଯେଉଁ ଅଧିକାରୀ ଓ କର୍ମଚାରୀମାନେ ୩ ବର୍ଷରୁ ଅଧିକକ ସମୟ ଗୋଟିଏ ଗୋଟିଏ ଷ୍ଟେସନରେ ରହିଛନ୍ତି, ସରକାରୀ ନୀତି ମୁତାବକ ବଦଳି କରାଯାଉ ନାହିଁ କାହିଁକି ?

----

## ନୂତନ ଗ୍ରାମପଂଚାୟତ ଓ ବ୍ଲକ ଗଠନ

2772 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂଆ ଗ୍ରାମପଂଚାୟତ ଓ ନୂଆ ବ୍ଲକ ଗଠନ ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି କି, ଯଦି ହଁ ହୁଏ, ତେବେ କେବେସୁଦ୍ଧା ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ ହେବ ଓ କେଉଁ ଆଧାରରେ ଏ ପୁନଃଗଠନ କରାଯିବ?

----

## ପଂଚାୟତ ସମିତି ରାସ୍ତା RD ବିଭାଗକୁ ହସ୍ତାନ୍ତର

2773 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2024 2025 ରୁ 2025 2026 ଆର୍ଥିକ ବର୍ଷରେ କେତେଗୋଟି ପଂଚାୟତ ସମିତି ରାସ୍ତା RD ବିଭାଗକୁ ହସ୍ତାନ୍ତର କରାଯିବା ନିମନ୍ତେ ବାଲେଶ୍ୱର ଜିଲ୍ଲାସ୍ତରୀୟ ଏମପାୱାର କମିଟି ଦ୍ୱାରା ଅନୁମୋଦିତ ହୋଇ କେତେଗୋଟି ରାସ୍ତାର ତାଲିକା ସରକାରପ୍ରାପ୍ତ କରିଛନ୍ତି, ଏବଂ ତନ୍ମଧ୍ୟରୁ ଅଦ୍ୟାବଧି କେତେ କି.ମି. ଲମ୍ବର କେଉଁ କେଉଁ ରାସ୍ତା ବିଧିବଦ୍ଧଭାବେ RD ବିଭାଗ ହସ୍ତଗତ ହୋଇ ନିର୍ମାଣ କାର୍ଯ୍ୟ କରାଯାଇଛି ଏବଂ ଏଥିପାଇଁ କେତେ ଟଙ୍କା ମଂଜୁର କରାଯାଇଛି, ସେଗୁଡିକର ବର୍ତ୍ତମାନସ୍ଥିତି କଣ, (ଖ) RD ବିଭାଗକୁ ହସ୍ତାନ୍ତର ପାଇଁ DLEC କମିଟି ଦ୍ୱାରା ଅନୁମୋଦିତ ଅବଶିଷ୍ଟ ରାସ୍ତାଗୁଡିକ କେବେସୁଦ୍ଧା ଟେଣ୍ଡର ହେବ?

----

## MGNREGS ଯୋଜନା ଦ୍ୱାରା ପ୍ରକଳ୍ପ କାର୍ଯ୍ୟ

2774 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନବରଙ୍ଗପୁର ଜିଲ୍ଲାରେ ଜଙ୍ଗଲ ବିଭାଗ ହାର କେଉଁ ଯୋଜନାରେ କେତେ ଅର୍ଥ ଖର୍ଚ୍ଚ କରାଯାଇଅଛି ତାହାର ତାଲିକା ପ୍ରକଳ୍ପୱାରୀ ପ୍ରଦାନ କରିବକି, MGNREGS ଯୋଜନାରେ ଦୁର୍ନୀତି ହୋଇଛି ସେଥିପାଇଁ କି କାର୍ଯ୍ୟାନୁଷ୍ଠାନ ନିଆଯାଇଅଛି?

----

## ଠିକାଦାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟ

**2775 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅବିଭକ୍ତ କୋରାପୁଟ ଜିଲ୍ଲାରେ କେଉଁ କାର୍ଯ୍ୟ କେଉଁ ଠିକାଦାର କିମ୍ବା ସଂସ୍ଥାକୁ କାର୍ଯ୍ୟ ସଂପାଦନ ପାଇଁ ଦିଆଯାଇଅଛି ତାହାର କେତେ ଖର୍ଚ୍ଚ ହୋଇଅଛି ?

----

## L & T ସଂସ୍ଥାଦ୍ୱାରା Mega Water Supply କାର୍ଯ୍ୟ

**2776 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- L & T ସଂସ୍ଥା କେଉଁ କେଉଁଠାରେ ଦ୍ୱାରା Mega Water Supply ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେତେ ଟଙ୍କା ଠିକାକାମ କିପରି ନେଇଛି ଓ ବର୍ତ୍ତମାନସୁଦ୍ଧା କେତେ ଅର୍ଥ Department ଠାରୁ ନେଇ ଖର୍ଚ୍ଚ କରିଅଛି ?

----

## ବସ୍ତି ବାସିନ୍ଦାଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ

**2777 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହିତ କେନ୍ଦୁଝର ଜିଲ୍ଲାର ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳକୁ କେତେ ବସ୍ତି ବାସିନ୍ଦା ପାଇଁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି କେତେଗୋଟି ବାସଗୃହ ଯୋଗାଇ ଦେଇଛନ୍ତି ଏବଂ ଚଳିତ ବର୍ଷ କେତେ ବାସଗୃହ ଯୋଗାଇ ଦେବାପାଇଁ ସରକାର ଯୋଜନା ବଦ୍ଧ ଅଛନ୍ତି ?

----

## ଗାଁକୁ ପାନୀୟ ଜଳ ଯୋଗାଣ

**2778 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବୈତରଣୀ ବେଲଦା ବୃହତ ପାନୀୟ ଜଳଯୋଗାଣ ଏବଂ ମିରିଗ ଶିଙ୍ଗୀଡ଼ା ବୃହତ ପାନୀୟ ଜଳ ଯୋଗାଣରେ କେତେ ଗୋଟି ଗାଁକୁ ପାନୀୟ ଜଳ ଯୋଗାଇ ଦେବାପାଇଁ ତାଲିକାଭୁକ୍ତ ହୋଇଅଛି, ସେଥିମଧ୍ୟରୁ କେତେଗୋଟି ଗାଁକୁ ପାନୀୟ ଜଳଯୋଗାଣ ସମ୍ପୂର୍ଣ୍ଣ ହୋଇଅଛି ଏବଂ କେତେଗୋଟି ଗାଁକୁ ପାନୀୟ ଜଳଯୋଗାଣ ହୋଇପାରି ନାହିଁ ତାହାର ତାଲିକା ପ୍ରଦାନ କରିବେ କି ; (ଖ) କାରଣ ଏହି ବୃହତ ପାନୀୟ ଜଳ ଯୋଜନା ଦୀର୍ଘ ଦିନ ହେଲା ଶୁଭାରମ୍ଭ ହୋଇଥିଲେ ମଧ୍ୟ ବୃହତ ପାନୀୟ ଜଳ ଯୋଜନାରୁ ବଞ୍ଚିତ ହେଉଛନ୍ତି, ଏହା କେବେ ସୁଦ୍ଧା ଜଳ ଯୋଗାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଓ କେବେ ସୁଦ୍ଧା ପାନୀୟ ଜଳ ପାଇ ପାରିବେ ?

----

## ନିର୍ମାଣାଧିନ ଥିବା ପଞ୍ଚାୟତ ରାସ୍ତା

2779 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହିତ କେନ୍ଦୁଝର ଜିଲ୍ଲାରେ କେତୋଟି ପଞ୍ଚାୟତ ସମିତି ରାସ୍ତା ଅଛି ଏବଂ କେତୋଟି ଗ୍ରାମ ପଞ୍ଚାୟତ ରାସ୍ତା ଅଛି ସେଥିମଧ୍ୟରୁ ଗ୍ରାମ୍ୟ ଉନ୍ନୟନ (R.D) ସଂସ୍ଥା କେତୋଟି ରାସ୍ତା ସ୍ଥାନାନ୍ତରିତ ହୋଇଅଛି, ସେଥିପାଇଁ କେତେ ଅର୍ଥ 2022-2023, 3023 - 2024 ଓ 2024 -2025 ରୁ ବର୍ତ୍ତମାନ ସୁଦ୍ଧା ଦିଆଯାଇ ଅଛି, ସେଗୁଡ଼ିକ ମଧ୍ୟରୁ କେତେଗୋଟି ରାସ୍ତା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇଅଛି ଏବଂ ସେଥିମଧ୍ୟରୁ କେତୋଟି କାର୍ଯ୍ୟ ଚାଲିଅଛି ଓ କେତେଗୋଟି କାର୍ଯ୍ୟ ଶୁଭାରମ୍ଭ ହୋଇନାହି,ତାହା କେଉଁ କାରଣରୁ ହୋଇପାରି ନାହିଁ ?

----

## ୨୪ ଘଣ୍ଟିଆ ସୁଦ୍ଧ ପିଇବା ପାଣି ଯୋଗାଇବା

2780 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ପୌର ପାଳିକା ନିକଟସ୍ଥ ସୁବର୍ଣ୍ଣରେଖା ନଦୀ ସଂଲଗ୍ନ ସମଗ୍ର ଅଞ୍ଚଳ ( ଓ୍ୱାର୍ଡ଼) କୁ ନଦୀରୁ ସୁଦ୍ଧ ପିଇବାପାଣି ଯୋଗାଣ ଯୋଜନା ଅନୁସାରେ ( ୨୪ x 7) ସରକାର ମଞ୍ଜୁର କରିଥିବା ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି କେଉଁ ସ୍ତରରେ, କେତୋଟି ପର୍ଯ୍ୟାୟରେ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବ ଏବଂ ଏଥିଲାଗି ସମୟ ସୀମା ଧାର୍ଯ୍ୟ ହୋଇଛି କି, ହୋଇଥିଲେ ତାହା କେତେ; ବର୍ତ୍ତମାନ କେଉଁ କାର୍ଯ୍ୟ ଚାଲୁରହିଛି, ସରକାରଙ୍କ ନିର୍ଦ୍ଦେଶ ମୁତାବକ ଠିକାଦାର କଣ କରୁଛନ୍ତି?

----

## ଜଙ୍ଗଲ ହାତୀ ଦ୍ୱାରା ଫସଲ ନଷ୍ଟ

2781 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଙ୍ଗଲ ମଧ୍ୟରୁ ଜଙ୍ଗଲୀଜନ୍ତୁ ବିଶେଷକରି ହାତୀ, ବାରହା, ଭାଲୁ ଇତ୍ୟାଦି ଜନବସତି ଆଡ଼କୁ ମୁହାଁଉଥିବା ଓ ଜଙ୍ଗଲୀ ହାତୀ ବ୍ୟାପକ ଫସଲ, ଘରଦ୍ୱାର ନଷ୍ଟକରୁଥିବା ତଥା ସ୍ଥାନ ବିଶେଷରେ ଏମାନଙ୍କ ଆଗମନରେ ମଣିଷ ମୃତ୍ୟୁବରଣ କରୁଥିବା ବେଳେ ଏସବୁର ସୁରକ୍ଷା ପାଇଁ ସରକାର ସ୍ଥାୟୀ ବ୍ୟବସ୍ଥା କିପରି କରିବେ , ସେଥିଲାଗି ବର୍ଷମିଆଦୀ ଯୋଜନା କଣ ?

----

## ରାଜସ୍ୱ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ

2782 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ମୋଟ ରାଜସ୍ୱଗ୍ରାମ କେତୋଟି ସେଥିମଧ୍ୟରୁ କେତୋଟି ରାଜସ୍ୱ ଗ୍ରାମକୁ ପାଇପଯୋଗେ ଜଳଯୋଗାଣ ହୋଇସାରିଛି ଓ ଜନସାଧାରଣ ଉପକୃତ ହେଉଛନ୍ତି ଆଉ କେତେ ଗ୍ରାମକୁ ଜଳ ଯୋଗାଣ କରି ଶତ ପ୍ରତିଶତ ପୂର୍ଣ୍ଣାଙ୍ଗ ହେବ, ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ; ବଡ଼ ରାଜସ୍ୱ ଗ୍ରାମ ଥିବା ସ୍ଥାନରେ ଏକରୁ ଅଧିକ ପାଇପ ଜଳଯୋଗାଣ ବ୍ୟବସ୍ଥା ସରକାର କରିଥିବାବେଳେ ଏପରି ସମସ୍ୟା ଆଉ କେତୋଟି ଗ୍ରାମରେ ପରିଲକ୍ଷିତ ହେଉଛି, ସରକାର ସେଥିପାଇଁ କଣ ପଦକ୍ଷେପ ନେବେ ?

----

## ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଡ୍ରେନ ପୁନଃ ନିର୍ମାଣ

2783 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ঃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ଜଟଣୀ ସହରର ପରିସୀମା ଦିନକୁ ଦିନ ବୃଦ୍ଧି ହେଉଥିବା ପରିପ୍ରେକ୍ଷୀରେ ଏହାକୁ ଦୃଷ୍ଟିରେ ରଖି ଡ୍ରେନେଜ ବ୍ୟବସ୍ଥାର ପ୍ରଣୟନ ସହ ବର୍ଷାଦିନେ ଯେପରି କୌଣସି ଅଞ୍ଚଳ ଜଳପ୍ଲାବନ ହୁଏ ସେଥିପ୍ରତି କି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରାଯାଉଛି; (ଖ) ସହରରେ ମୋଟ କେତେ କି.ମି ଡ୍ରେନ ଥିବାବେଳେ ତନ୍ମଧ୍ୟରୁ କେତେ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତାହାର ପୁନଃନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବାକୁ ସ୍ୱତନ୍ତ୍ର ପଦକ୍ଷେପ

2784 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ঃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଚନ୍ଦକା ଅଭୟାରଣ୍ୟରେ Eco - Tourism ଉନ୍ନୟନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ଓ ଏଠାରେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାକୁ କି ଯୋଜନା ପ୍ରଣୟନ କରାଯାଇଛି ?

----

## ପୁରୀ ସହରର ସଫେଇ କାର୍ଯ୍ୟ

2785 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ)ঃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପୁରୀ ମ୍ୟୁନିସିପାଲଟି ପୁରୀ ସହରର ସ୍ୱଚ୍ଛତା, ସଫେଇ ଓ ରକ୍ଷଣାବେକ୍ଷଣ କରିବାପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ , କିନ୍ତୁ କିଛି ବର୍ଷ ହେଲାଣି ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ମ୍ୟୁନିସିପାଲଟି ପରିଚାଳନା କରାଯାଉଛି ଓ "Swachha Bharat Mission "ଏବଂ "Swachha Bharat Abhiyan " ଜରିଆରେ ଅନେକ ଅନୁଦାନ ପୁରୀ ମ୍ୟୁନିସିପାଲଟିକୁ ଆସୁଛି କିନ୍ତୁ କାଗଜପତ୍ରର ସଫେଇ ଏବଂ ବାସ୍ତବତାର ସଫେଇ ମଧ୍ୟରେ ଆକାଶ ପାତାଳର ତଫାତ ରହିଥିବା ଅଭିଯୋଗ ଆସୁଛି, କାରଣ ଆଜିବି ପୁରୀ ସହରର ଅନେକ ଗଳିକନ୍ଦି ଅଳିଆ ଆବର୍ଜନାରେ ଭରି ରହିଛି ଓ ସହରର ନଳା ସଫେଇ କାର୍ଯ୍ୟ ମଧ୍ୟ ଅଧାପନ୍ତରିଆ ପଡ଼ିରହିଛି, ୨୦୧୯ ପରଠାରୁ ଆଜି ପର୍ଯ୍ୟନ୍ତ କେତେଥର Puri Municipality ର Financial Audit କରାଯାଇଛି, ଯଦି ହୋଇନାହିଁ ତା ପାଇଁ ଦାୟୀ କିଏ ଏବଂ ଏହା ଉପରେ କଣ କାର୍ଯ୍ୟାନୁଷ୍ଠାନ ନେବାର ବିଧି ବ୍ୟବସ୍ଥା ରହିଛି ?

----

**Water Supply to Puri Municipality and Intake Pond " କାର୍ଯ୍ୟ ସ୍ଥିତି**

2786 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପୁରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ "Improvement of Water Supply to Puri Municipality and Renovation of Intake Pond " ପାଇଁ ଦିଆଯାଇଥିବା କାର୍ଯ୍ୟର ନିର୍ଦ୍ଦେଶନାମା ଅନୁଯାୟୀ ଉକ୍ତ କାର୍ଯ୍ୟଟି କେତେ ତାରିଖରୁ ଆରମ୍ଭ ହେବା କଥା, ଉକ୍ତ କାର୍ଯ୍ୟର ଆଜିକା ଦିନର ସ୍ଥିତି କଣ ଏବଂ ଉକ୍ତ କାର୍ଯ୍ୟ ନିର୍ଦ୍ଦେଶନାମା ଅନୁଯାୟୀ କେବେ ସୁଦ୍ଧା ଶେଷ ହେବା କଥା ଏବଂ ତାହା ଉକ୍ତ ତାରିଖ ସୁଦ୍ଧା ଶେଷ ହେବ ନା ଆହୁରି ବିଳମ୍ବିତ ହେବ ଯଦି ବିଳମ୍ବିତ ହେବ ତା ହେଲେ ଏହା ପାଇଁ ଦାୟୀ କିଏ ?

----

## ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ

2787 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧିନରେ କେତେ କିଲୋମିଟର ପଞ୍ଚାୟତିରାଜ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ ରାସ୍ତା କଂକ୍ରିଟ କରାଯାଇଛି, କେତେ ରାସ୍ତା ପେବର ବ୍ଲକ ହୋଇଛି ଓ କେତେ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ତାହା ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନଦୀଜଳକୁ ପ୍ରଦୂଷଣ ମୁକ୍ତ କରିବା

2788 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ମହାନଦୀ, କାଠଯୋଡ଼ି, କୁଆଖାଇ, ବିରୂପା, ଦୟା, ଭାର୍ଗବୀ, ବିଲୁଆଖାଇ, ଶିଳୁଆ, ଦେବୀ, କନ୍ଦଳ, ଲୁଣା, ଚିତ୍ରୋପ୍ତଳା, କରାଣ୍ଡିଆ ନଦୀଗୁଡ଼ିକ ପ୍ରଦୂଷିତ ହୋଇଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏହି ନଦୀଗୁଡ଼ିକୁ ପ୍ରଦୂଷଣ ମୁକ୍ତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବିଜୁସେତୁ ଯୋଜନାରେ ସେତୁ ନିର୍ମାଣ

2789 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କଟକ ଜିଲ୍ଲାରେ ଅଦ୍ୟାବଧି ବିଜୁ ସେତୁ ଯୋଜନାରେ କେଉଁ କେଉଁ ସେତୁ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି, କେଉଁଗୁଡ଼ିକ ନିର୍ମାଣାଧିନ ଅଛି ଓ କେଉଁ ସେତୁଗୁଡ଼ିକ ପ୍ରସ୍ତାବାଧିନ ଅଛି, ତାହାକୁ କାର୍ଯ୍ୟକ୍ଷମ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଶିଳ୍ପ ସଂସ୍ଥା ପ୍ରଦୂଷଣ ହ୍ରାସ ନିମନ୍ତେ ଅର୍ଥ ବ୍ୟୟ

2790 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (ମୋର ) ଅଣତାରକା ପ୍ରଶ୍ନ ସଂଖ୍ୟା 1741/dt.23.09. 2025 ର ଉତ୍ତର ଅନୁଯାୟୀ ପାରାଦ୍ୱୀପ ଶିଳ୍ପାଞ୍ଚଳ ଗୋଟିଏ ପ୍ରଦୂଷିତ ଶିଳ୍ପାଞ୍ଚଳ ଘୋଷଣା ହୋଇଥିବାରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ Board ଦ୍ୱାର କେଉଁ specific ଯୋଜନା ମାଧ୍ୟମରେ କେଉଁ କେଉଁ ଶିଳ୍ପ ସଂସ୍ଥାକୁ ପ୍ରଦୂଷଣ ହ୍ରାସ ପାଇଁ Notice Issue କରିଛନ୍ତି, କେଉଁ କେଉଁ ଶିଳ୍ପ ସଂସ୍ଥା ମାନେ ପ୍ରଦୂଷଣ ହ୍ରାସ ନିମନ୍ତେ କେତେ ଅର୍ଥ ବ୍ୟୟରେ କଣ ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ପଞ୍ଚାୟତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର

2791 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ପଞ୍ଚାୟତିରାଜ ବିଭାଗ ଅଧିନରେ ଥିବା କେତେଗୁଡ଼ିଏ ଗ୍ରାମ୍ୟ ରାସ୍ତା ବର୍ତ୍ତମାନ ସୁଦ୍ଧା ହୋଇପାରି ନଥିବା ଏବଂ ସେଥିପାଇଁ ଆବଶ୍ୟକୀୟ ଅର୍ଥର ଅଭାବ ଥିବା ବିଷୟରେ ସରକାର ଅବଗତ ଅଛନ୍ତି କି; ଯଦି ହଁ ତେବେ କେତେଗୋଟି ପଞ୍ଚାୟତ ରାସ୍ତା ବର୍ତ୍ତମାନ ସୁଧା ହୋଇପାରି ନାହିଁ ତାହାର ଏକ ତାଲିକା ଦେବା ସହ ଉକ୍ତ ରାସ୍ଥା ଗୁଡ଼ିକ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ପଦକ୍ଷେପ ନେବେ କି ?

----

## ଜଳ ଜୀବନ ମିଶନ ଯୋଜନାରେ ଅର୍ଥ ବ୍ୟୟ

2792 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆର୍ଥିକ ବର୍ଷ ୨୦୨୫ -୨୬ ରେ ଜଳ ଜୀବନ ମିଶନ(JJM) ଓ ବିକସିତ ଓଡ଼ିଶା(VGVO) ଅଧିନରେ ମୋଟ କେତେ ରାଶି ବଣ୍ଟନ ଓ ବ୍ୟୟ ହୋଇଛି , ଏହାର ସମ୍ପୂର୍ଣ୍ଣ ବିବରଣୀ ଦେବେ କି, ଏବଂ ଜିଲ୍ଲାଭିତ୍ତିକ ଲକ୍ଷ ବନାମ ସାଧନ, ମେଗା ପାଇପ ଜଳ ପ୍ରକଳ୍ପଗୁଡ଼ିକର ଅବସ୍ଥା, ବିଳମ୍ବର କାରଣ ଏବଂ ଜଳ ଅଭାବ ଓ ଦୂଷିତ ଜଳ ପ୍ରଭାବିତ ଗ୍ରାମ ଓ ବାସିନ୍ଦାଙ୍କ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପର ବିବରଣୀ ପ୍ରଦାନ କରିବେ କି ?

----

## ଗଞ୍ଜାମ ଜିଲ୍ଲାରେ ଦାଦନ ଶ୍ରମିକ ସଂଖ୍ୟା

2793 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲାରେ ମୋଟ ଦାଦନ ଶ୍ରମିକଙ୍କ ସଂଖ୍ୟା କେତେ ବ୍ଲକୱାରୀ ପ୍ରଦାନ କରିବେ; ଗତ ୫ ବର୍ଷରେ ରାଜ୍ୟରେ କେତେ ଦାଦନ ଶ୍ରମିକଙ୍କ ବାହାର ରାଜ୍ୟ କିମ୍ବା ଦେଶରେ ମୃତ୍ୟୁ ହୋଇଛି; ସେମାନଙ୍କର ମଧ୍ୟରୁ କେତେ ଜଣଙ୍କ ଶବ ପରିବାରକୁ ହସ୍ତାନ୍ତର କରାଯାଇଛି ଓ ଏଥିଲାଗି ସରକାର କେତେ ଟଙ୍କା ବହନ କରିଛନ୍ତି, ଜିଲ୍ଲାୱାରୀ ନାମ ଓ ଠିକଣା ସହିତ ବିବରଣୀ ପ୍ରଦାନ କରିବେ କି ?

----

## ଦାଦନ ରୋକିବାକୁ ପଦକ୍ଷେପ

2794 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2019-20 ମସିହାଠାରୁ ଆମ୍ଭ ରାଜ୍ୟରୁ କେଉଁ କେଉଁ ରାଜ୍ୟକୁ ରୋଜଗାର ଲକ୍ଷ୍ୟରେ କେତେ ସଂଖ୍ୟାରେ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ଯାଇଛନ୍ତି ଏବଂ ସମଭାବରେ କେଉଁ କେଉଁ ବାହାର ରାଜ୍ୟରୁ ଆମ୍ଭ ରାଜ୍ୟକୁ ସେ ସମୟ ଅବଧିରେ କେତେ ସଂଖ୍ୟକ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ଜୀବିକା ନିମନ୍ତେ ଆସିଛନ୍ତି ଜିଲ୍ଲାୱାରୀ ଏହାର ପରିସଂଖ୍ୟାନ ପ୍ରଦାନ କରିବେ କି; ରାଜ୍ୟରେ ନିଜ ଶ୍ରମିକମାନଙ୍କୁ ରୋଜଗାର ଯୋଗାଇ ଦାଦନ ରୋକିବା ପାଇଁ ସରକାର କି ପଦକ୍ଷେପମାନ ନେଇଛନ୍ତି ?

----

## ବିଭିନ୍ନ କିସମ ଜଙ୍ଗଲର ଆୟତନ

2795 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର ରାଜ୍ୟରେ ବିଭିନ୍ନ କିସମ ଜଙ୍ଗଲର ଆୟତନ କେତେ; ବିଗତ 10 ବର୍ଷ ମଧ୍ୟରେ ନଷ୍ଟ ହୋଇଥିବା ଜଙ୍ଗଲର ପରିମାଣ କେତେ; କେଉଁ ହାରରେ ବନୀକରଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ଷମ କରିପାରିଲେ ସରକାର ଏ କ୍ଷୟକ୍ଷତି ଭରଣା କରି ଜଙ୍ଗଲର ପୂର୍ବ ସ୍ଥିତି ଫେରାଇ ଆଣି ପାରିବେ ଏବଂ ଏ ବାବଦରେ କ'ଣ ଉଦ୍ୟମ କରାଯାଉଛି, ସରକାରଙ୍କ ନୀତି କ'ଣ; ଏ ବାବଦରେ ବାର୍ଷିକ ବ୍ୟୟ ଅଟକଳ କେତେ ହେବା ଆବଶ୍ୟକ ସ୍ଥଳେ ବାସ୍ତବରେ ଏହା କେତେ ?

----

## ଜଙ୍ଗଲ ନଷ୍ଟ ଯୋଗୁଁ ପରିବେଶ ପ୍ରତି ପ୍ରତିକୂଳ ପ୍ରଭାବ

2796 **Shri Pabitra Saunta (Laxmipur):**

Will the Minister for **Forest, Environment and Climate Change** be pleased to

state that:- (କ) କୋରାପୁଟ ଜିଲ୍ଲାରେ ଖଣି ଖନନ ଏବଂ ନୂତନ ରାସ୍ତା (PWD ,RD,NHAI) ନିର୍ମାଣ ପାଇଁ 2015 ମସିହା ଠାରୁ ଆଜି ପର୍ଯ୍ୟନ୍ତ କେତେ ପରିମାଣର ଜଙ୍ଗଲ ନଷ୍ଟ ହୋଇଛି ତଥା କେତେ ସଂଖ୍ୟକ ଗଛ କଟା ଯାଇଛି; ସେଥିପାଇଁ ସମ୍ପୃକ୍ତ ଖଣି କମ୍ପାନୀ ଓ ରାସ୍ତା ନିର୍ମାଣକାରୀ କମ୍ପାନୀଙ୍କ ଠାରୁ କେତେ ଅର୍ଥ ଆଦାୟ ହୋଇଛି; ଉକ୍ତ ଅର୍ଥରେ କିମ୍ବା ସମ୍ପୃକ୍ତ ଖଣି କମ୍ପାନୀ ପୁନଃ ଜଙ୍ଗଲ ପାଇଁ କେଉଁଠାରେ କେତେ ପରିମାଣର (କେତେ ସଂଖ୍ୟକ କେଉଁ କେଉଁ ଗଛ) ଜଙ୍ଗଲ ସୃଷ୍ଟି କରିଛନ୍ତି ତାର ଏକ ଜିଲ୍ଲା ଖଣି ଅଞ୍ଚଳୱାରୀ ଓ ରାସ୍ତା ୱାରୀ ବିବରଣୀ ପ୍ରଦାନ କରିବେ କି; ଉକ୍ତ ଗଛ ଗୁଡିକର ରକ୍ଷଣା ବେକ୍ଷଣା କିପରି କରାଯାଉଛି, ବର୍ତ୍ତମାନ କେତେ ଗଛ ବଞ୍ଚିଛି ; (ଖ) ଜଙ୍ଗଲ ନଷ୍ଟ ଯୋଗୁଁ ସ୍ଥାନୀୟ ପରିବେଶ ଉପରେ ଯେଉଁ ପ୍ରତିକୂଳ ପ୍ରଭାବ ପଡିଥାଏ, ତାକୁ ଲୋକଙ୍କ ସ୍ୱାସ୍ଥ୍ୟ ଅନୁକୂଳ ପାଇଁ ସରକାର କଣ ସବୁ ପଦକ୍ଷେପ ନେଉଛନ୍ତି, ଯେଉଁ ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି, ତାର ବର୍ତ୍ତମାନର ସ୍ଥିତି କଣ ରହିଛି ?

----

## PMGSY ଯୋଜନା ବାବଦକୁ କେନ୍ଦ୍ରଠାରୁ ମିଳିଥିବା ଅର୍ଥ

**2797 Shri Pabitra Saunta (Laxmipur):**

Will the Minister for **Rural Development** be pleased to state that:- (କ) PMGSY ବାବଦକୁ କେନ୍ଦ୍ରସରକାର ଓଡ଼ିଶାକୁ 2023 - 24 ଆର୍ଥିକ ବର୍ଷରେ କେତେ ଅର୍ଥ ଦେଇଥିଲେ ଓ 2024 - 25 ଓ 2025-26 ଆର୍ଥିକ ବର୍ଷ ପାଇଁ କେତେ ଅର୍ଥ ଓଡ଼ିଶାକୁ କେନ୍ଦ୍ର ସରକାର ଦେଇଛନ୍ତି; ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ PMGSY ଓ ମୁଖ୍ୟମନ୍ତ୍ରୀ ଗୁଡ଼ିକ ଯୋଜନାରେ କେଉଁ କେଉଁ ରାସ୍ତା କେତେ ଟଙ୍କାର କାମ ଚାଲିଛି କେବେ ସୁଧା ଶେଷ ହେବ ଓ ଆସନ୍ତା ଆର୍ଥିକ ବର୍ଷ ପାଇଁ କେଉଁ କେଉଁ ରାସ୍ତା ନିର୍ମାଣ ପାଇଁ ଯୋଜନା ଅଛି ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି; (ଖ) RD ବିଭାଗ ତରଫରୁ କେଉଁ କେଉଁ ଯୋଜନାରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଗ୍ରାମାଞ୍ଚଳରେ ସମସ୍ତ ଗ୍ରାମକୁ ସବୁଦିନିଆ ରାସ୍ତା ସଂଯୋଗ କରିବାକୁ ସରକାର ଚଳିତ ଓ ଆସନ୍ତା ଆର୍ଥିକ ବର୍ଷରେ କେତୋଟି ରାସ୍ତା, କେତେ କିମି ରାସ୍ତା, କେଉଁ ଠାରୁ କେଉଁଠିକୁ ରାସ୍ତା, କେତୋଟି ସେତୁ, କେତୋଟି ପୋଲ ନିର୍ମାଣ କେତେ ଖର୍ଚ୍ଚରେ କରିବା ପାଇଁ ଯୋଜନା କରିଛନ୍ତି; RIDE ମାଧ୍ୟମରେ କେତେ କୋଠାବାଡ଼ି ନିର୍ମାଣ କାମ ଚାଲିଛି ?

----

## ପଞ୍ଚାୟତସମିତି ରାସ୍ତା RD ବିଭାଗକୁ ଅଧିନସ୍ଥ

**2798 Shri Pabitra Saunta (Laxmipur):**

Will the Minister for **Rural Development** be pleased to state that:- (କ) ବର୍ତ୍ତମାନସୁଧା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର କେତୋଟି ରାସ୍ତା ପଞ୍ଚାୟତ ସମିତି ରୁ RD ଅଧିନକୁ ଆସିଛି, କେତୋଟି NBCC ରାସ୍ତା RD ଅଧିନକୁ ଆସିଛି ଓ କେତୋଟି RD ରାସ୍ତା PWD ଅଧୀନ କୁ ହସ୍ତଗତ ହୋଇଛି ତାହାର ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି ; (ଖ) ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ NBCC ସଂସ୍ଥା ଦ୍ୱାରା ୨୦୧୫ ମସିହା ଠାରୁ ଆଜି ପର୍ଯ୍ୟନ୍ତ କେତେ ଟଙ୍କାର କେଉଁ କେଉଁ ରାସ୍ତା, ପୋଲ ଓ ସରକାରୀ କୋଠା ଘର ନିର୍ମାଣ ହେଇଛି ଓ ବର୍ତ୍ତମାନ ଚାଲିଥିବା କାମ କେବେ ସୁଧା ହସ୍ତାନ୍ତର ହେବ ତାହାର ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

**Current status of Metro Rail Project**

**2799 Smt. Sofia Firdous (Barabati-Cuttack):**

Will the Minister for **Housing & Urban Development** be pleased to state that:- (a) The current status of the proposed Metro Rail Project and whether it has been cancelled, deferred, or kept on hold; (b) Whether the State Government has submitted any revised Detailed Project Report or modified proposal to the Central Government regarding cost, alignment, or scope; & The reasons why the project has not received approval or remains pending with the Centre; and The expected date of commencement and the revised timeline fixed for completion of the Metro Rail Project.

----

**Completed the drinking water projects**

**2800 Smt. Sofia Firdous (Barabati-Cuttack):**

Will the Minister for **Panchayati Raj & Drinking Water** be pleased to state that:- (a) Whether it is correct that only 23 of 207 rural drinking water projects have been completed, and if so, the reasons for the extremely low completion rate and why several completed projects remain non- operational due to technical failures; (b) What action has been taken against the 17 defaulting contractors involved in projects worth 35,000 crore; and (The key components of the new monitoring mechanism and the revised, time-bound schedule for completing the remaining projects before 'March 2027?

----

**Vacant of Gram Rozgar Sevak**

**2801 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the number of Gram Rozgar Sevak (GRS) posts vacant in Balangir district and by when these will be filled; How many villages in Balangir district are yet to receive 100% functional household tap connections (FHTC) under Jal Jeevan Mission and what is the timeline for completion?

----

**Construction of Urban Housing Units in Bolangir**

**2802 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- How many urban housing units are under construction in Balangir district, and when are they expected to be completed; What measures are being taken to provide affordable housing for economically weaker sections and urban poor in Balangir; How many slum areas in Balangir have been identified for redevelopment, and what progress has been made under urban renewal schemes; What initiatives are underway to improve urban infrastructure in Balangir, including water supply, sanitation, and road connectivity; Is there a plan to ensure sustainable urban development in Balangir while managing population growth?

----

## Ongoing rural Development Projects in Balangir

2803 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- What is the total number of ongoing rural development projects in Balangir district that are incomplete, and the reasons for their delay; What steps are being taken to ensure timely completion of rural road construction under PMGSY and other schemes in Balangir district?

----

## ବାଲିଗୁଡ଼ା ବ୍ଲକକୁ ମିଳିଥିବା ଅର୍ଥ

2804 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କନ୍ଧମାଳ ଜିଲ୍ଲାରେ ଥିବା ବ୍ଲକଗୁଡ଼ିକୁ ୨୦୨୪-୨୫, ୨୦୨୫-୨୬ ଆର୍ଥିକ ବର୍ଷରେ (କେଉଁ କେଉଁ ବ୍ଲକକୁ) କେତେ ଟଙ୍କା ଲେକାଏଁ ଦିଆଯାଇଛି ଓ ସେ ଅର୍ଥରେ କି କି କାମ ହୋଇଛି ବ୍ଲକୱାରୀ ତଥ୍ୟ ଦେବେ କି; ସେହିପରି କନ୍ଧମାଳ ଜିଲ୍ଲାରେ ପ୍ରତି ଗାଁକୁ ପାଇପଯୋଗେ ପାନୀୟ ଜଳ ଯୋଗାଇବା ପାଇଁ କେତୋଟି ପ୍ରୋଜେକ୍ଟ ଚାଲିଛି ଓ କେଉଁ କେଉଁ ଠାରେ କେଉଁ ପ୍ରକଳ୍ପ କାମ ସରିଗଲାଣି ଆଉ କେଉଁ ପ୍ରକଳ୍ପ କାମ ଚାଲିଛି ?

----

## ନିର୍ମାଣାଧିନ ରାସ୍ତା ଓ ବ୍ରିଜ କାର୍ଯ୍ୟ ସମାପ୍ତ କରିବା

2805 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ କେତୋଟି ନୂତନ ରାସ୍ତା କେତେ କିମି ନୂତନ ରାସ୍ତା, କେତୋଟି ବ୍ରିଜ୍ ନୂତନ ଭାବେ ନିର୍ମାଣ କରାଯାଇଛି; କେଉଁ କେଉଁ ଅଞ୍ଚଳରେ ରାସ୍ତା ଓ ବ୍ରିଜ ହୋଇଛି; କେତେ କିମି ରାସ୍ତା ସମ୍ପୂର୍ଣ୍ଣ ହୋଇଛି କେତେ ରାସ୍ତା Repair ହୋଇ କେତୋଟି ବ୍ରିଜ ସମ୍ପୂର୍ଣ୍ଣ ହୋଇଛି କେତୋଟି ନିର୍ମାଣାଧିନ ଅଛି ସେସବୁର ତଥ୍ୟ ବ୍ଲକୱାରୀ ଦେବେ କି; Nuagaon Blockରେ ଗୋଟିଏ RD IB କରିବା ପାଇଁ ପଦକ୍ଷେପ ନେବେ କି ?

----

**Furnish the project being developed by Private Development**

2806 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many Apartments/Houses are under Construction/Developed in Bhubaneswar in APP Mode over the GA land and Housing Board Land in Bhubaneswar; Will the Govt. furnish the details of project being developed b private developer including date of agreement, Commitment and completion ?

----

**କାର୍ଯ୍ୟକରୁଥିବା କୁଶଳୀ, ଅର୍ଦ୍ଧ କୁଶଳୀଙ୍କ ସଂଖ୍ୟା**

2807 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଅନ୍ୟ ରାଜ୍ୟରେ କାମ କରୁଥିବା କୁଶଳୀ, ଅର୍ଦ୍ଧ କୁଶଳୀ ଓ ଅଣକୁଶଳୀଙ୍କ ସଂଖ୍ୟା କେତେ; କେଉଁ ଜିଲ୍ଲାରୁ କେତେ ଲୋକ ବାହାରେ କେଉଁ କେଉଁଠାରେ କାମ କରୁଛନ୍ତି ; (ଖ) ରାଜ୍ୟରୁ ଅନ୍ୟରାଜ୍ୟକୁ ଯାଇ କାମ କରୁଥିବା ଶ୍ରମିକମାନେ ବିଗତ ୫ ବର୍ଷରେ ଅନ୍ୟ ରାଜ୍ୟରେ କେତେ ଜଣଙ୍କ ମୃତ୍ୟୁ ହୋଇଛି; ସ୍ୱାଭାବିକ ଓ ଅସ୍ୱାଭାବିକ ତଥା ନିର୍ଯ୍ୟାତନା ଜନିତ ମୃତ୍ୟୁ କେତେ ?

----

**ଶ୍ରମିକ ମାନଙ୍କୁ ନିଜ ରାଜ୍ୟରେ କର୍ମନିଯୁକ୍ତି ଯୋଗାଇବା**

2808 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରୁ କେଉଁ ଜିଲ୍ଲାରୁ କେତେ ଶ୍ରମିକମାନେ ରାଜ୍ୟ ବାହାରେ କେଉଁ ରାଜ୍ୟରେ କାମ କରୁଛନ୍ତି, ତାର ଜିଲ୍ଲାୱାରୀ ତାଲିକା ଦେବେ କି; (ଖ) କାମଧନ୍ଦା ଉଦ୍ଦେସ୍ୟରେ ରାଜ୍ୟ ଛାଡ଼ି ଯାଉଥିବା କୁଶଳୀ ଅର୍ଦ୍ଧ କୁଶଳୀ ଓ ଅଣକୁଶଳୀ ଶ୍ରମଜୀବି/ଶ୍ରମିକ ମାନଙ୍କୁ ରାଜ୍ୟରେ କାମ ଯୋଗାଇ ନିଜ ରାଜ୍ୟରେ କର୍ମନିଯୁକ୍ତି ପାଇଁ ରାଜ୍ୟ ସରକାର କିଛି ରୋଡ଼ମ୍ୟାପ ଅଛି କି ?

----

**ଧର୍ତ୍ତଙ୍ଗଡ ଜଙ୍ଗଲ ସୁରକ୍ଷା ପାଇଁ ଟଙ୍କା ଖର୍ଚ୍ଚ**

**2809 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ)ː**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ତିର୍ତ୍ତୋଲର ଧର୍ତ୍ତଙ୍ଗଡ ଜଙ୍ଗଲ ପାଇଁ 2023-25 ରେ ବାଉଣ୍ଡରୀ ତିଆରି କରିବା ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଅଛି ଓ ବିଗତ ଦିନରେ ଏହି ଜଙ୍ଗଲରେ ସୁରକ୍ଷା ପାଇଁ କି କି ପଦକ୍ଷେପ ନିଆଯାଇଅଛି ?

----

## ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା

**2810 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟ ଜଳ ପାଇଁ କି ବ୍ୟବସ୍ଥା କରାଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ଏବଂ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଶୌଚାଳୟ ପାଇଁ କି ପଦକ୍ଷେପ ନେଇଛନ୍ତି ?

----

## ବିକଶିତ ଗାଁ ଓ ବିକଶିତ ଓଡିଶା ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ

**2811 Shri Madhab Dhada (Soro)ː**

Will the Minister for **Panchayati Raj & Drinking Water** be pleased to state thatː- (କ) ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡିଶା ସରକାର ଙ୍କ ପତ୍ର ସଂଖ୍ୟା ୧୬୬୨୬ ତାରିଖ 24.୦6.2025, ଅନୁସାରେ କେଉଁ କାର୍ଯ୍ୟରତ ଥବା ଅଧିକାରୀ ବାହାନଗା ବ୍ଲକ ବାଲେଶ୍ୱର ଜିଲ୍ଲା ରୁ ଲାଇକେରା ବ୍ଲକ, ଝାରସୁଗୁଡା ଜିଲ୍ଲା କୁ ବଦଳି ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ଅଧିକାରୀ ବାହାନଗା ବ୍ଲକ ରେ କାର୍ଯ୍ୟ କରୁଥିବା ବିଷୟ ରେ ଅବଗତ ଅଛନ୍ତି କି, ଯଦି ହଁ ତେବେ ବିଭାଗ ଏ ବାବଦରେ କଣ ପଦକ୍ଷେପ ନେଇଛନ୍ତି ତାହାର ସବିଶେଷ ବିବରଣୀ ଯୋଗାଇଦିଆଯାଉ, (ଖ) ସୋରୋ ନିର୍ବାଚନ ମଣ୍ଡଳୀ ରେ 2024-24 ଆର୍ଥିକ ବର୍ଷ ର ଅନୁମୋଦିତ ବିକଶିତ ଗାଁ ବିକଶିତ ଓଡିଶା ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଉନଥିବା ର କାରଣ କଣ ଯଦି ବିଭାଗ ଏ ବିଷୟ ରେ ଅବଗତ ଅଛି କି, ଯଦି ହଁ ତେବେ ବିଭାଗ ଏ ବାବଦରେ ଜଣ ପଦକ୍ଷେପ ନେଇଛନ୍ତି ତାହାର ସବିଶେଷ ବିବରଣୀ ଯୋଗାଇ ଦିଆଯାଉ ?

----

## ନିମ୍ନମାନର ପାଇପ ଯୋଗୁଁ ପାନୀୟ ଜଳ ଯୋଗାଣରେ ବାଧାପ୍ରାପ୍ତ

**2812 Shri Madhab Dhada (Soro)ː**

Will the Minister for **Panchayati Raj & Drinking Water** be pleased to state

that:- (କ) ସୋଲୋ ଓ ବାହାନର ବ୍ଲକ ପାନୀୟ ଜଳ ସମସ୍ୟା ଥିବା ଗ୍ରାମ ଗୁଡିକରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ବିଭାଗ ବ୍ୟବସ୍ଥା କରିବା ପାଇଁ ବ୍ୟବସ୍ଥା କରିବେ କି, ଯଦି ନାଁ କେବେ ଓ କେଉଁ ଅଞ୍ଚଳ କୁ ନେଇ ପ୍ରକଳ୍ପ କରାଯିବ ଆଜି ଦିନ ସୁଦ୍ଧା ବିଭାଗ ଏ ବାବଦରେ କଣ ପଦକ୍ଷେପ ନେଇଛନ୍ତି ତାହାର ସବିଶେଷ ବିବରଣୀ ଯୋଗାଇ ଦେବେ କି, (ଖ) ସୋ ନିର୍ବାଚନ ମଣ୍ଡଳୀ ରେ 2022-23 ରୁ JM ଯୋଜନା ରେ ନିର୍ମିତ ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପ ର Overhead ଟାଙ୍କି ରୁ ପାଣି କଳୁଥିବା ସହିତ ପାନୀୟ ଜଳ ପ୍ରକଳ୍ପ ପ୍ରକଳ୍ପରେ ବିଛାଯାଇଥିବା pipe ନିମ୍ନମାନର ଥିବାରୁ ବାରମ୍ବାର ଫାଟିଯାଉଥିବା ସହିତ ଜନସାଧାରଣ ପ୍ରତିଦିନ ବହୁତ ହଇରାଣ ହେଉଛନ୍ତି ?

----

## ମା' ପାଇଁ ଗଛ ଟିଏ ଯୋଜନାରେ ଅର୍ଥ ବ୍ୟୟ

**2813 Shri Akhila Chandra Naik (Patna):**

Will the Minister for **Forest, Environment and Climate Change** be pleased to state that:- କେନ୍ଦୁଝର ଜିଲ୍ଲାରେ ମା' ପାଇଁ ଗଛ ଟିଏ (ଏକ୍ ପେଡ୍ ମାକେ ନାମ) ଯୋଜନାରେ କେଉଁ କେଉଁ ପଞ୍ଚାୟତରେ କେତେ ଅର୍ଥ ବିନିମୟରେ କେତେ ସଂଖ୍ୟକ ଚାରା ରୋପଣ କରାଯାଇଛି ତା'ର ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି,ଲଗାଯାଇଥିବା ଚାରାଗୁଡିକର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜଣାଇବେ କି ?

----

## ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବା

**2814 Shri Akhila Chandra Naik (Patna):**

Will the Minister for **Panchayati Raj & Drinking Water** be pleased to state that:- ସମଗ୍ର ରାଜ୍ୟରେ କେଉଁ ଯୋଜନାରେ କେତେ ଅର୍ଥ ବିନିଯୋଗରେ କେଉଁ କେଉଁଠାରେ କେତେଗୋଟି ବୃହତ ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି, ଏଗୁଡିକର ନିର୍ମାଣ କାର୍ଯ୍ୟ କେଉଁ କେଉଁ ସଂସ୍ଥା ଦ୍ୱାରା କରାଯାଇଛି ଏବଂ ଏହି ପ୍ରକଳ୍ପ ଗୁଡିକର ବର୍ତମାନର ସ୍ଥିତି ସମ୍ପର୍କରେ ଜିଲ୍ଲାୱାରୀ ଓ ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେକି ? ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡିକରୁ କେତେ ପରିବାର ପାନୀୟଜଳ ସୁବିଧା ପାଉଛନ୍ତି ଜଣାଇବେ କି ? ସମ୍ପୂର୍ଣ୍ଣ ହୋଇନଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ କେବେ ସୁଦ୍ଧା ଶେଷ ହେବ ଜଣାଇବେକି ? ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିନଥିବା ସଂସ୍ଥା ବିରୁଦ୍ଧରେ ବିଭାଗ ପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜଣାଇବେ କି ?

----

## ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ଯୋଗାଇବା

**2815 Shri Akhila Chandra Naik (Patna):**

Will the Minister for **Panchayati Raj & Drinking Water** be pleased to state

that:- କେନ୍ଦୁଝର ଜିଲ୍ଲାରେ ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କେତେ ଜଣ ହିତାଧିକାରୀଙ୍କୁ ପାଇଖାନା ଯୋଗାଇ ଦିଆଯାଇଛି ତା'ର ବର୍ଷୱାରୀ ଓ ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି, ଆଗାମୀ ଦିନରେ ଜିଲ୍ଲାରେ କେତେ ହିତାଧିକାରୀଙ୍କୁ ପାଇଖାନା ଯୋଗାଇଦେବାକୁ ବିଭାଗ ଲକ୍ଷ୍ୟ ରଖିଛି ଜଣାଇବେ କି ?

----

## କାଠ ଚୋରି ଅଭିଯୋଗରେ ବନଖଣ୍ଡ ଦ୍ୱାରା ଗିରଫ ବ୍ୟକ୍ତି

2816 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ବର୍ଷ ମଧ୍ୟରେ କାଠ ଚୋରି ଅଭିଯୋଗରେ କେଉଁ ବନଖଣ୍ଡରେ କେତେ ଲୋକଙ୍କୁ ଗିରଫ କରାଯାଇଛି, ଗିରଫ ବ୍ୟକ୍ତିଙ୍କ ଠାରୁ ଜୋରିମାନା ଆକାରରେ କେତେ ଅର୍ଥ ଆଦାୟ ହୋଇଛି ଏବଂ ଏହି ସମୟ ମଧ୍ୟରେ କାଠ ଚୋରିର ସୂଚନା ଦେଇଥିବା କେତେଜଣ ବ୍ୟକ୍ତିଙ୍କୁ ସରକାର କେତେ ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି ତାହାର ଏକ ବନଖଣ୍ଡରୀ ତାଲିକା ପ୍ରଦାନ କରିବେ କି ?

----

## କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ

2817 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ କେତୋଟି ମୋଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଓ ଏଗୁଡିକ ମଧ୍ୟରୁ କେତୋଟି ପ୍ରକଳ୍ପ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ ହୋଇ ଜଳଯୋଗାଣ କରୁଛି, ଧାର୍ଯ୍ୟ ସମୟ ମଧ୍ୟରେ କେତୋଟି ପ୍ରକଳ୍ପ ସରିପାରି ନାହିଁ ଓ ଏହିସବୁ ପ୍ରକଳ୍ପ ନିର୍ମାଣ କରୁଥିବା ସଂସ୍ଥା ବିରୁଦ୍ଧରେ ସରକାର କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ନିର୍ମାଣକାରୀ ସଂସ୍ଥା ଓ ବିଳମ୍ବିତ ହେଉଥିବା ପ୍ରକଳ୍ପର ଏକ ଜିଲ୍ଲାୱାରୀ ତାଲିକା ଦେବା ସହିତ କେବେ ସୁଦ୍ଧା ରାଜ୍ୟର ସମସ୍ତ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ ତାହା ଉଲ୍ଲେଖ କରିବେ କି ?

----

## ହାଉସିଂ ପ୍ରକଳ୍ପ ନିର୍ମାଣ

2818 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ସ୍ଥାନରେ ସରକାର କେତୋଟି ହାଉସିଂ ପ୍ରକଳ୍ପ ନିର୍ମାଣ କରୁଛନ୍ତି, ଏହିସବୁ ପ୍ରକଳ୍ପରେ କେତୋଟି କେଉଁ ବର୍ଗର ଘର ନିର୍ମାଣ ହେଉଛି ଏବଂ ଏହା କେବେସୁଦ୍ଧା ସମ୍ପୂର୍ଣ୍ଣ ହୋଇ ଲୋକଙ୍କୁ ଯୋଗାଇ ଦିଆଯିବ, ରାଜଧାନୀ ଭୁବନେଶ୍ୱରରେ କେତୋଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଏବଂ ପ୍ରକଳ୍ପୱାରୀ ଏହାର ଦର କ'ଣ ରହିଛି ?

----

## ଜଳ ଜୀବନ ମିଶନ୍ ଯୋଜନା ଦ୍ୱାରା ପାନୀୟ ଜଳ ଯୋଗାଣ

**2819 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳ ଜୀବନ ମିଶନ୍ ଅଧୀନରେ ବଡ଼ଚଣା ବ୍ଲକର କେତେ ପ୍ରତିଶତ ଗ୍ରାମ୍ୟ ପରିବାରକୁ ଘରୋଇ ନଳ ସଂଯୋଗ (FHTC) ପ୍ରଦାନ କରାଯାଇଛି ତାହାର ତଥ୍ୟ ପଞ୍ଚାୟତ ୱାରୀ ପ୍ରଦାନ କରିବେ ଏବଂ ଏବେ ଓଡ଼ିଶା ଓ ଜାତୀୟ ହାର କେତେ ରହିଅଛି? (କ) ରାଜ୍ୟର ବିଭିନ୍ନ ଜିଲ୍ଲାରେ କେତେ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ବର୍ତ୍ତମାନ, ବିଳମ୍ବିତ କିମ୍ବା ପରିତ୍ୟକ୍ତ ଅବସ୍ଥାରେ ରହିଅଛି, ଦୟାକରି ଜିଲ୍ଲା-ଆଧାରିତ ତଥ୍ୟ ପ୍ରଦାନ କରିବେ କି, (ଖ) ଗତ 2 ବର୍ଷରେ କେତେ ଗ୍ରାମ୍ୟ ପାଇପ୍ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ନିର୍ଦ୍ଧାରିତ ସମୟ-ସୀମାରୁ ପଛରେ ଚାଲୁଛନ୍ତି କିମ୍ବା ସମୟ-ସୀମାରୁ ଅଧିକ ସମୟ ନେଇଛନ୍ତି କି, ଏହି ମାମଲାରେ ସଂପୃକ୍ତ ଠିକାଦାରମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ କରାଯାଇଛି ?

----

## ବଉଳା ନାଳ ଉପରେ ସେତୁ ନିର୍ମାଣ

**2820 ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ବ୍ଲକ ରେ ବାଲିପାଳ ପଂଚାୟତ ମଲୀପଶି ଗ୍ରାମର ବଉଳା ନାଳ ଉପରେ ଦୀର୍ଘ ୨୦୧୮-୧୯ ମସିହା ରୁ ସେତୁ tender ହୋଇଥିବାବେଳେ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ନ ହେବାର କାରଣ କଣ ?

----

## ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ

**2821 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ପଞ୍ଚାୟତରେ ହୋଇଥିବା ଆର୍ଥିକ ଅନିୟମିତତାର ଅଭିଯୋଗ ଓ ତଦନ୍ତ ଦାବି ସରକାରଙ୍କ ପାଖରେ ଅଛି କି, ଯଦି ହଁ, ତେବେ ଏହି ତଦନ୍ତର ବର୍ତ୍ତମାନର ସ୍ଥିତି କଣ, ଏହାର ରିପୋର୍ଟ କେବେ ପ୍ରକାଶ ପାଇବ ଏବଂ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ବ୍ରହ୍ମଗିରି ଅଞ୍ଚଳକୁ NAC ଘୋଷଣା ସମ୍ପର୍କରେ

**2822 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚତୁର୍ଥ ଅଧିବେଶନରେ (ବ୍ରହ୍ମଗିରି ଅଞ୍ଚଳକୁ NAC ଘୋଷଣା ସମ୍ପର୍କେ) ସରକାର ଉତ୍ତର ଦେଇଥିଲେ, ପୁରୀ ଜିଲ୍ଲାପାଳଙ୍କୁ ପତ୍ର ସଂଖ୍ୟା ୬୧୨୪ ତା ୧୩.୦୩.୨୦୨୪ରେ ପୂର୍ଣାଙ୍ଗ ପ୍ରସ୍ତାବ ପ୍ରେରଣ ନିମନ୍ତେ ଅନୁରୋଧ କରାଯାଇଥିଲା ଓ ପୂର୍ଣାଙ୍ଗ ପ୍ରସ୍ତାବ ହସ୍ତଗତ ହେବା ପରେ ଆଇନ ଅନୁଯାୟୀ ତର୍ଜମା କରି ପଦକ୍ଷେପ ନିଆଯିବ, ତେବେ ବର୍ତ୍ତମାନ ଜିଲ୍ଲାପାଳଙ୍କଠାରୁ ପୂର୍ଣାଙ୍ଗ ପ୍ରସ୍ତାବ ଆସିଛି କି, ଯଦି ହଁ, ତେବେ ଏହାର ବର୍ତ୍ତମାନର ସ୍ଥିତି କଣ ?

----

## ଗ୍ରାମ୍ୟ ଉନ୍ନୟନ ରାସ୍ତା

2823 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ ଥିବା ସମସ୍ତ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କେତେ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ରାସ୍ତା ନିର୍ମାଣ କରାଯାଇଛି, ବେଗୁନିଆ ନିର୍ବାଚନ ମଣ୍ଡଳୀରେ ମୋଟ କେତେ କି.ମି. ଗ୍ରାମ୍ୟ ଉନ୍ନୟନ ରାସ୍ତା ଅଛି, ଚଳିତ ଆର୍ଥିକ ବର୍ଷରେ କେତେଗୋଟି ରାସ୍ତା ନିର୍ମାଣ କରାଯିବ ଏବଂ କେତେ କି.ମି. ନୂତନ ଭାବେ ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ ପାଇଁ ବ୍ୟୟ ବରାଦ କରାଯାଇଛି ?

----

## ନିର୍ମାଣ ଶ୍ରମିକଙ୍କ କଲ୍ୟାଣ

2824 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ଓ ବୋଲଗଡ ବ୍ଲକରେ କେତେଜଣ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି ଓ ସେମାନଙ୍କ କଲ୍ୟାଣ ପାଇଁ ବିଗତ 5 ବର୍ଷରେ କି ପଦକ୍ଷେପ ନିଆଯାଇଛି ?

----

## ସୁନାମୁହିଁ ପାର୍କର ବିକାଶ

2825 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ସୁନାମୁହିଁ ପର୍ଯ୍ୟଟନ କ୍ଷେତ୍ରକୁ ସ୍ମାର୍ଟ ପାର୍କରେ ପରିଣତ କରିବାକୁ ବିଭାଗ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି, ଆଗାମୀ ଦିନ ପାଇଁ ଉକ୍ତ ପାର୍କଟିର ବିକାଶ ପାଇଁ କି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି ?

----

## ୱାଟର କିଓସ୍କ ପାଇଁ ଅନୁଦାନ ପ୍ରଦାନ

2826 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଖଣ୍ଡପଡା ଏନ.ଏ.ସି. ଟି ୩୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଜନଗହଳି ପୂର୍ଣ୍ଣ ଡାକ୍ତରଖାନା ଛକ ନିକଟସ୍ଥ ଆହାର କେନ୍ଦ୍ର, ମହିଳା ମହାବିଦ୍ୟାଳୟ, ନୂତନ ଓ ପୁରାତନ ବସ ଷ୍ଟାଣ୍ଡ, ରଥଗଡା ଛକ, ତ୍ରିନାଥ ଛକ ନିକଟରେ ୱାଟର କିଓସ୍କ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ କି ?

----

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ

2827 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିନ ଖଣ୍ଡପଡା ଓ ଭାପୁର ବ୍ଲକ ଅଞ୍ଚଳରେ ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କଣ ପଦକ୍ଷେପ ନିଆଯାଇଛି ତାର ସାରଣୀ ପ୍ରଦାନ କରିବେ କି, ୨୦୨୫ - ୨୬ ଆର୍ଥିକ ବର୍ଷ ପାଇଁ ଆଉ କଣ ପଦକ୍ଷେପ ନିଆଯିବ ବୋଲି ସ୍ଥିର କରାଯାଇଛି ?

----

## ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ପ୍ରସ୍ତାବ

2828 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଟେଣ୍ଡରକୁ ରାଜ୍ୟ ସରକାର ବାତିଲ କରିଥିବାର କାରଣ କଣ, ଏହି ପ୍ରକଳ୍ପର ପ୍ରକ୍ରିୟାକୁ ପୁନଃ ଆରମ୍ଭ କରିବାର ପ୍ରସ୍ତାବ ରହିଅଛି କି ?

----

## ସିନାପାଲିକୁ NAC ଘୋଷଣା

2829 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାର ଚଳିତ ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷରେ କେତେ ଗୋଟି NAC/ Municipality ଘୋଷଣା କରିଛନ୍ତି ଏବଂ କେତେ ଗୋଟି NAC/ Municipality ଘୋଷଣା କରିବାକୁ ଯାଉଛନ୍ତି ଏହାର ଜିଲ୍ଲା ୱାରି ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିଲାପାଲି କୁ NAC ଘୋଷଣା କରିଛନ୍ତି କି, ଏହା କେଉଁ ସମୟସୀମା ଭିତରେ ନୂଆ NAC ଭାବରେ କାର୍ଯ୍ୟକ୍ଷମ ହେବ ?

----

## MGNRGA ଯୋଜନା ଦ୍ୱାରା କର୍ମ ନିଯୁକ୍ତି

2830 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ମନରେଗା (MGNRGA) ଯୋଜନାରେ କର୍ମନିଯୁକ୍ତି ପାଇଁ କେଉଁ କେଉଁ ଜିଲ୍ଲାକୁ କେତେ କେତେ ଦିନ ପାଇଁ ଶ୍ରମ ଦିବସ ଦିଆଯାଇଛି । ଏହାର ଜିଲ୍ଲା ୱାରି ଗୋଟିଏ ତାଲିକା ପ୍ରଦାନ କରିବେ କି, (ଖ) ନୂଆପଡା ଜିଲ୍ଲା ର ପାଂଚଟା ରୁ ପାଂଚଟା ବ୍ଲକ ଦାଦନ ପ୍ରବଣ ଥିଲେ ମଧ୍ୟ କମ୍ ଶ୍ରମ ଦିବସ ଦେବାର କାରଣ କଣ ?

----

## RERA ଅନୁମୋଦଜନ ନାମରେ ଦୋକାନ ହସ୍ତାନ୍ତର

2831 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- RERA ଅନୁମୋଦନ ନାମରେ ଦୋକାନ ହସ୍ତାନ୍ତର ବିଳମ୍ବ ହେଉଛି ବୋଲି କୁହାଯାଉଛି, ତେବେ RERA ପାଇଁ କେବେ ଆବେଦନ ହୋଇଛି, ସମସ୍ତ ଦଲିଲ କେବେ ପଠାଯାଇଛି, ଅନୁମୋଦନ ମିଳିବାର ଅନୁମାନିତ ସମୟକାଳ କେତେ, କମ୍ପ୍ଲେକ୍ସର ମୁଖ୍ୟ ସୁବିଧା ଗୁଡିକ ଯଥା- Lighting, Lift, Security, Drinking Water, Ventilation, Parking ଏପର୍ଯ୍ୟନ୍ତ କାହିଁକି ବ୍ୟବସ୍ଥା କରାଯାଇନାହିଁ ?

----

## ନିର୍ମାଣାଧିନ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ

**2832 ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗଞ୍ଜାମ ଜିଲ୍ଲା ମୁଖ୍ୟାଳୟ ଛତ୍ରପୁର ଲୋଏର ବସଷ୍ଟାଣ୍ଡ ନିକଟରେ ବିଡିଏ (BDA) ଦ୍ୱାରା ୨୦୧୯ ମସିହାରେ ୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ନୂତନ ମାର୍କେଟ କମ୍ପ୍ଲେକ୍ସ ସମ୍ପର୍କରେ, ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ୬ ବର୍ଷ ହେଲାଣି ଆଜି ପର୍ଯ୍ୟନ୍ତ ମାର୍କେଟ କମ୍ପ୍ଲେକ୍ସ ହୋଇପାରୁନାହିଁ, ପୁରୁଣା ବଜାର ଭାଙ୍ଗିବା ପରଠାରୁ ୨୦୧୪ ଠାରୁ ୧୧ ବର୍ଷ ହେଲା ବ୍ୟବସାୟୀମାନେ ଅସୁବିଧାରେ ରହୁଛନ୍ତି ?

----

## ବିଭିନ୍ନ Scheme ର Layout ନ ଦେବା

**2833 ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଥିବା ବ୍ଲକ ମାନଙ୍କରେ କେଉଁ କେଉଁ Scheme ରେ ଆଜି ପର୍ଯ୍ୟନ୍ତ Layout ଦିଆଯାଇନାହିଁ ଏବଂ ଖର୍ଚ୍ଚ ହୋଇନାହିଁ ?

----

## Road connected by Road of Villages in Gajapati district

**2834 Shri Rupesh Kumar Panigrahi (Paralakhemundi):**

Will the Minister for **Panchayati Raj & Drinking Water** be pleased to state that:- Which Villages In Each Block Of The Gajapati District Are Still Not Connected By Roads, Under Which Projects Have These Villages Been included, What Steps Have Been Taken For Their Road Connectivity, And By When Will These Villages Be Fully Connected?

----

## Conservation Of Underground Water In Urban Areas

**2835 Shri Rupesh Kumar Panigrahi (Paralakhemundi):**

Will the Minister for **Housing & Urban Development** be pleased to state that:- What Arrangements And Facilities Has The Government Made For The

Conservation Of Underground Water In Urban Areas, What Steps Have Been Taken For Wastewater Management, Is There Any Specific Plan For Paralakhemundi Municipality, Detailed Information May Be Provided ?

----

**Water Quality issue in Satyabadi**

**2836 Shri Om Prakash Mishra (Satyabadi):**

Will the Minister for **Panchayati Raj & Drinking Water** be pleased to state that:- Given that Satyabadi block has reported contamination issues from the Daya River affecting downstream villages and district-level data shows fluoride contamination in Puri district's groundwater, what specific water quality testing has been conducted in Satyabadi block in the past 12 months, How many tube wells and piped water sources have been tested for fluoride, arsenic, iron and bacterial contamination? What remedial measures have been taken for sources exceeding permissible limits, Why is water quality data treated as "top secret" rather than being publicly disclosed to affected communities ?

----

**Development of TOD projects for Bhubaneswar**

**2837 Shri Om Prakash Mishra (Satyabadi):**

Will the Minister for **Housing & Urban Development** be pleased to state that:- The Cabinet has approved an Rs 8,179 crore Transit-Oriented Development (TOD) project for Bhubaneswar covering 800 acres. However, smaller towns and emerging NACs like Sakshi Gopal in the BCPPER (Bhubaneswar-Cuttack-Puri-Paradip Economic Region) remain disconnected from this planning. Will the govt. ry extend TOD principles and integrated planning support to tier-2 and tier-3 towns earmarked under the Liveable Cities Mission for 45 towns with 25,000+ population, What is the timeline for developing regional rapid transit systems linking coastal towns like Puri, Paradip and Berhampur to Bhubaneswar and how will affordable housing be ensured along transit corridors to prevent gentrification and displacement ?

----

**Plan of action formulated OBDA & SMPB**

**2838 Shri Mangu Khilla (Chitrakonda):**

Will the Minister for **Forest, Environment and Climate Change** be pleased to state that:- In the contest of Answer to UD no. 4731 dt. 25.03.3025 Is it true no plan of action has been formulated and the OBDA and SMPB will be shut down else merged with other departments? If not, A. Details of personnel with Name, Designation, Nature and date of Engagement, Responsibility, Remuneration/ Details Paid, working in OBDA and SMPB, Details information of Annual Activity / Actions of last 2 years and Details of work done in Malkangiri dist, block wise since the formation of OBDA and SMPB, List of Traditional Baidya/ Healers/ Practitioner of Odisha, Dist wise with all contact details, those have been trainer / capacity enhanced / scheme extended / enrolled/Herbal fare sponsored / attended in last 5 years ?

----

## ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତରେ ହୋଇଥିବା କାର୍ଯ୍ୟ

**2839 Shri Mangu Khilla (Chitrakonda):**

Will the Minister for **Panchayati Raj & Drinking Water** be pleased to state that:- ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ତା. ୩୧.୧୦.୨୦୨୫ଦିନ ସୁଦ୍ଧା ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସରକାର ଗ୍ରାମପଞ୍ଚାୟତ ପ୍ରତି ୫୦ ଲକ୍ଷ ଟଙ୍କା (if paid) ଦେଲା ପରେ ଆଜି ସୁଦ୍ଧା କେଉଁ ଗ୍ରାମପଞ୍ଚାୟତରେ ସର୍ବମୋଟ କେତେ ପାଣ୍ଠି ଗଚ୍ଛିତ (Closing Balance) ଅଛି ?

----

## ବୀମା ପଞ୍ଜିକରଣ କରିଥିବା ଶ୍ରମିକ

**2840 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାର ଆଜି ପର୍ଯ୍ୟନ୍ତ କେତେ ଜଣ ଶ୍ରମିକ ବୀମା ପଞ୍ଜିକରଣ କରିଛନ୍ତି ଏବଂ କେତେ ଜଣ ବର୍ଷକୁ କରୁଛନ୍ତି, ବୀମା renew ସଚେତନ କାର୍ଯ୍ୟକ୍ରମ renew ଦେବଗଡ଼ ଜିଲ୍ଲା କେଉଁ ଦିନ କେଉଁ ଜାଗାରେ କରାଯାଉଛି ?

----

## ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ

**2841 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଦେବଗଡ଼ ଜିଲ୍ଲା ନିର୍ମାଣାଧିନ ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ବିଗତ 5 ବର୍ଷ ମଧ୍ୟରେ କେତେ ସଂଖ୍ୟକ ପ୍ରକଳ୍ପ ନିର୍ଦ୍ଧାରିତ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହୋଇନାହିଁ; ତା'ର ପ୍ରମୁଖ କାରଣ ସହ ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି ; (ଖ) ନିର୍ଦ୍ଧାରିତ ଅବଧି ମଧରେ ପ୍ରକଳ୍ପ ସମ୍ପୂର୍ଣ ନହେବା ଯୋଗୁଁ କେଉଁ ମାନଙ୍କୁ ଉତ୍ତରଦାୟୀ କରାଯାଇଛି; କେଉଁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଯୋଗୁଁ ବ୍ୟୟ ଅଟ୍ଟକଳ କେତେ ବୃଦ୍ଧି ହେବ ?

----

## ଚାନ୍ଦବାଲି ହାଟକୁ NAC Development କରିବା

**2842 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି NAC ରେ ଚାନ୍ଦବାଲି ହାଟକୁ Development କରିବା ପାଇଁ ଏବଂ ଅଟଳ Park ପାଇଁ କେତେ ଟଙ୍କାର DPR ପ୍ରସ୍ତୁତ କରାଯାଇଛି, ଏବଂ ଏଥିପାଇଁ Department କେତେ ଟଙ୍କା ବର୍ତ୍ତମାନ ସୁଦ୍ଧା ଚାନ୍ଦବାଲି NAC କୁ ପ୍ରଦାନ କରିଛନ୍ତି ?

----

## ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଣ

**2843 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀକୁ 2024-25 ଆର୍ଥିକ ବର୍ଷରେ କେତେ ସଂଖ୍ୟକ ପ୍ରଧାନମନ୍ତ୍ରୀ ଆବାସ ଆସିଛି, କେତେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଆବାସ ଘର ମିଳିଛି, ବର୍ତ୍ତମାନ ସୁଦ୍ଧା କେତେଜଣ ହିତାଧିକାରୀ ଉକ୍ତ ଆବାସ ଘର ପାଇବାରୁ ବଞ୍ଚିତ ଅଛନ୍ତି?

----

## ନିର୍ମାଣଧିନ Mega Pipe Water Supply କାର୍ଯ୍ୟ

**2844 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ଚାଲିଥିବା Mega Pipe Water Supply ର କାମ କେବେସୁଦ୍ଧା ସରିବ, ବର୍ତ୍ତମାନ ସୁଦ୍ଧା ବହୁ ପଞ୍ଚାୟତରେ ଏହି ସୁବିଧା ମିଳିପାରୁନାହିଁ, କେବେସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ?

----

## ସହରାଞ୍ଚଳରେ ଥିବା ରାତ୍ରି ଆଶ୍ରୟ ସ୍ଥଳ

**2845 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସହରାଞ୍ଚଳ ଗୁଡିକରେ ବସହରାଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, କେଉଁ କେଉଁ ସହରରେ କେତୋଟି ଆଶ୍ରୟ ସ୍ଥଳ ରହିଛି, ରାତି ଆଶ୍ରୟ ସ୍ଥଳ ଗୁଡିକର ପରିଚାଳନା କିଏ କରୁଛି, ଆଶ୍ରୟ ସ୍ଥଳ ଗୁଡିକରେ ଗରିବ ଲୋକଙ୍କୁ ଅର୍ଥ ଦାବି କରି, ଶୋଷଣ କରାଯାଉଥିବା ଘଟଣା ସତ୍ୟ କି, କାହିଁକି ଓ କେଉଁ ପରିସ୍ଥିତିରେ ଗରିବ ଓ ଖଟିଖିଆଙ୍କୁ ଶୋଷଣ କରାଯାଉଛି ?

----

## ଗାଡି ପାର୍କିଂ ଫି ବାବଦରେ ରାଜସ୍ୱ ଆଦାୟ

**2846 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସହରାଞ୍ଚଳ ଗୁଡିକରେ ଗାଡି ପାର୍କିଂ ଫି ବାବଦରେ ବାର୍ଷିକ କେତେ ରାଜସ୍ୱ ଆଦାୟ କରାଯାଉଛି, ଗତ 5 ବର୍ଷ ମଧ୍ୟରେ କେତେ ରାଜସ୍ୱ ସଂଗ୍ରହ ହୋଉଛି ତାହା ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ଜଳ ଯୋଗାଣ କର୍ମଚାରୀଙ୍କ ପାରିଶ୍ରମିକ ବୃଦ୍ଧି

2847 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କାର୍ଯ୍ୟରତ ଜଳଯୋଗାଣ କର୍ମଚାରୀ ମାନଙ୍କୁ 100 ଟଙ୍କା ହିସାବରେ ଦୁଇଥର ପାରିଶ୍ରମିକ ବୃଦ୍ଧି କରାଯାଇଥିବା ବେଳେ ସେମାନଙ୍କ ପାଇଁ ଆଉ କିଛି ପାରିଶ୍ରମିକ ବୃଦ୍ଧି ସହ ସେମାନଙ୍କୁ Work charged କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## କେନ୍ଦ୍ର ସରକାରଙ୍କ ନିକଟରେ ପ୍ରକଳ୍ପ ପାଇଁ ଅନୁମୋଦନ ବିଚାରଧିନ

2848 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଉନ୍ନୟନ ପ୍ରକଳ୍ପ ଗୁଡିକର ଜଙ୍ଗଲ ଓ ପରିବେଶ ଅନୁମମୋଦନ କେନ୍ଦ୍ର ସରକାରଙ୍କ ନିକଟରେ ବିଚାରାଧୀନ ଅଛି, ଏହାକୁ ତୁରନ୍ତ ଅନୁମୋଦନ ପୂର୍ବକ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## High School ପରିସରରୁ ବନ୍ୟା ଜଳ ନିଷ୍କାସନ

2849 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କି ଡମପଡା ବ୍ଲକ ଅଧିନସ୍ଥ ଶିମିଳିପୁର ହରିରାଜପୁର High School ପରିସରରେ ବର୍ଷା ଦିନେ ବର୍ଷା ଏବଂ ବନ୍ୟା ଜଳ ଜମି ଯାଉଥିବାରୁ ଏବଂ ଉକ୍ତ ଜଳ ଏଠାରୁ ନିଷ୍କାସିତ ହେଉନଥିବାରୁ ପିଲାମାନଙ୍କର ପାଠପଢାରେ ଘୋର ବ୍ୟାଘାତ ସୃଷ୍ଟି ହେଉଥିବା କଥା ଜାଣନ୍ତି କି, ଛାତ୍ରଛାତ୍ରୀ ଲିଖିତ ଅଭିଯୋଗ କରିଥିଲେ କି, ତୁରନ୍ତ ସମାଧାନ ପାଇଁ ଏ ବିଷୟରେ କ'ଣ ପଦକ୍ଷେପ ନେଉଛନ୍ତି ?

----

## ଭୁବନେଶ୍ୱର ମହାନଗର ନିଗମରେ ଚାଲୁଥିବା ବେଆଇନ୍ କଲ୍ୟାଣ ମଣ୍ଡପ

2850 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଦକ୍ଷିଣ-ପଶ୍ଚିମ ମଣ୍ଡଳ ଅଧିନରେ 32 ଟି କଲ୍ୟାଣ ମଣ୍ଡପ/ ବିବାହ ମଣ୍ଡପ ବେଆଇନରେ ଚାଲୁଥିବା ସମୟରେ ଏଥିରୁ ମାତ୍ର 3 ଟି କୁ ଜଉମୂଦ (Seated) କରିବା ହାସ୍ୟାସ୍ପଦ ପଦକ୍ଷେପ ନୁହେଁ କି, କେବଳ notice ଜାରୀ କରି କାର୍ଯ୍ୟ ନକରିବା ପଦକ୍ଷେପ ମହାନଗର ନିଗମ ଅଧିକାରୀଙ୍କ ଉଦ୍ଦେଶ୍ୟ ପ୍ରଣୋହିତ ନୁହେଁ କି, କେବେସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟ କରିବେ ?

----

## PMGSY ଯୋଜନା ଦ୍ୱାରା ରାସ୍ତା ନିର୍ମାଣ ପାଇଁ ଯୋଜନା

**2851 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା-4 ରେ କେଉଁ କେଉଁ ବ୍ଲକର କେଉଁ କେଉଁ ରାସ୍ତାକୁ ଚଳିତ ବର୍ଷ ନିର୍ମାଣ ନିମିତ୍ତ ଚୂଡାନ୍ତ କରାଯାଇଛି ଓ ଏଥିନିମନ୍ତେ କେନ୍ଦ୍ର ସରକାର କେତେ ଅର୍ଥ ଯୋଗାଇ ଦେଇଛନ୍ତି ?

----

## ପଞ୍ଚାୟତ ଗୁଡିକର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଅର୍ଥ ପ୍ରଦାନ

**2852 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଆଜସୁଦ୍ଧା ପଞ୍ଚାୟତିରାଜ ବିଭାଗ ତରଫରୁ ପଞ୍ଚାୟତ ଗୁଡିକୁ 2025-26 ଆର୍ଥିକ ବର୍ଷରେ କେଉଁ ସବୁ କାର୍ଯ୍ୟ ପାଇଁ କେତେ ଅର୍ଥ ଆସିଛି ଏବଂ ସେଥିରୁ ହାରାହାରି କେତେ ଅର୍ଥ ଖର୍ଚ୍ଚ ହୋଇଛି, ପଞ୍ଚାୟତ ଗୁଡିକର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅର୍ଥ ପ୍ରଦାନରେ ବିଳମ୍ବର କାରଣ କ'ଣ ; (ଖ) ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ 50 ଟି ପଞ୍ଚାୟତକୁ ଚଳିତ ଆର୍ଥିକ ବର୍ଷରେ ଆସିଥିବା ଅର୍ଥର ପରିମାଣ ପଞ୍ଚାୟତୱାରୀ ପ୍ରଦାନ କରିବେ କି ?

----

## ରାୟଗଡା ସରକାରୀ ଦପ୍ତର ଉପରେ ବକେୟା ଥିବା ଟିକସ

**2853 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାୟଗଡା ଜିଲ୍ଲା ସଦର ପୌରପରିଷଦର ଜନସଂଖ୍ୟା କେତେ, କେତୋଟି ବାସଗୃ, କେତୋଟି ବ୍ୟବସାୟୀକ ଗୃହ ଏବଂ ପ୍ରତିଷ୍ଠାନ ରହିଛି, ପୌରପରିଷଦରେ ସମୁଦାୟ ହୋଲ୍ଡିଂ ଟିକସ ଦେଉଥିବା ବାସଗୃହ, କେତୋଟି ବ୍ୟବସାୟୀକ ଗୃହ ଏବଂ ପ୍ରତିଷ୍ଠାନ ସଂଖ୍ୟା କେତେ, ଟିକସଦାତା ରୂପେ ପଞ୍ଜିକରଣ କରିନଥିବା ବାସଗୃହ, କେତୋଟି ବ୍ୟବସାୟୀକ ଗୃହ ଏବଂ ପ୍ରତିଷ୍ଠାନ ସଂଖ୍ୟା କେତେ, 2019 ଠାରୁ ଆଜି ପର୍ଯ୍ୟନ୍ତ ବାର୍ଷିକ ଟିକସ କେତେ ଆଦାୟ ହୋଇଛି ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି, କେତେ ଟିକସ ଟଙ୍କା ଆଦାୟ ନହୋଇ ପଡିରହିଛି, କେଉଁ କାରଣରୁ ଆଦାୟ କରାଯାଇ ପାରୁନାହିଁ, ସେହିପରି ସମସ୍ତ ସରକାରୀ ଦପ୍ତର ଠାରୁ କେତେ ହୋଲ୍ଡିଂ ଟିକସ ଆଦାୟ କରାଯାଉଥିବା ବେଳେ କେତେ ବକେୟା ରହିଛି, କେଉଁ କେଉଁ କାର୍ଯ୍ୟାଳୟ ବକେୟା ରହିଛି ସେହି ସରକାରୀ ଦପ୍ତର ନାମ ପ୍ରଦାନ କରିବା ସହ ଗତ 10 ବର୍ଷ ମଧ୍ୟରେ କେତେଥର କେତେ ପରିମାଣ ହୋଲ୍ଡିଂ ଟିକସ ଦର ବୃଦ୍ଧି କରାଯାଇଛି?

----

## ଜନସାଧାରଣଙ୍କ ସୁରକ୍ଷା ଓ ଚାଷୀ ମାନଙ୍କ ରକ୍ଷଣା ବେକ୍ଷଣ ପାଇଁ ରାସ୍ତାର ଆଲୋକିକରଣ

2854 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ହାତୀ ମାନଙ୍କ ଉପଦ୍ରବରେ ଅନୁଗୋଳ ବ୍ଲକରେ ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖୀନ ହେବା ସହିତ ଜନଜୀବନ ପ୍ରତି ବିପଦ ବଢି ଚାଲିଛି, ଏହାର ପ୍ରତିକାର ପାଇଁ ଜନସାଧାରଣଙ୍କ ସୁରକ୍ଷା ଚାଷୀମାନଙ୍କ ରକ୍ଷଣାବେକ୍ଷଣ ଓ ରାସ୍ତାର ଆଲୋକିକରଣ ପାଇଁ କି କି ପଦକ୍ଷେପ ନେଇଛନ୍ତି ?

----

## ବିଂଝାରପୁର କୁ NAC ଘୋଷଣା

2855 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକର ବିଂଝାରପୁର ଓ ସୟଦପୁର ଗ୍ରାମପଞ୍ଚାୟତକୁ ନେଇ ଏନ୍.ଏ.ସି (N.A.C) ଘୋଷଣା କରିଥିଲେ, ଏ ଦିଗରେ ସମସ୍ତ criteria fulfill ହେଉଥିଲେ ମଧ୍ୟ ସରକାର କାହିଁକି ଏହାକୁ N.A.C. ଘୋଷଣା କରୁନାହାନ୍ତି, କେବେ ଏହାକୁ N.A.C ଘୋଷଣା କରାଯିବ ?

----

## ଆସିକା ଠାରେ ଦକ୍ଷିଣ ଜିଲ୍ଲା ବନାଧିକାରୀ କାର୍ଯ୍ୟାଳୟ ସ୍ଥାପନ

2856 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଠାରେ ଦୁଇଟି ଜିଲ୍ଲା ବନାଧିକାରୀ କାର୍ଯ୍ୟାଳୟ ଦୀର୍ଘଦୀନ ହେବ ରହିଆସିଅଛି, ଦକ୍ଷିଣ ଜିଲ୍ଲା ବନାଧିକାରୀ କାର୍ଯ୍ୟାଳୟ ଭଞ୍ଜନଗର ଠାରେ ଅବସ୍ଥାପନ ହୋଇଅଛି, ସେହି ଅଞ୍ଚଳ ପାଇଁ ଦକ୍ଷିଣ ଜିଲ୍ଲା ବନାଧିକାରୀ କାର୍ଯ୍ୟାଳୟର କୌଣସି ପ୍ରକାର ଆବଶ୍ୟକତା ଆସୁନାହିଁ ଓ ଭଞ୍ଜନଗର ପରିସର ମଧ୍ୟରେ ଦରକାର ପଡୁନାହିଁ, ଉକ୍ତ ଦକ୍ଷିଣାଞ୍ଚଳରେ ହିଞ୍ଜିଳି, ଆସିକା, ସୋରଡା, ବଡଗଡ, ବୁଗୁଡା, ସେରଗଡ ଓ ପୋଲସରା ଅଞ୍ଚଳ ପରିସରଭୁକ୍ତ ଅଟେ, ଆସିକା ଓ ସେରଗଡ ଅଞ୍ଚଳରେ ମୟୂର ଓ ଆସିକା ବୁଗୁଡା ଅଞ୍ଚଳରେଜଳାବାହୁଦା (Black Duck) ମାନେ ରହୁଛନ୍ତି, ଉକ୍ତ ଦକ୍ଷିଣ ଜିଲ୍ଲା ବନାଧିକାରୀଆସିକା ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଅଟେ, ଏଣୁ ଉପଯୁକ୍ତ ସରକାରୀ କାର୍ଯ୍ୟକୁ ଠିକ୍ ଭାବେ ଓ କମ୍ ସମୟ ମଧ୍ୟରେ ଓ ଲୋକମାନଙ୍କ ସହିତ ସଂଯୋଗ ପାଇଁ ଦକ୍ଷିଣାଞ୍ଚଳ ଜିଲ୍ଲା ବନାଧିକାରୀ କାର୍ଯ୍ୟାଳୟକୁ ଆସିକା ଠାରେ ସ୍ଥାପନ କରିବା ଜରୁରୀ ଥିବାରୁ ଏହା କେବେସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା

2857 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ 25 ଟି ଗ୍ରାମପଞ୍ଚାୟତ ପାଇଁ ପ୍ରସ୍ତାବିତ ମେଗା ପାଇପ୍ ପାଣି ଯୋଗାଣ ପ୍ରକଳ୍ପ ଦୀର୍ଘଦିନ ଧରି ଅପେକ୍ଷାରତ ଅଛି, ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପୁନଃପୁନି ଅଭିଯୋଗ ମିଳିଛି ଯେ, ଏହି ପ୍ରକଳ୍ପ ଦ୍ୱାରା ପାଣି ଅଭାବ ଅଞ୍ଚଳରେ ବ୍ୟାପକ ସହାୟତା ମିଳିବା ସତ୍ତ୍ୱେ ମଧ୍ୟ କାର୍ଯ୍ୟ ଆଗକୁ ବଢୁନାହିଁ, (କ) ନୀଳଗିରି ବିଧାନସଭା ମଣ୍ଡଳୀର 25 ଟି ପଞ୍ଚାୟତକୁ ଆବରଣ କରୁଥିବା ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପର କାମ ସମାପ୍ତି ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ତାରିଖ କ'ଣ, (ଖ) ଏହି ପ୍ରକଳ୍ପର DPR ପ୍ରସ୍ତୁତି, ଟେକ୍ନିକାଲ ସାଙ୍କସନ୍, ଅର୍ଥ ଖର୍ଚ୍ଚ ଅନୁମୋଦନ, ଟେଣ୍ଡର ପ୍ରକ୍ରିୟା ଇତ୍ୟାଦି କ୍ଷେତ୍ରରେ ହୋଇଥିବା ବିଳମ୍ୱର ପ୍ରମୁଖ କାରଣ ଗୁଡିକ କ'ଣ କ'ଣ ?

----

### ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା

2858 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଗ୍ରାମପଞ୍ଚାୟତ ନିଜ ଅଞ୍ଚଳରୁ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିଛନ୍ତି ଓ ଆଉ କେତୋଟି ଗ୍ରାମ ପଞ୍ଚାୟତ ଏ ଦିଗରେ ପଦକ୍ଷେପ ନେବାକୁ ଯାଉଛନ୍ତି?

----

### 7ମ ବେତନ କମିଶନ ଲାଗୁ

2859 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରୀ ଉଦ୍ୟୋଗର କର୍ମଚାରୀ ସଂଖ୍ୟା କେତେ ଓ ସେମାନଙ୍କ ସଂଖ୍ୟା ବଢୁଛି ନା କମୁଛି ଓ ଯଦି କମୁଛି ତାର କାରଣ କଣ, ରାଜ୍ୟର କେତୋଟି ସରକାରୀ ଉଦ୍ୟୋଗର କର୍ମଚାରୀଙ୍କ ପାଇଁ ଏଯାଏଁ ସପ୍ତମ ବେତନ କମିଶନ ସୁପାରିଶ ଲାଗୁ ହୋଇନାହିଁ ଓ କେତୋଟି ସଂସ୍ଥାର କର୍ମଚାରୀ ରାଜ୍ୟ ସରକାରୀ କର୍ମଚାରୀଙ୍କ ହାରରେ ବେତନ ପାଉନାହାନ୍ତି ; କେଉଁ କେଉଁ ଉଦ୍ୟୋଗର କର୍ମଚାରୀ ନିୟମୀତ ବେତନ ପାଉନାହାନ୍ତି ଓ ଯଦି ପାଉନାହାନ୍ତି ତାର କାରଣ କଣ ଏବଂ ସେମାନଙ୍କର କେତେ ଦିନର ବେତନ ବାକି ରହିଲାଣି ; ସପ୍ତମ ବେତନ କମିଶନ ସୁପାରିଶରେ ଦରମା ପାଉନଥିବା ଉଦ୍ୟୋଗ ଗୁଡିକର କର୍ମଚାରୀ କେଉଁ ବେତନ କମିଶନ ହାରରେ ଦରମା ପାଉଛନ୍ତି?

----

### ଦାଦନ ଶ୍ରମିକ ସମ୍ପର୍କରେ

2860 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ଜିଲ୍ଲାରୁ ଦାଦନ ଶ୍ରମିକ ପ୍ରତିବର୍ଷ ବାହାର ରାଜ୍ୟକୁ ଯାଉଛନ୍ତି ଏବଂ ସେମାନଙ୍କ ସଂଖ୍ୟା କେତେ ; ତାହା ବର୍ଷକୁ ବର୍ଷ କମୁଛି ନା ବଢୁଛି ; ଗଲା 2 ବର୍ଷରେ କେତେଜଣ ଦାଦନ ଶ୍ରମିକ ବାହାର ରାଜ୍ୟରେ କେଉଁ କାରଣରୁ ମୃତ୍ୟୁବରଣ କରିଛନ୍ତି ଓ ନିର୍ଯାତନା ତଥା ଅନ୍ୟ ଘଟଣାର ସମ୍ମୁଖୀନ ହୋଇଛନ୍ତି ; ସେମାନଙ୍କ ପାଇଁ ରାଜ୍ୟ ସରକାର କି ସାହାଯ୍ୟ ଦେଇଛନ୍ତି?

----

## ରାସ୍ତା ପୁନଃନିର୍ମାଣ

2861 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଟଣୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଗ୍ରାମ ଉନ୍ନୟନ ବିଭାଗ ରାସ୍ତା କେତେ କି.ମି. ଥିବାବେଳେ ତନ୍ମଧ୍ୟରୁ କେତେ କି.ମି. ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତାହାର ପୁନଃନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ବେତନ ପ୍ରଦାନ

2862 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା କେଉଁ ସାଧାରଣ ଉଦ୍ୟୋଗର କର୍ମଚାରୀମାନଙ୍କୁ କେଉଁ ବେତନ ଆୟୋଗ ଅନୁଯାୟୀ ବେତନ ପ୍ରଦାନ କରାଯାଉଛି ତାହାର ବିବରଣୀ ପ୍ରଦାନ କରିବେ କି?

----

## ଖାଲି ପଦବୀ ପୂରଣ

2863 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖୋର୍ଦ୍ଧା ଜିଲ୍ଲାରେ ଥିବା କେଉଁ କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟରେ ମଂଜୁରୀପ୍ରାପ୍ତ ବିଶେଷଜ୍ଞ, ଡାକ୍ତର ଓ ଅନ୍ୟ ପଦବୀରୁ କେତେ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ନିର୍ବାହୀ ଅଧିକାରୀ ପଦବୀ ପୂରଣ

2864 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖୋର୍ଦ୍ଧା ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ପଦବୀ ଖାଲିଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଜବରଦଖଲମୁକ୍ତ କରିବାକୁ ପଦକ୍ଷେପ

2865 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭରତପୁର ସଂରକ୍ଷିତ ଜଙ୍ଗଲର ପରିସୀମା କେତେ ଥିବାବେଳେ ତନ୍ମଧ୍ୟରୁ କେତେ ଅଞ୍ଚଳ ଜବରଦଖଲ ହୋଇଛି ଏହାକୁ ଜବରଦଖଲମୁକ୍ତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପଦକ୍ଷେପ

**2866 ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ଥିବା Block ଅଧିକାରୀମାନେ କେତେଥର WODC, MLALAD ଏବଂ ଅନ୍ୟାନ୍ୟ ଉନ୍ନୟନ ନିର୍ମାଣ କାର୍ଯ୍ୟର ଅଗ୍ରଗତିରେ ଆଲୋଚନା କରିଛନ୍ତି ତଥ୍ୟ ପ୍ରଦାନ କରିବେ କି ; (ଖ) ଯେଉଁ କାର୍ଯ୍ୟଗୁଡିକ ଏ ପର୍ଯ୍ୟନ୍ତ layout ଦିଆହୋଇନାହିଁ ଏବଂ ଯେଉଁ କାର୍ଯ୍ୟର progress(0%) ଅଛି, ସେହି କାର୍ଯ୍ୟର ଦାୟିତ୍ୱରେ ଥିବା J.Es ଏବଂ AEEs ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସଙ୍ଗେ ସଙ୍ଗେ କାର୍ଯ୍ୟଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ କି?

----

## ତାଲିକା ଉପସ୍ଥାପନ

**2867 ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ବ୍ଲକମାନଙ୍କରେ କେଉଁ କେଉଁ କାର୍ଯ୍ୟ ହୋଇଥିଲେ ମଧ୍ୟ କାର୍ଯ୍ୟାଦେଶ ପାଇଥିବା ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ payment ହୋଇନଥିବା ତାର ଏକ ତାଲିକା ସମ୍ପୂର୍ଣ୍ଣ ଭାବରେ ଉପସ୍ଥାପନ କରିବେ କି?

----

## ପୁନଃ ସମୟ ନିର୍ଦ୍ଧାରଣ

**2868 ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠମଲ୍ଲିକରେ ଚାଲିଥିବା 2ଟା Mega Water Supply କାର୍ଯ୍ୟରେ ବର୍ତ୍ତମାନ ସୁଦ୍ଧା କେତେ ଟଙ୍କା ଅଟ୍ଟକଳ ହୋଇଥିଲା ଏବଂ 2024 June 01ରୁ quartly 2025 October ସୁଦ୍ଧା କେତେ ଟଙ୍କା ଖର୍ଚ୍ଚ ହୋଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି ; (ଖ) ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ସତ୍ୟ କି ; ଯଦି ସତ୍ୟ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ କେବେ ସୁଦ୍ଧା ପୁନଃ ସମୟର ନିର୍ଦ୍ଧାରଣ କରାହୋଇଛି?

----

## ବିବରଣୀ ପ୍ରଦାନ

**2869 ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସାତକୋଶିଆ ବନଖଣ୍ଡରୁ କେତୋଟି ଗ୍ରାମରୁ କେତେ ପରିବାରଙ୍କୁ ଅଭୟାରଣ୍ୟ ଓ ବ୍ୟାଘ୍ର ପ୍ରକଳ୍ପ ନେଇ ବିସ୍ଥାପନା/ ବାସଚ୍ୟୁତ କରାଯାଇଛି ; (ଖ) ବିସ୍ଥାପିତ ହୋଇଥିବା ପରିବାରମାନଙ୍କ ମଧ୍ୟରୁ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ପଛୁଆବର୍ଗଙ୍କ ପରିବାର ସଂଖ୍ୟା କଣ ରହିଅଛି ; ବିସ୍ଥାପିତ ପରିବାର କେଉଁ କେଉଁ ସ୍ଥାନରେ ପୁର୍ନବସତି ହୋଇଛନ୍ତି ; ଏହି ପରିବାର କେତେ ପରିମାଣର ବ୍ୟକ୍ତିଗତ ଜମି ହରାଇଛନ୍ତି ଏବଂ କେତେ କେତେ ପରିମାଣର କୃଷି ଜମି ସରକାରୀ ଭାବରେ ପାଇଛନ୍ତି?

----

## DFO ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

2870 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଟାଇଂସି ଧଉରାଗୋଠ Rehabilitation, resettlement ରେ ମୌଳିକ ସୁବିଧା ଯଥା-ରାସ୍ତା, ପ୍ରତି ଘରକୁ ପାନୀୟଜଳ ସୁବିଧା, ଶ୍ମଶାନ, Community forest ର ସୁବିଧା, ଗୋଚାରଣ ଜମି ନଦେଇ resettlement କରିଥିବା ସତ୍ୟ କି ; ଯଦି ସତ୍ୟ, ସେତେବେଳର DFO ଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି?

----

## ଶ୍ରମିକମାନଙ୍କୁ ସହାୟତା

2871 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନିର୍ମାଣ ଶ୍ରମିକମାନଙ୍କୁ ରାଜ୍ୟରେ ବିଭିନ୍ନ ସହାୟତା ଦେବାପାଇଁ କେତେଜଣଙ୍କର pending ରହିଅଛି ତାହାର ତାଲିକା ଜିଲ୍ଲାୱାରୀ ଓ ହିତାଧିକାରୀୱାରୀ ପ୍ରଦାନ କରିବା ସହ କେବେ ସୁଦ୍ଧା ସେମାନଙ୍କୁ ଯୋଗାଇଦେବେ?

----

## ନଳକୂପ ସାମଗ୍ରୀ କ୍ରୟ

2872 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନଳକୂପ ପାଇଁ ସାମଗ୍ରୀ କେଉଁ ସଂସ୍ଥା ମାଧ୍ୟମରେ କେତେ ପରିମାଣର ଓ କେତେ ଅର୍ଥ ବ୍ୟୟରେ କେଉଁ ପ୍ରଣାଳୀରେ କି କି ସାମଗ୍ରୀ କେତେ ଅର୍ଥରେ କିଣାଯାଇଅଛି ତାହାର ତାଲିକା ଜିଲ୍ଲାୱାରୀ ପ୍ରଦାନ କରିବେ କି?

----

## ନଳକୂପ ସ୍ଥାପନ

2873 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ନଳକୂପ ଚାଲୁରହିଅଛି ଏବଂ ନୂତନ ଭାବରେ କେତୋଟି ନଳକୂପ ଆବଶ୍ୟକ ରହିଅଛି ଏବଂ କେବେ ସୁଦ୍ଧା ଅର୍ଥ ପ୍ରଦାନ କରାଯିବ ତାହାର ତାଲିକା ଜିଲ୍ଲାୱାରୀ ପ୍ରଦାନ କରିବେ କି?

----

## NAC ଘୋଷଣା

2874 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଆଉ କେତୋଟି ଓ କେଉଁ ସ୍ଥାନମାନଙ୍କରେ ନୂତନ NAC/Municipality ହେବାକୁ ଯାଉଅଛି ଓ criteria କଣ ରହିଅଛି ଜଣାଇବା ସହ ନବରଙ୍ଗପୁର ଜିଲ୍ଲାର ରାଇଘର ଓ ପାପଡାହାଣ୍ଡି ବ୍ଲକକୁ ଘୋଷଣା କରିବେ କି?

----

## ଛଟେଇ ନିୟମ

**2875 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ପ୍ରଚଳିତ 108 ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା EMRI GREEN Health Service କର୍ମଚାରୀଙ୍କ ପାଇଁ Labour license ନେଇଛନ୍ତି କି ; ଯଦି ନେଇଛନ୍ତି ତାହା 30ଟି ଜିଲ୍ଲା ପାଇଁ ଲାଗୁ ହେବ କି ଏବଂ ତାର ନିୟମ କଣ ରହିଛି ; ସରକାରଙ୍କ ନିୟମ ଅନୁସାରେ ଜଣେ ଶ୍ରମିକ ଦୈନିକ 10 ଘଣ୍ଟା ଓ ସପ୍ତାହକୁ 48 ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବେ ତାଠାରୁ ଅଧିକ କାର୍ଯ୍ୟକୁ overtime wages ଦିଆଯିବା କଥା କିନ୍ତୁ 108 ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଦୈନିକ 12 ଘଣ୍ଟା shift ହିସାବରେ ବିନା overtime wages ରେ କାର୍ଯ୍ୟ କରାଯାଉଛି କାହିଁକି ; କର୍ମଚାରୀଙ୍କ ପାଇଁ ବିଶ୍ରାମ ଗୋଟିଏ shift ରେ କେତେ ସମୟ ଦିଆଯାଉଛି ; ଠିକା କମ୍ପାନୀ ବିନା କାରଣରେ କର୍ମଚାରୀଙ୍କୁ ଛଟେଇ କରୁଥିବାର ଅଭିଯୋଗ ହେଉଛି ତେଣୁ ଛଟେଇ ପାଇଁ କଣ ନିୟମାବଳୀ ରହିଛି ; ପୂର୍ବ କମ୍ପାନୀ Zigitza Health Cure Ltd.ରେ କାର୍ଯ୍ୟରତ 70 ଅଭିଜ୍ଞ କର୍ମଚାରୀଙ୍କୁ EMRI GREEN କମ୍ପାନୀ କାହିଁକି ନିଯୁକ୍ତି ଦେଇନାହିଁ?

----

## ଖଲି ଓ ପାମ୍ପଡ ବିକ୍ରୟ

**2876 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ସରକାରୀ ଉଦ୍ୟୋଗ ମାଧ୍ୟମରେ ଖଲି ଓ ବଡି ପାମ୍ପଡ ବିକ୍ରୟ କରି କେତେ ଲୋକ ଲାଭବାନ ହୋଇ ଜୀବନ ନିର୍ବାହ କରୁଛନ୍ତି ନିର୍ବାଚନ ମଣ୍ଡଳୀ ୱାରୀ ସବିଶେଷ ବିବରଣୀ ଦେବେ କି ?

----

## ରାସ୍ତା କାର୍ଯ୍ୟ

**2877 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସିତ କେନ୍ଦୁଝର ଜିଲ୍ଲାରେ କେତେ ଗୋଟି କେତେ କି.ମି. ମୂତନ ଗ୍ରାମ୍ୟ ଉନ୍ନୟନ (R.D.) ରାସ୍ତା ଚଳିତ ବର୍ଷ ନିର୍ମାଣ କରିବା ପାଇଁ କେତେ ଅର୍ଥ ମଞ୍ଜୁର କରିଛନ୍ତି ଏବଂ ସେହି ଅର୍ଥରେ କେବେ ଠାରୁ ରାସ୍ତା କାର୍ଯ୍ୟ ଆରମ୍ଭ ହେବ ?

----

## ହାତୀ ଖାଦ୍ୟ ଉପୋଯୋଗୀ ଜଙ୍ଗଲ ସୃଷ୍ଟି

**2878 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ଖଣି ଓ ଶିଳ୍ପ ନିମନ୍ତେ ବହୁ ଜଙ୍ଗଲ ଦୈନିକ କଟା ଚାଲିଛି କେନ୍ଦୁଝର ଜିଲ୍ଲାରେ ହାତୀ ସଂଖ୍ୟା ମଧ୍ୟ ଦିନକୁ ଦିନ ବଢି ଚାଲି ଥିବାରୁ ଜଙ୍ଗଲରେ କୌଣସି ଖାଦ୍ୟ ନପାଇ ଗ୍ରାମାଞ୍ଚଳକୁ ଆସି ଧାନ ଚାଷ ସହିତ ବିଭିନ୍ନ ପ୍ରକାର ଫସଲ ଖାଇ ଦେଉଛନ୍ତି, ଯାହା ଫଳରେ ଚାଷଈ ହତାସ ହେଉଛନ୍ତି, ତେଣୁ ହାତୀମାନଙ୍କ ଖାଦ୍ୟ ଉପଯୋଗୀ ସ୍ୱତନ୍ତ୍ର ଜଙ୍ଗଲ ସୃଷ୍ଟି କରିବେ କି ?

----

## ପ୍ରଦୂଷଣ ମୁକ୍ତ କରିବା ପାଇଁ ପଦକ୍ଷେପ

2879 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଖଣି ଖନନ ଏବଂ ଶିଳ୍ପ ଦ୍ୱାରା ବହୁ ମାତ୍ରାରେ ପ୍ରଦୂଷଣ ବଢି ଚାଲିଛି ଯହା ଫଳରେ ଜଳ ଠାରୁ ଗ୍ରାମାଞ୍ଚଳ ଗୁଡିକରେ ଧୂଳିକଣା ପବନ ମାଧ୍ୟମରେ ଆସି ବହୁ ଧନ ଜୀବନ ହାନି ହେବା ସହିତ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି, ତେଣୁ ଜିଲ୍ଲା ପାଇଁ ପ୍ରଦୂଷଣରୁ ମୁକ୍ତ ହେବା ପାଇଁ ସରକାର ସ୍ୱତନ୍ତ୍ର ଭାବେ କି ପଦକ୍ଷେପ ନେଉଛନ୍ତି ?

----

## ଖଣି ମାଲିକଙ୍କ ନାମ ତାଲିକା

2880 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ଏକ ଖଣି ବହୁଳ ଜିଲ୍ଲା ହୋଇ ଥିବାରୁ ଖଣି ମାଲିକମାନେ ଖଣି କାର୍ଯ୍ୟ କରିବା ପାଇଁ ପ୍ରାକୃତିକ ଜଙ୍ଗଲ ଗୁଡିକୁ କାଟି ଚାଲିଛନ୍ତି ତା ପରିବର୍ତ୍ତେ କେନ୍ଦୁଝର ଜିଲ୍ଲାରେ ଖଣି ମାଲିକମାନେ କେଉଁ କେଉଁ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ଠାରେ କେତେ ହେକ୍ଟର ଜମିରେ ଜଙ୍ଗଲ ସୃଷ୍ଟି କରିଛନ୍ତି ?

----

## ଶେଷକୃତ୍ୟ ସମ୍ପାଦନ ନିମନ୍ତେ ଅର୍ଥ ବ୍ୟବସ୍ଥା

2881 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ରାଜ୍ୟରୁ ବାହାର ପ୍ରଦେଶ ଓ ବିଦେଶରେ କାମ କରିବାକୁ ଯାଇ କେତେଜଣ ଶ୍ରମିକ ମୃତ୍ୟୁବରଣ କରିଥିବା ବେଳେ ତନ୍ମଧ୍ୟରୁ କେଉଁମାନଙ୍କ ଶବକୁ ସେଠାରୁ ଅଣୁଯାଇ ତାଙ୍କ ଗ୍ରାମରେ ଶେଷକୃତ୍ୟ ସମ୍ପାଦନ ନିମନ୍ତେ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି?

----

## ଶିକ୍ଷାନୁଷ୍ଠାନର ବୈଦ୍ୟୁତିକ ରକ୍ଷଣା ବେକ୍ଷଣ

2882 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସାଲେପୁର ଓ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଧିନସ୍ଥ କେଉଁ ଶିକ୍ଷାନୁଷ୍ଠାନର ବୈଦ୍ୟୁତିକ ରକ୍ଷଣା ବେକ୍ଷଣ ଓ ମରାମତି ବାବଦରେ ଗ୍ରାମ ଉନ୍ନୟନ ଜି.ଇ.ଡି. ପକ୍ଷରୁ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ?

----

## ଖାଲି ପଦବୀ ପୂରଣ

**2883 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର କେଉଁ ପୌରସଂସ୍ଥାରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର କେଉଁ ଅଧିକାରୀ ପଦବୀରୁ କେତୋଟି ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବୃକ୍ଷ ରୋପଣ ପାଇଁ ପଦକ୍ଷେପ

**2884 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଚଳିତ ବର୍ଷ କେତେ ବୃକ୍ଷ ରୋପଣ ହୋଇଛି ଓ ସେ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, ପ୍ରକାଶ କରି ଏଠାରେ ଥିବା ଶ୍ମଶାନ, ଗ୍ରାମ୍ୟ ଜଙ୍ଗଲରେ ବୃକ୍ଷରୋପଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଅଛି ?

----

## ପୋଖରୀ ପୁନଃରୁଦ୍ଧାର

**2885 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସାଲେପୁର ନିର୍ବାଚନ ମଣ୍ଡଳୀର କେଉଁ ଗ୍ରାମ ପଞ୍ଚାୟତର କେଉଁ ପୋଖରୀ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ତାହାର ପୁନରୁର୍ଦ୍ଧାର ପୂର୍ବକ ଏହାକୁ ବ୍ୟବହାର ଉପଯୋଗୀ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନିର୍ମାଣ ଶ୍ରମିକଙ୍କ ସଂଖ୍ୟା

**2886 ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଭଦ୍ରକ ଜିଲ୍ଲାରେ କେତେ ଜଣ ନିର୍ମାଣ ଶ୍ରମିକ ଅଛନ୍ତି ତା'ର ପଞ୍ଚାୟତ ୱାରୀ ସଂଖ୍ୟା ପ୍ରଦାନ କରିବେ କି ; ବିଭିନ୍ନ ସରକାରୀ ୧ ଯୋଜନାରେ କେଉଁ କେଉଁ ହିତାଧିକାରୀ କି ସୁବିଧା ପାଇଛନ୍ତି ତା'ର ବର୍ଷୱାରୀ ଓ ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି ; ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ସରକାର କି କି ଯୋଜନା କରିଛନ୍ତି ଓ ଏହି ଯୋଜନାର ସଫଳ ରୂପାୟନ ପାଇଁ ବିଭାଗ କି ପଦକ୍ଷେପ ଗ୍ରହଣ କରୁଛି?

----

## ଭଦ୍ରକ ଜିଲ୍ଲାରେ ଅମୃତସରୋବର ଖନନ

2887 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାର ୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ କେତୋଟି ଅମୃତସରୋବର କେଉଁ ସ୍ଥାନରେ ଖନନ କରାଯାଇଛି ଓ ଆଗାମୀ ଦିନରେ କେତୋଟି ଖନନ ନିମନ୍ତେ ପ୍ରସ୍ତାବ ରହିଛି ତାର ବର୍ଷୱାରି ଓ ବ୍ଲକୱାରି ତଥ୍ୟ ପ୍ରଦାନ କରିବେ କି ; ଖନନ ହୋଇଥିବା ଅମୃତସରୋବର ଗୁଡ଼ିକରେ କେଉଁ କେଉଁ ଉତ୍ସରୁ କେତେ ଅର୍ଥ ବ୍ୟୟ କରାଯାଇଛି ଓ କେଉଁ ସ୍ଥାନରେ ଖନନ ହୋଇଛି ତା'ର ସମ୍ପୂର୍ଣ ତାଲିକା ପ୍ରଦାନ କରିବେ କି ; ଖନନ ହୋଇଥିବା ଅମୃତ ସରୋବରଗୁଡ଼ିକ ମଧ୍ୟରୁ କେତୋଟି ନୂତନ ଭାବେ ଖନନ କରାଯାଇଛି ଓ କେତୋଟିକୁ ପୁନରୁଦ୍ଧାର କରାଯାଇଛି ତାର ପଞ୍ଚାୟତୱାରି ତାଲିକା ପ୍ରଦାନ କରିବେ କି ; ଖନନ ହୋଇଥିବା ଅମୃତସରୋବର ଗୁଡିକର ବର୍ତ୍ତମାନର ସ୍ଥିତି କଣ ଅଛି ?

----

## ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବେଦନକାରୀଙ୍କ ସଂଖ୍ୟା

2888 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭଦ୍ରକ ଜିଲ୍ଲାର କେତେ ଜଣ ଆବେଦନକାରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆବେଦନ କରିଛନ୍ତି ଓ ସେଥିମଧ୍ୟରୁ କେତେ ଜଣଙ୍କୁ ଏଯାବତ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି, ତା'ର ବ୍ଲକୱାରୀ ଓ ପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବେ କି ; ଏହି ଯୋଜନାରେ କେତେ ଜଣ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ତା'ର ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି ; ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ କଣ ରହିଛି ?

----

## ଭଦ୍ରକ ଜିଲ୍ଲାରେ କାଟାଯାଇଥିବା ଗଛର ସମ୍ପୂର୍ଣ୍ଣ ତଥ୍ୟ

2889 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର)ः**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2020 ମସିହାରୁ ଆଜି ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାରେ କାହା ଅନୁମତିରେ କେଉଁ ପ୍ରକଳ୍ପ ପାଇଁ କେତେ ଗଛ କଟା ଯାଇଛି ତାର ବ୍ଲକ/ ତହସିଲୱାରୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ବ୍ଲକ ତିଆରି ହେବାର ପ୍ରସ୍ତାବ

2890 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ ଆଉ ନୂତନ ବ୍ଲକ୍ ତିଆରି ହେବାର ସମ୍ଭାବନା ଅଛି କି; ଯଦି ଉତ୍ତର ହଁ ହୁଏ ତେବେ କେଉଁ କେଉଁ ସ୍ଥାନରେ କେତେ ଲୋକସଂଖ୍ୟାକୁ ନେଇ ବ୍ଲକ୍ ତିଆରି ହେବାର ପ୍ରସ୍ତାବ ଅଛି ତାହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି; (ଖ) ଭଦ୍ରକ ଜିଲ୍ଲାରେ ଆଉ ନୂତନ ବ୍ଲକ୍ ତିଆରି ହେବାର ସମ୍ଭାବନା ଅଛି କି; ଯଦି ଉତ୍ତର ହଁ ହୁଏ ତେବେ କେଉଁ କେଉଁ ସ୍ଥାନରେ କେତେ ଲୋକସଂଖ୍ୟାକୁ ନେଇ ବ୍ଲକ୍ ତିଆରି ହେବାର ପ୍ରସ୍ତାବ ଅଛି ?

----

## ଯୋଗ୍ୟତା ନଥାଇ ସଦସ୍ୟ ରୂପେ ଚୟନ

**2891 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Odisha Real Estate Regulator Authority (ORERA) ରେ କେତେ ଜଣ ସଦସ୍ୟ ଅଛନ୍ତି, ଅବସ୍ଥାପିତ ସମସ୍ତ ସଦସ୍ୟ ଉକ୍ତ ପଦ ପାଇବା ପାଇଁ ଯୋଗ୍ୟ ଅଛନ୍ତି ଏବଂ କିଛି ସଦସ୍ୟଙ୍କର ଯୋଗ୍ୟତା ନଥାଇ ସେମାନଙ୍କୁ ସଦସ୍ୟ ରୂପେ ଚୟନ କରାଯାଇଛି କି, ଏ ସମ୍ବନ୍ଧରେ ସରକାରଙ୍କ ପାଖକୁ କୌଣସି ଅଭିଯୋଗ ଆସିଛି କି, ଯଦି ହଁ ଏ ସଂକ୍ରାନ୍ତରେ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## DFO ଙ୍କ ଅଧିନରେ ଥିବା ଜମିର ବିବରଣୀ

**2892 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତେ ଜମି ପୁରୀ DFO ଓ କେତେ ଜମି ବାଲୁଗାଁ DFO ଙ୍କ ଅଧିନରେ ଅଛି ?

----

## Forest Clearance ପାଇଁ ଆବେଦନ କରିଥିବା ଖଣି ସଂଖ୍ୟା

**2893 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବର୍ତ୍ତମାନ କେତେ ନିଲାମ ଓ ନିଲାମ ହୋଇ ନଥିବା (Old lease) ଖଣି Forest Clearance ପାଇଁ ଆବେଦନ କରିଛନ୍ତି, ଏବେ ସେହି ଆବେଦନଗୁଡିକର ବର୍ତ୍ତମାନ ସ୍ଥିତି କଣ, (ଖ) ଗତ 10 ବର୍ଷରେ କେତେ ଖଣିଗୁଡିକ Forest Clearance ଦିଆହୋଇଛି ଏବଂ କେଉଁ କେଉଁ ସର୍ତ୍ତାବଳୀ ସହିତ ଦିଆହୋଇଛି ଜଣାଇବେ ସହ ନିଲାମ ଓ ନିଲାମ ହୋଇ ନଥିବା ଖଣିଗୁଡିକର Forest Clearance ପାଇଁ ଭିନ୍ନ ଭିନ୍ନ ସମୟସୀମା ନିର୍ଦ୍ଧାରଣ କରିଛନ୍ତି କି ?

----

## Environmental Clearance ପାଇଁ ସର୍ତ୍ତ ପୂରଣ

**2894 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ସମସ୍ତ ପ୍ରକାର Mines ଗୁଡ଼ିକୁ ଯେଉଁ ଯେଉଁ Environmental Clearance ସର୍ତ୍ତଗୁଡ଼ିକ ଦିଆହୋଇଥିଲା, ସମସ୍ତେ ତାହା ସମ୍ପୂର୍ଣ୍ଣ ଭାବରେ ପୂରଣ କରିଛନ୍ତି କି, ବର୍ତ୍ତମାନ ଏହାର Monitoring ର ବ୍ୟବସ୍ଥା କଣ ଏବଂ ଏହା କେଉଁ Officer ଙ୍କ ଅଧୀନରେ ହେଉଛି ?

----

## ଦାଦନ ଶ୍ରମିକଙ୍କ ତୁଳନାତ୍ମକ ତଥ୍ୟ

2895 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରୁ ଅନ୍ୟ ରାଜ୍ୟକୁ ବା ବିଦେଶକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନଙ୍କର ସଂଖ୍ୟା ଗତ ୫ ବର୍ଷ ମଧ୍ୟରେ ତୁଳନାତ୍ମକ ଭାବରେ ବଢୁଛି କି କମୁଛି, ଏହାବ୍ୟତୀତ ସରକାରଙ୍କର ଅଗୋଚରରେ ଅନେକ ଶ୍ରମିକଙ୍କୁ ବାହାରକୁ ପଠାଯାଉଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ, ଏହାର ନିରାକରଣ କରିବା ପାଇଁ ସରକାର କି ବ୍ୟବସ୍ଥା କରିବେ ?

----

## ସୌର ଚାଳିତ ନଳକୂପର ସଂଖ୍ୟା

2896 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ନିର୍ବାଚନମଣ୍ଡଳୀରେ କେତୋଟି ସୌର ଚାଳିତ ନଳକୂପ ଅଛି ଏବଂ ସେଥିମଧ୍ୟରୁ କେତୋଟି ଅଚଳ ଅବସ୍ଥାରେ ଅଛି ତାର ଏକ ତଥ୍ୟ ଦେବେକି, ଏବଂ ଏଥିନିମନ୍ତେ ବସୁଧା ପକ୍ଷରୁ ଦିଆଯାଇଥିବା Toll Free ଅଭିଯୋଗ ନମ୍ବରରେ ଅଭିଯୋଗ କଲେ ମଧ୍ୟ ଅଭିଯୋଗ ଅବଧି ସମାଧାନ ପାଇଁ ଦିଆଯାଇଥିବା ଉଦ୍ଦିଷ୍ଟ ସମୟ ଠାରୁ ଅତ୍ୟାଧିକ ସମୟ ଅତିବାହିତ ହେବା ପରେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରୁନଥିବା କଥା ସରକାର ଜାଣନ୍ତି କି, ତେବେ ଏହିସବୁ ସମସ୍ୟାର ସମାଧାନ ପାଇଁ ସରକାର କଣ ପଦକ୍ଷେପ ନେବେ?

----

## ପଂଚାୟତ କାର୍ଯ୍ୟାଳୟ ମରାମତି

2897 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ନିର୍ବାଚନମଣ୍ଡଳୀରେ ଥିବା କେତୋଟି ଗ୍ରାମ ପଂଚାୟତ ର ନିଜସ୍ୱ କାର୍ଯ୍ୟାଳୟ ରହିଛି ଏବଂ ସେଥିମଧ୍ୟରୁ କେତୋଟି ଭଙ୍ଗାରୁଜା ଅବସ୍ଥାରେ ରହିଛି ତାର ଏକ ସଂପୁର୍ଣ୍ଣ ତାଲିକା ଉପସ୍ଥାପନ କରିବା ସହ କାର୍ଯ୍ୟାଳୟ ନଥିବା ଗ୍ରାମପଂଚାୟତଗୁଡିକରେ ନୂତନ ପଂଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଏବଂ ଭଙ୍ଗାରୁଜା ଅବସ୍ଥାରେ ଥିବା ପଂଚାୟତ କାର୍ଯ୍ୟାଳୟ ଗୁଡିକର ତୁରନ୍ତ ମରାମତି କରିବା ପାଇଁ ବ୍ୟବସ୍ଥା କରିବେ କି?

----

## ସୁନ୍ଦରଗଡ ମ୍ୟୁନିସିପାଲିଟି ଅଫିସ ପାଇଁ ଅଧିକ ପାଣି ବ୍ୟବସ୍ଥା

2898 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ ମ୍ୟୁନିସିପାଲିଟି ଅଫିସ ସଂପୂର୍ଣ୍ଣ ଅକାମୀ ଅବସ୍ଥାରେ ରହିଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ ତେବେ ଏଠାରେ ଥିବା କର୍ମଚାରୀଙ୍କ ଅଭାବ, ଅଫିସ କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ ଉପକରଣର ଅଭାବ ଏବଂ ଅଫିସ କାର୍ଯ୍ୟରେ ସ୍ୱଚ୍ଛତାର ଅଭାବ ଆଦି ସମସ୍ୟାଗୁଡିକର ନିରାକରଣ ପାଇଁ ପଦକ୍ଷେପ ନେବା ସହିତ ଅଧିକ ପାଣ୍ଠିର ବ୍ୟବସ୍ଥା କରିବେକି, (ଖ) ଉକ୍ତ ମ୍ୟୁନିସିପାଲିଟି ଅଫିସରେ ବର୍ତ୍ତମାନ କେତେଜଣ କର୍ମଚାରୀ ବିଭିନ୍ନ ବର୍ଗରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକତା ରହିଛି ଓ ସେହି ଆବଶ୍ୟକତା ପୂରଣ କରିବା ପାଇଁ କେତେଜଣ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି?

----

## Drainage System ପାଇଁ ଅଧିକ ଅର୍ଥର ବ୍ୟବସ୍ଥା

2899 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ମ୍ୟୁନିସିପାଲିଟି ଅଂଚଳରେ Drainage System ପର୍ଯ୍ୟାପ୍ତ ନଥବା ସରକାର ଜାଣନ୍ତି କି, ଯଦି ହଁତେବେ ଏହାର କାରଣ କଣ, ଗତ ଆର୍ଥିକ ବର୍ଷରେ ଏଥିପାଇଁ କେତେ ବୟବରାଦ ହୋଇଥିଲା ଓ ସେଥିମଧ୍ୟରୁ କେତେ ଖର୍ଚ୍ଚ ହୋଇଛି ତାହା ଜଣାଇବା ସହ Drainage System ର ସଠିକ୍ ପରିଚାଳନା ପାଇଁ ସରକାର ଅଧିକ ଅର୍ଥର ବ୍ୟବସ୍ଥା କରିବେ କି?

----

## ନୂତନ ନଳକୂପ ସ୍ଥାପନ ପାଇଁ ନିର୍ଦ୍ଦେଶନାମା ଜାରି

2900 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Har Ghar Jal Yojana କାର୍ଯ୍ୟରେ ଶିଥିଳତା ଥିବା କଥା ଏବଂ ଏଥିଯୋଗୁଁ ଜନସାଧାରଣଙ୍କୁ ଆବଶ୍ୟକସ୍ଥଳେ ନୂତନ ନଳକୂପ ସ୍ଥାପନ ପାଇଁ ବିଭାଗ ପକ୍ଷରୁ ଅନୁମତି ନ ମିଳୁଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ ତେବେ Har Ghar Jal Yojana ର କାର୍ଯ୍ୟ ସଂପୂର୍ଣ୍ଣ ଅବଧି କେତେ ପର୍ଯ୍ୟନ୍ତ ଥିଲା ଓ କେବେସୁଦ୍ଧା ଏହା ସଂପୂର୍ଣ୍ଣ ହେବ ଜଣାଇବା ସହ ଆବଶ୍ୟକ ସ୍ଥଳେ ନୂତନ ନଳକୂପ ସ୍ଥାପନ ପାଇଁ ସରକାର ପଦକ୍ଷେପ ନେବେକି?

----

## ସେତୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ

2901 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀ ଉପରେ ନିର୍ମାଣଧୀନ ଆମ୍ବୋ ଠାରୁ ବାତୋ ସେତୁ ଉପରେ ହାଟଡିହି ଓ ଘଷିପୁରା ଦୁଇଟି ବ୍ଲକର ୧୦ ଟି ପଞ୍ଚାୟତର ୫୦ ହଜାର ରୁ ଊର୍ଦ୍ଧ୍ୱ ଜନସାଧାରଣ ସେତୁ ଉପରେ ନିର୍ଭର କରୁଥିବା ସରକାର ଜାଣିଛନ୍ତି କି, ସେତୁ କାର୍ଯ୍ୟ ସଂପୂର୍ଣ୍ଣ ନ ହେବା କାରଣରୁ ଲୋକ ମାନଙ୍କୁ ସ୍କୁଲ,କଲେଜ ଠାରୁ ଆରମ୍ଭ କରି ମେଡିକାଲ ଯିବା ପାଇଁ ବିପଦପୂର୍ଣ୍ଣ ଭାବରେ ଡ଼ଙ୍ଗା ସାହାଯ୍ୟରେ ନଦୀ ଅତିକ୍ରମ କରି ଯିବାକୁ ପଡୁଛି,| ଏହାର କାର୍ଯ୍ୟ ୨୦୧୬ ମସିହା ରୁ ଆରମ୍ଭ ହୋଇଥିଲେ ମଧ୍ୟ ଏଯାବତ୍ ସଂପୂର୍ଣ ହୋଇପାରିଲା ନାହିଁ, ଏହା ବିଳମ୍ବ ହେବାର କାରଣ କଣ ସରକାର ଉଚ୍ଚସ୍ତରୀୟ ତଦନ୍ତ କରିବେ କି, କେବେ ସୁଧା ସଂପୂର୍ଣ୍ଣ ହେବ ?

----

## ପୁନରୁଦ୍ଧାର ହୋଇଥିବା ପୋଖରୀ ସଂଖ୍ୟା

2902 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ରେ ଅମୃତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ମୋ ପୋଖରୀ ଯୋଜନାରେ କେଉଁ ସ୍ଥାନରେ କେତୋଟି ପୋଖରୀର ପୁନଃରୁଦ୍ଧାର ହୋଇଛି ଓ କେତୋଟି ନୂତନ ପୋଖରୀ ଖୋଳାଯାଇଛି ; ଏହାର ଏକ ତାଲିକା ଦେବା ସହିତ କେଉଁ ପୋଖରୀ ବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ?

----

## ଆସିଥିବା ଅନୁଦାନର ପରିମାଣ

2903 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ପୌରପାଳିକାକୁ ବିଗତ ୫ ବର୍ଷରେ କେତେ ଟଙ୍କାର ଅନୁଦାନ ଆସିଛି। ଅନୁଦାନ ଗୁଡିକ କେଉଁ କେଉଁ ଯୋଜନା ମୁଧ୍ୟମ ରେ କେତେ ଟଙ୍କା ବିନିମୟରେ କେଉଁ କେଉଁ ଜାଗାରେ କାମ ହେଇଛି ?

----

## ଅତ୍ୟାଧୁନିକ ଡ୍ରେନେଜ ବ୍ୟବସ୍ଥା ପ୍ରବର୍ତ୍ତନ

2904 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ପୌରପାଳିକା ଅଧୀନରେ ଦିନକୁ ଦିନ ଲୋକସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀରେ ଏଠାରେ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା ପ୍ରବର୍ତ୍ତନ ସହ ରାସ୍ତାଘାଟ ଉନ୍ନତିକରଣ ସହିତ ସ୍ୱେରେଜ୍ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## କଲ୍ୟାଣ ମଣ୍ଡପର ସଂଖ୍ୟା

2905 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କେତୋଟି ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି ପ୍ରକାଶ କରି ସାମାଜିକ ଉତ୍ସବ ସମ୍ପାଦନ ନିମନ୍ତେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବ୍ୟବସ୍ଥା କରିବେ କି ?

----

**Detailed ward-wise list of roads & drains**

2906 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (a) What is the detailed, ward-wise list of roads and drains within the Barabati Cuttack Assembly Constituency that are currently sanctioned for immediate repair, including the specific street names and the current physical status of the work (e.g., tender floated, work started, completed), (b) What is the allocated budget and the scheduled completion timeline for the road and drain repair projects in each affected ward, and what mechanism is in place to prevent the re-layering of roads which severely impacts the existing drainage system ?

----

**Present status of restoration at the historic Idgah Pardia Memorial Pavilion**

2907 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (a) The present status of restoration, repair and safety measures at the historic Idgah Pardia Memorial Pavilion in Cuttack, where the first Utkal Sammilani sessions of 1903 and 1904 were heid; (b) What steps the Department has taken to coordinate with the Cuttack Sadar Tahasil Office for completion of land measurement, demarcation and site finalisation; and The proposed plan and timeline for developing the Memorial Pavilion, Sammilani House and photo /exhibition facilities to preserve Odisha's heritage and inspire youth ?

----

**Timeline for free hold conversion process in the CDA area**

2908 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (a) The current status of the freehold conversion process in the Cuttack Development Authority (CDA) area following the reply to SAQ-110 dated 23.09.2025, including the exact progress made till date; (b) The issues or bottlenecks faced at any stage of

implementing the conversion process; and The timeline by which the entire freehold conversion process in the CDA area will be fully completed ?

----

**Current status of manage sanitation & solid waste management operation**

2909 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is the current status of the process for appointing a new professional agency to manage sanitation and solid waste management operations within the Cuttack Municipal Corporation area, (b) Has the tendering process for this critical service already been initiated or completed, if the tender has not been floated, what are the exact reasons for the delay, and what is the firm deadline by which the department commits to finalize the selection and deployment of the new agency ?

----

**Present status of the comprehensive decongestion plan for cuttack city**

2910 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The present status of the comprehensive decongestion plan for Cuttack city, including projects identified for road widening, traffic management, and removal of bottlenecks; (b) Whether the draft Old City Bye-Law has been finalized, and if not, the reasons for delay; The timeline fixed for notification and implementation of the Old City Bye-Law; and The steps being taken to ensure coordinated execution of decongestion measures in the Barabati— Cuttack area ?

----

## ଶିଳ୍ପ ସ୍ଥାପନ ପାଇଁ ଯୋଜନା

2911 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆମ ରାଜ୍ୟ ରେ ସରକାରୀ ଉଦ୍ୟୋଗ (PSUs) ଯଥାIDCO, IPICOL, OMC, OSIC ଇତ୍ୟାଦିଙ୍କ ଦ୍ୱାରା ନୂତନ ବିଗତ ଆର୍ଥିକ ବର୍ଷ ୨୦୨୨-୨୦୨୪ ମଧ୍ୟରେ ଶିଳ୍ପ ସ୍ଥାପନ, Industrial Estate ବିସ୍ତାର, Food Processing / MSME Unit ସୃଷ୍ଟି ଓ ନିବେଶ ଆକର୍ଷଣ ପାଇଁ କେଉଁ ପ୍ରସ୍ତାବ ଓ ଯୋଜନା ଗ୍ରହଣ କରାଯାଇଥିଲା, କେତେ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁର ହୋଇଥିଲା ଏବଂ କେତେ ପ୍ରସ୍ତାବ ଏଯାବତ୍ ଅଟକି ରହିଛି ?

----

## ରାସ୍ତାଗୁଡ଼ିକର ନବୀକରଣ ପାଇଁ ମୋଟ ଅନୁଦାନର ପରିମାଣ

**2912 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୩ ବର୍ଷ ଅବଧିରେ ଭଦ୍ରକ ଜିଲ୍ଲାର ଗ୍ରାମ୍ୟ ଉନ୍ନୟନ (RD) ବିଭାଗ ଅଧୀନରେ ପୁରୁଣା ଓ ନଷ୍ଟାବସ୍ଥାରେ ଥିବା ରାସ୍ତାଗୁଡ଼ିକର ପୁନରୁଦ୍ଧାର, ନବୀକରଣ ଓ ମରାମତି ପାଇଁ କେତେ ମୋଟ ଅନୁଦାନ ମୁକ୍ତି କରାଯାଇଛି ; ଉକ୍ତ ଅନୁଦାନରେ କେଉଁ କେଉଁ ଗ୍ରାମର କେଉଁ ରାସ୍ତାର କାର୍ଯ୍ୟ ସମ୍ପାଦିତ ହୋଇଛି, କେଉଁ ପ୍ରକଳ୍ପଗୁଡ଼ିକ ଅଧାରେ ରହିଛି ଏବଂ କେଉଁ ରାସ୍ତାଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇ ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ ?

----

## ଭଦ୍ରକ ପୌରପାଳିକାର ମୋଟ ଆୟ ଏବଂ ବ୍ୟୟର ପରିମାଣ

**2913 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୨ ବର୍ଷ ଅବଧିରେ ଭଦ୍ରକ ପୌରପାଳିକା ତରଫରୁ ମୋଟ କେତେ ଆୟ ଏବଂ ବ୍ୟୟ ହୋଇଛି; ପରିଚ୍ଛନ୍ନତା/ସାନିଟେଶନ ଶବଦ କେତେ ଖର୍ଚ୍ଚ କରାଯାଇଛି ; ଏହି ଅବଧିରେ ପୌରପାଳିକାର ସମସ୍ତ ଶାଖା (Sections) ଯଥା ଜଳସେବା, ବିଦ୍ୟୁତ ଆଲୋକ ୱେଷ୍ଟ ମ୍ୟାଜେନମେଣ୍ଟ, ବିଲ୍ଡିଂ, ହୋଲ୍ଡିଂ ଟ୍ୟାକ୍ସ, Development Works ଇତ୍ୟାଦି - ଅଧୀନ କେଉଁ କେଉଁ କାର୍ଯ୍ୟ ସମ୍ପାଦିତ ହୋଇଛି ?

----

## ଗାଁ ସାଥିମାନଙ୍କ ପ୍ରୋତ୍ସାହନ ଭତ୍ତାବୃଦ୍ଧି

**2914 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର "ଗାଁ ସାଥୀମାନଙ୍କ" ମାସିକ ପ୍ରୋତ୍ସାହନ ଭତ୍ତା ବୃଦ୍ଧି, ସରକାରୀ କର୍ମଚାରୀ ସ୍ଥାନ ମାନ୍ୟତା, ଏବଂ ESI, EPF, ବୀ ଅନ୍ୟାନ୍ୟ କଲ୍ୟାଣମୂଳକ ସୁବିଧା ଯୋଗାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିଛନ୍ତି କି?

----

## ଭଦ୍ରକ ଜିଲ୍ଲାରେ ଅମୃତ ସରୋବର ଯୋଜନା

**2915 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅମୃତ ସରୋବର ଯୋଜନାରେ ଭଦ୍ରକ ଜିଲ୍ଲାରେ କେତୋଟି ପୋଖରୀ ଖୋଳା ଯାଇଛି; କେତୋଟି ପୁରାତନ ପୋଖରୀର ପୁନଃରୁଦ୍ଧାର କରାଯାଇଛି ଜଳ ସଂରକ୍ଷଣ ପାଇଁ ଓ ଉତ୍କଳ ବଳୟ ସୃଷ୍ଟି ପାଇଁ ସରକାର ପ୍ରତି ପଞ୍ଚାୟତରେ ବ୍ୟାପକ ସଂଖ୍ୟାରେ ପୋଖରୀ ଖୋଳିବା ପାଇଁ ବ୍ୟବସ୍ଥା କରିବେ କି ;ଏହାର ବିବରଣୀ ବ୍ଲକୱାରୀ ପ୍ରଦାନ କରିବେ କି ?

----

## ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର

**2916 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନିର୍ବାଚନ ମଣ୍ଡଳୀ ତିର୍ତ୍ତୋଲର ୩- ଗୋଟି ବ୍ଲକର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ୨୦୨୨ ରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ଓ କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥରାଶି ମଞ୍ଜୁର ହୋଇଛି ଏବଂ ପ୍ରତ୍ୟେକ କି କି କାମ ହେବାର ଧାର୍ଯ୍ୟ ହୋଇଛି; ଏହିସବୁ ପ୍ରକଳ୍ପର Maintanance କାର୍ଯ୍ୟ ପାଇଁ କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥରାଶି ମଞ୍ଜୁର କରାଯାଇଛି ?

----

## EPF କାଟିବା ସମ୍ପର୍କରେ

**2917 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ Outsourcing କର୍ମଚାରୀଙ୍କ EPF ଓ ଅର୍ଥରାଶିର Out Sourcing Agency ଠିକ ସମୟରେ ପୈଠ କରୁଛନ୍ତି କି ନାହିଁ ସେଥିପ୍ରତି ସରକାର କି କି ପଦକ୍ଷେପ ନେଇଅଛନ୍ତି ଜଗତସିଂହପୁର ଜିଲ୍ଲାରେ କେଉଁ କେଉଁ ବିଭାଗ ପାଇଁ କେଉଁ କେଉଁ Out Sourcing Agency ମାଧ୍ୟମରେ କେତେ ପିଲା କାର୍ଯ୍ୟରତ ଅଛନ୍ତି ଏହିସବୁ Out Sourcing Agency ମାନଙ୍କର ସବିଶେଷ ବିବରଣୀ ପ୍ରଦାନ କରିବେ ଏହି Out Sourcing Agency ମାନେ କେଉଁ Process ରେ Retirement କରୁଛନ୍ତି ?

----

## ବନିକରଣ ନିମନ୍ତେ ବ୍ୟୟ

**2918 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗ୍ରାମମାନଙ୍କର ଗ୍ରାମ୍ୟ ଜଙ୍ଗଲ ତିଆରି କରିବା ପାଇଁ ୨୦୨୪ -୨୫ ଆର୍ଥିକ ବର୍ଷରେ ନିର୍ବାଚନ ମଣ୍ଡଳୀ ବା ଜଗତସିଂହପୁର ଜିଲ୍ଲାର କେତେ ଟଙ୍କା ବ୍ୟୟବରାଦ କରାଯାଇଅଛି ?

----

## R.D. ରାସ୍ତା ମରାମତି

**2919 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪ -୨୦୨୫ ପାଇଁ ଜଗତସିଂହପୁର ଜିଲ୍ଲା ପାଇଁ କେତେ ଗୋଟି R.D. ରାସ୍ତା ମଞ୍ଜୁର ହୋଇଥିବା ବେଳେ ପୁରୁଣା R.D.ରାସ୍ତା ମରାମତି ପାଇଁ କେତେ ଟଙ୍କାର ବଜେଟ ବ୍ୟୟ ବରାଦ କରାଯାଇଅଛି ଓ PMJSY ଓ MMSY ଦ୍ୱାରା କେତେଗୋଟି ରାସ୍ତା ହୋଇଅଛି ?

----

## ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର

2920 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଓ ବିରିଡ଼ି ବ୍ଲକର, ପରିସୀମା ଭିତରେ ୨୦୨୨ ରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ କାର୍ଯ୍ୟ କେଉଁ ଯୋଜନାରେ ହୋଇଅଛି ଏବଂ ଏଥିପାଇଁ କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥରାଶି ମଞ୍ଜୁର ଖର୍ଚ୍ଚ ହୋଇଛି ?

----

## ଗଛ କଟା ପାଇଁ ଅନୁମତି

2921 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାରେ କାହା ଅନୁମତିରେ କେଉଁ ପ୍ରକଳ୍ପ ପାଇଁ କେତେ ଗଛ କଟା ଯାଇଛି ?

----

## ପାଇଖାନା ପାଇଥିବା ହିତାଧିକାରୀଙ୍କ ତାଲିକା

2922 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର ବିଭିନ୍ନ ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କେତେ ଜଣ ହିତାଧିକାରୀଙ୍କୁ ପାଇଖାନା ଯୋଗାଇ ଦିଆଯାଇଛି ତା'ର ବର୍ଷୱାରୀ ଓ ୱାର୍ଡୱାରୀ ତାଲିକା ପ୍ରଦାନ କରିବେ କି ; ଆଗାମୀ ଦିନରେ ଜିଲ୍ଲାରେ କେତେ ହିତାଧିକାରୀଙ୍କୁ ପାଇଖାନା ଯୋଗାଇଦେବାକୁ ବିଭାଗ ଲକ୍ଷ୍ୟ ରଖିଛି ?

----

## ସଂଗଠିତ ଓ ଅଣ ସଂଗଠିତ ଶ୍ରମିକଙ୍କ ତଥ୍ୟ

2923 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ଜଣ ସଂଗଠିତ ଓ ଅଣ ସଂଗଠିତ ଶ୍ରମିକ ଅଛନ୍ତି ତା'ର ଜିଲ୍ଲାୱାରୀ ଓ ବ୍ଲକରୀ ତଥା ପ୍ରଦାନ କରିବେ କି ; ସେମାନଙ୍କ ମଧ୍ୟରୁ କେତେ ଜଣ ରାଜ୍ୟ ବାହାରେ କାର୍ଯ୍ୟକରୁଛନ୍ତି ଜଣାଇବେ କି ; ୨୦୧୫ ମସିହାରୁ ଏଯାବତ ରାଜ୍ୟବାହାରେ କାର୍ଯ୍ୟକରୁଥିବା ସମୟରେ କେତେ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ଓ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କ ମରଶରୀର ଜନ୍ମମାଟିକୁ ଅଣାଯାଇଛି ତା'ର ଜିଲ୍ଲାୱାରୀ ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## କେନ୍ଦୁଝର ଜିଲ୍ଲାରେ ଥିବା ଉଦ୍ୟାନ/ ପାର୍କର ସଂଖ୍ୟା

2924 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର କେଉଁ ସହରାଞ୍ଚଳରେ ଉଦ୍ୟାନ/ ପାର୍କ ନିର୍ମାଣ ହୋଇଛି ଓ ଏଥି ନିମନ୍ତେ କେଉଁ ବର୍ଷ କେତେ ଅର୍ଥ ପ୍ରଦାନ କରାଯାଇଛି ତାର ସହରାଞ୍ଚଳୱାରୀ ତାଲିକା ପ୍ରଦାନ କରିବେ କି ; ଜିଲ୍ଲାରେ କେଉଁ କେଉଁ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି ଓ ଏଥି ନିମନ୍ତେ କେତେ ଅର୍ଥ ପ୍ରଦାନ କରାଯାଇଛି ଓ ଏଥିରୁ କେତେ ଟଙ୍କାର ବାର୍ଷିକ ଆୟ ହେଉଛି ?

----

## ପ୍ରକଳ୍ପ ଗୁଡ଼ିକୁ ପରିବେଶ ଅନୁମତି

2925 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୦ ମସିହାରୁ ଏଯାବତ କେନ୍ଦୁଝର ଜିଲ୍ଲାର କେଉଁ କେଉଁ ଲଘୁ ଖଣି, କ୍ରସର, ପ୍ରକଳ୍ପ ଗୁଡିକୁ ବିଭାଗ ପରିବେଶ ଅନୁମତି (Environmental Clearance ) ପ୍ରଦାନ କରିଛି ତା'ର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ? ବିଭାଗ ତଥା ମାନ୍ୟବର ନ୍ୟାୟାଳୟର ନିର୍ଦ୍ଦେଶାବଳୀକୁ ଉଲଂଘନ କରିଥିବା ସଂସ୍ଥା / ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ବିଭାଗପକ୍ଷରୁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜଣାଇବେକି ?

----

## ରାସ୍ତା ମରାମତି

2926 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡ଼ିକ ଅତି ଶୋଚନୀୟ ଅବସ୍ଥାରେ ବର୍ଷ ବର୍ଷ ଧରି ଥିବା ଓ ବ୍ୟାପକ ଦୁର୍ନୀତି ହୋଇଥିବା ସତ୍ୟ କି; ଯଦି ନାହିଁ ଏହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ପଞ୍ଚାୟତରାସ୍ତା ନିର୍ମାଣ

2927 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୫ -୨୦୨୬ ଆର୍ଥୀକ ବର୍ଷରେ କେତେ ରାସ୍ତା NREGS ଦ୍ୱାରା ନିର୍ମାଣଧିନ ରହିଛି ତାହାର ଜିଲ୍ଲାୱାରୀ ତାଲିକା ସହ ତଥ୍ୟ ପ୍ରଦାନ କରିବେ କି ; ପଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ସର୍ବମୋଟ କେତେ ପଞ୍ଚାୟତ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ସତ୍ତ୍ୱେ ସରକାର ଏଥିପ୍ରତି ଧ୍ୟାନ ନଦେବା ସତ୍ୟ କି ?

----

## ଅଭିଯୋଗ ପ୍ରକୋଷ୍ଠ ଖୋଲିବାକୁ ପ୍ରସ୍ତାବ

2928 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଶ୍ରମିକ ମାନଙ୍କର ସମସ୍ତ ସୁବିଧା ସୁଯୋଗରେ ଉନ୍ନତି ଆଣିବା ପାଇଁ କେଉଁ କେଉଁ ଜିଲ୍ଲାରେ ଶ୍ରମ ଓ କର୍ମଚାରୀ ବୀମା ବିଭାଗର ଅଭିଯୋଗ ପ୍ରକୋଷ୍ଠ ଅଛି କି ; ପଟାଙ୍ଗୀଠାରେ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ପାଇଁ ସରକାର ପଦକ୍ଷେପ ନେବେ କି?

----

## NGT Case ର ବର୍ତ୍ତମାନ ସ୍ଥିତି

**2929 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୋରାପୁଟ ଜିଲ୍ଲାର ଦେଓମାଳିଠାରେ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ଏହାର ଉନ୍ନତି ନିମନ୍ତେ ପଦକ୍ଷେପ ନିଆଯାଇ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଉଥିବା ବେଳେ NGT ଏହାକୁ ବିରୋଧ କରିବା ସତ୍ୟ କି ; ଯାହାଦ୍ୱାରା ଏଠାର ଉନ୍ନତିକରଣ ନିମନ୍ତେ କୌଣସି ପଦକ୍ଷେପ ନିଆଯାଉନାହିଁ ଓ NGT Case କରିଥିବା Case ର ବର୍ତ୍ତମାନ ସ୍ଥିତି କଣ ?

----

## ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି

**2930 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ଆଦିବାସୀମାନଙ୍କ ନିଯୁକ୍ତି ନିମନ୍ତେ ସରକାରୀ ଓ ବେସରକାରୀ ସଂସ୍ଥାଙ୍କ ଦ୍ୱାରା କେତୋଟି ନୂତନ ଉଦ୍ୟୋଗ କାର୍ଯ୍ୟକାରୀ କରାଯାଇଛି ଓ କେତେଜଣ ସ୍ଥାନୀୟ ବେକାରି ଯୁବକ ଯୁବତିଙ୍କୁ ନିଯୁକ୍ତି ଦିଆଯାଇଛି; ଭବିଷ୍ୟତରେ କେଉଁ କେଉଁ ସ୍ଥାନରେ ସରକାରୀ ଓ ବେସରକାରୀ ସଂସ୍ଥା ମାଧ୍ୟମରେ କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଛି ?

----

## ନର୍ଲାରେ ରାସ୍ତା କାର୍ଯ୍ୟ

**2931 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (୨୦୨୫-୨୬) ଆର୍ଥିକ ବର୍ଷରେ ନର୍ଲା ନିର୍ବାଚନ ମଣ୍ଡଳୀର କେଉଁ କେଉଁ ରାସ୍ତାକୁ ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି, ରାସ୍ତାୱାରି ଅଟକଳ ପରିମାଣ ପ୍ରଦାନ କରିବେ କି; (୨୦୨୫-୨୬) ନର୍ଲା ନିର୍ବାଚନ ମଣ୍ଡଳୀର କେଉଁ କେଉଁ ପୁରୁଣା ରାସ୍ତା ମରାମତି କରାଯାଉଅଛି ଓ ତାର ଅଟକଳ ମୂଲ୍ୟ କେତେ ?

----

## ଚାରା ରୋପଣ

**2932 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୧୯-୨୪ ବର୍ଷ ମଧ୍ୟରେ ନର୍ଲା ନିର୍ବାଚନ ମଣ୍ଡଳୀରେ କେତେ ଚାରା ସୃଷ୍ଟି କରାଯାଇଥିଲା, ସେଥିମଧ୍ୟରୁ କେତେ ବନୀକରଣ କାର୍ଯ୍ୟରେ ଲଗାଗଲା ଏବଂ କେତେ ସାଧାରଣ ଲୋକଙ୍କୁ ବଣ୍ଟାଗଲା ଏବଂ ଏହି ଚାରା ବାବଦରେ କେଉଁ ବର୍ଷ କେତେ ଅର୍ଥ ଖର୍ଚ୍ଚ ହୋଇଛି ଜଣାଇବା ସହ ଏ ବାବଦରେ ଲୋକଙ୍କଠାରୁ କେତେ ଅର୍ଥ ଚାରାପ୍ରତି ଆଦାୟ ହୋଇଛି ଏବଂ କେଉଁ ଘରୋଇ ଅନୁଷ୍ଠାନ ଓ ଶିଳ୍ପସଂସ୍ଥାଠାରୁ କେତେ ଟଙ୍କା ଆଦାୟ ହୋଇଛି ଏହାର ହିସାବ ବର୍ଷୱାରୀ ଦେବେ କି ଏବଂ ଏହି ଅର୍ଥ କେଉଁଠାରେ ଜମା ରହିଛି କି କେଉଁ କାର୍ଯ୍ୟରେ ଲାଗିଛି ?

----

## କାର୍ଯ୍ୟ ସମ୍ପାଦନ

**2933 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନର୍ଲା ନିର୍ବାଚନ ମଣ୍ଡଳୀର କର୍ଲାମୁଣ୍ଡା, ମ.ରାମପୁର, କେସିଙ୍ଗା ଓ ନର୍ଲା ବ୍ଲକରେ ବିଗତ ୩ ବର୍ଷରେ କେତେ ଅର୍ଥ ବିନିମୟରେ କି କି କାର୍ଯ୍ୟ ସମ୍ପାଦନ କରାଯାଇଛି; ବ୍ଲକୱାରି ତଥ୍ୟ ପ୍ରଦାନ କରିବେ କି ?

----

## MGNRGS ମାଧ୍ୟମରେ କାର୍ଯ୍ୟ

**2934 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର ନର୍ଲା ନିର୍ବାଚନ ମଣ୍ଡଳୀ ଅଧିନରେ ଚଳିତ ବର୍ଷ ସହ ଗତ ୩ ବର୍ଷରେ MGNRGSରେ କେଉଁ କେଉଁ କାର୍ଯ୍ୟପାଇଁ କେତେ ଟଙ୍କା ଲେଖାଏଁ ଖର୍ଚ୍ଚ କରାଯାଇଛି ?

----

## Labour Card ଧାରୀଙ୍କ ସହାୟତା

**2935 ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତେ Labour Card ଅଛି; ବର୍ତ୍ତମାନ କେଉଁ କେଉଁ ଯୋଜନା ଦ୍ୱାରା Labour Card ଧାରୀଙ୍କୁ ସହାୟତା ମିଳୁଛି, ଏକ ତାଲିକା ନାମ ସହିତ ପ୍ରଦାନ କରିବେ ; ବର୍ତ୍ତମାନ କେଉଁ କେଉଁ ଯୋଜନାରେ କେତେ କେତେ କାର୍ଡ଼ଧାରୀ ସହାୟତା ରାଶି ନିମନ୍ତେ ଆବେଦନ କରିଛନ୍ତି (୨୦୨୩-୨୪) ଏବଂ ସେଥିମଧ୍ୟରୁ କେତେ କାର୍ଡ଼ଧାରୀଙ୍କୁ ସହାୟତା ରାଶି ପ୍ରଦାନ କରାଗଲାଣି ?

----

## ବ୍ଲକ ପୁନଃ ଗଠନ

**2936 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେଉଁ ସମୟରେ ବ୍ଲକ ପୁର୍ନଗଠନ କରାଯାଇ କେତେ ଗୋଟି ଓ କେଉଁ କେଉଁ ବ୍ଲକମାନ ସୃଷ୍ଟି କରାଯାଇଥିଲା; (ଖ) ଜନସଂଖ୍ୟା ବୃଦ୍ଧି ହେତୁ ପ୍ରଶାସନିକ ସୁବିଧା ଦୃଷ୍ଟିରୁ ବ୍ଲକ ପୁର୍ନଗଠନ ନିମନ୍ତେ ସରକାରଙ୍କ କୌଣସି ପ୍ରସ୍ତାବ ବିଚାରାଧିନ ଅଛି କି; ଯଦି ହଁ, ୨୦୨୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବ୍ଲକ ପୁର୍ନଗଠନ କରାଯିବ କି ?

----

## ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ

2937 **ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ (ଯଶୀପୁର)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗତ ୩.୩.୨୦୨୧ରେ ବିଡ଼ିଏ ତରଫରୁ ଭୂକମ୍ପନ ସମ୍ପର୍କରେ ଏକ ସେମିନାରରେ IIT ପ୍ରଫେସର ସୁଧୀରରଞ୍ଜନ ଜୈନ ଭୁବନେଶ୍ୱର ଭୂକମ୍ପନ ଜୋନ ଥିବା ହେତୁ ଭୂକମ୍ପନ ହେଲେ ପ୍ରଭୂତ କ୍ଷୟକ୍ଷତି ହେବାର ଆଶଙ୍କା ଦୃଷ୍ଟିରୁ କି କି ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରାଯିବାକୁ ପରାମର୍ଶ ଦେଇଥିଲେ; (ଖ) ଏହି ପରାମର୍ଶ ଅନୁସାରେ ସରକାର କି କି ପଦକ୍ଷେପ ନେଇଛନ୍ତି ?

----

## ହାଉସିଂ ପ୍ରକଳ୍ପ ନିର୍ମାଣ

2938 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟି ଅର୍ନ୍ତଗତ ୧୩ ନଂ ୱାର୍ଡ଼ରେ ବାସକରୁଥିବା ସଫାଇ କର୍ମଚାରୀମାନେ ଅତ୍ୟନ୍ତ ସୀମିତ ତଥା ଅସ୍ୱାସ୍ଥ୍ୟକର ପରିବେଶରେ ବାସ କରୁଥିବା ସରକାର ଅବଗତ କି; ଯଦି ହଁ, ତେବେ ସରକାର ଏହି ଗରିବ ଶ୍ରେଣୀର ସଫାଇ କର୍ମଚାରୀମାନଙ୍କ ପାଇଁ ଗୋଟିଏ ହାଉସିଂ ପ୍ରକଳ୍ପ ନିର୍ମାଣ ନିମିତ୍ତ ବିଚାରକରିବେ କି ?

----

## ପାନୀୟ ଜଳ ଯୋଗାଣ

2939 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିର ବର୍ତ୍ତମାନ ଲୋକ ସଂଖ୍ୟା କେତେ ଓ ସମସ୍ତ ସହରବାସୀଙ୍କୁ ଜଳଯୋଗାଣ ନିମିତ୍ତ କେତେ ପରିମାଣର ଜଳ ଆବଶ୍ୟକ ଏବଂ ଆବଶ୍ୟକତା ଅନୁସାରେ କେଉଁଠାରେ କି କି ପାନୀୟଜଳ ପ୍ରବାହମାନ ନିର୍ମାଣ କରାଯାଇଛି ତାର ବିସ୍ତୃତ ବିବରଣୀ ଦେବେ କି; (ଖ) ଏହି ମ୍ୟୁନିସିପାଲିଟିରେ ଏବେ ଆଉ କେଉଁ କେଉଁ ପାନୀୟଜଳ ପୁନଃମାନ ନିର୍ମାଣାଧିନ ଅଛି ଓ କେବେସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ଏବଂ ଶେଷ ହେଲେ ଆଉ କେତେ ଅଛନ୍ତି ପରିମାଣର ପାନୀୟଜଳ ଉପଲବ୍ଧ ହେବ ?

----

## ପଞ୍ଚାୟତରେ ଜନଗଣନା

**2940 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦ୍ରାପଡ଼ା ଜିଲ୍ଲାର ୯ ଗୋଟି ବ୍ଲକରେ କେତେଗୋଟି ଓ କେଉଁ କେଉଁ ପଞ୍ଚାୟତ ଅଛି ଓ ୨୦୧୧ ଜନଗଣନା ଅନୁସାରେ ସେହି ସେହି ପଞ୍ଚାୟତମାନଙ୍କର ଜନସଂଖ୍ୟା କେତେ ଓ ତିନିମଧ୍ୟରୁ ପୁରୁଷ ଓ ମହିଳା କେତେ; (ଖ) ବ୍ଲକମାନଙ୍କର ପଞ୍ଚାୟତଗୁଡ଼ିକରେ କେଉଁ କେଉଁ ପଞ୍ଚାୟତରେ ଅନୁସୂଚୀତ ଜାତି ଓ ଜନଜାତିର ଲୋକ ସଂଖ୍ୟା କେତେ ?

----

## CWA ଯୋଜନାରେ ରାସ୍ତା ଗୁଡ଼ିକର ଉନ୍ନତିକରଣ

**2941 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୨ ଅଧୀନରେ CWA ଯୋଜନାରେ ବର୍ଷକୁ ୧କୋଟି ଟଙ୍କା ରାସ୍ତାଗୁଡିକର ଉନ୍ନତିକରଣ ପାଇଁ ବିଭାଗ ତରଫରୁ ପ୍ରଦାନ କରାଯାଇଥାଏ, ମାତ୍ର ଚଳିତ ବର୍ଷ ବିଧାୟକମାନେ ୫୦ ଲକ୍ଷର ପ୍ରସ୍ତାବ ଦେଉଥିବା ସ୍ଥଳେ ଆଉ ୫୦ ଲକ୍ଷର ରାସ୍ତାଗୁଡିକ କେମତି ଓ କିଭଳି କେଉଁମାନେ ଚୟନ କରିଛନ୍ତି ତାର ରାସ୍ତାୱାରୀ ସମସ୍ତ ବିବରଣୀ ଉପସ୍ଥାପନା କରିବା ସହ ଏହି ଠିକାଦାର ଚୟନ କରିବାର ପ୍ରକ୍ରିୟା କ'ଣ ; ଏବଂ ପୂର୍ବରୁ ୧ କୋଟି ଏହି ପ୍ରକଳ୍ପର ସମସ୍ତ ଆବଶ୍ୟକୀୟ ରାସ୍ତାଗୁଡିକୁ ବିଧାୟକମାନେ ଚୟନ କରୁଥିବା ସ୍ଥଳେ, ଚଳିତ ବର୍ଷ ଏଥରେ ବ୍ୟତିକ୍ରମ ହେବାର କାରଣ କ'ଣ?

----

## ଅନୁମୋଦିତ ରାସ୍ତା ପ୍ରସ୍ତାବର ତାଲିକା

**2942 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଉନ୍ନତିକରଣ ପାଇଁ Connecting Missing Road Links (CMRL) 50 କି.ମି. ରାସ୍ତାର ପ୍ରସ୍ତାବ ଗୁଡିକ ଅନୁମୋଦିତ ହୋଇଥାଏ; ଏଥିପାଇଁ ଆଠଗଡ଼ ନିର୍ବାଚନ ମଣ୍ଡଳୀର କେଉଁ ରାସ୍ତାଗୁଡିକୁ କେତେ ଅର୍ଥ ପ୍ରଦାନ କରାଯାଇଅଛି ତାର ଏକ ତାଲିକା ଦେବାସହ ସେଗୁଡିକ କେବେ ଆରମ୍ଭ ହୋଇ କେବେ ସମ୍ଭବ ହେବତାର ସମସ୍ତ ବିବରଣୀ ପ୍ରଦାନ କରିବେ କି ; (ଖ) ସେହିପରି ଚଳିତ ଆର୍ଥିକ ବର୍ଷରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର କେଉଁ ରସ୍ତା ଗୁଡିକୁ Improvement of Roads ରେ କେତେ ଅର୍ଥ ପ୍ରଦାନ କରାଯାଇଛି ?

----

## ଅନୁମୋଦନ ପାଇଁ ପଠାଯାଇଥିବା ସେତୁ ବନ୍ଧର ବିବରଣୀ

**2943 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୨୫-୨୬ ଆର୍ଥିକ ବର୍ଷରେ ସେତୁବନ୍ଧ ଯୋଜନାରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସେତୁବନ୍ଧ ଗୁଡିକ କାର୍ଯ୍ୟକାରୀ ବିଭାଗୀୟ ଅନୁମୋଦନ ପାଇଁ ପଠାଯାଇଛି ସେହି ସେତୁବନ୍ଧ ଗୁଡିକର ସମସ୍ତ ବିବରଣୀର ଏକ ତାଲିକା ଦେବା ସହ, (ଖ) ଏହି ସେତୁବନ୍ଧ ଗୁଡିକ କେବେଠାରୁ କାର୍ଯ୍ୟକାରୀ ହେବ ?

----

**BGBO Projectରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ**

**2944 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର କେଉଁ ଜିଲ୍ଲାର କେଉଁ ବ୍ଲକ୍‌କୁ BGBO ଯୋଜନାରେ କେତେ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ ଅଦ୍ୟାବଧି BGBO Project ଅନ୍ତର୍ଗତ କେତେ କେତେ ପରିମାଣର କାମ ହୋଇଛି ଏବଂ ବ୍ଲକ୍‌ରୀ କେତେ ଖର୍ଚ୍ଚ ହୋଇଛି ଏବଂ କେତେ ଅର୍ଥ ଖର୍ଚ୍ଚ ହୋଇପାରିନାହିଁ ତାର ଜିଲ୍ଲାୱାରୀ ଏବଂ ବ୍ଲକ୍‌ରୀ ତାଲିକା ବିବରଣୀ ପ୍ରଦାନ କରିବେ କି ; (ଖ) କଟକ ଜିଲ୍ଲାର ଆଠଗଡ଼, ତିଗିରିଆ ଓ ଟାଙ୍ଗି-ଚୌଦ୍ୱାର ବ୍ଲକ୍‌ରେ କେତେ ଅର୍ଥ ପ୍ରଦାନ କରାଯାଇଛି, କେତେ ଖର୍ଚ୍ଚ ହୋଇଛି ଏବଂ କେତେ କେଉଁ କାରଣ ପାଇଁ ଖର୍ଚ୍ଚ ହୋଇପାରିନାହିଁ?

----

**ବିଡି କମ୍ପାନୀର ତାଲିକା**

**2945 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର କେଉଁ ଜିଲ୍ଲାରେ କେତୋଟି ବିଡି କମ୍ପାନୀ କେଉଁ ଠାରେ କେବେ ଠାରୁ ଗଢି ଉଠିଅଛି, ଉକ୍ତ କମ୍ପାନୀ ଗୁଡିକରେ କେଉଁଠାରେ କେତେ ଶ୍ରମିକ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସରକାର କି କି ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି ତାର କମ୍ପାନୀ ୱାରୀ, କମ୍ପାନୀ ମାଲିକଙ୍କ ଠିକଣା ସହ, ଜିଲ୍ଲା ୱାରୀ ତାଲିକା ଦେବା ସହ, (ଖ) କଟକ ଜିଲ୍ଲାରେ ଗଢି ଉଠିଥିବା ବିଡି କମ୍ପାନୀ ଗୁଡିକ କେଉଁଠାରୁ କଞ୍ଚାମାଲ ଆଣିଥାନ୍ତି ଏବଂ ସେମାନେ ଶ୍ରମିକମାନଙ୍କୁ ଦୈନିକ କେତେ ମଜୁରି ପ୍ରଦାନ କରିଥାନ୍ତି ସମ୍ପୃକ୍ତ ବିଡି କମ୍ପାନୀ ଗୁଡିକର ନାମ ଓ ଠିକଣା ଦେବା ସହ କେଉଁ କମ୍ପାନୀ ଗୁଡିକ କେବେ AUDIT ହେବା କଥା କେବେ କେଉଁ ଅଧିକାରୀ ଙ୍କ ଦ୍ୱାରା ହୋଇଛି ସେସବୁ କମ୍ପାନୀ ଗୁଡିକର ଗତ ପାଞ୍ଚ ବର୍ଷର ଅଡିଟ ସମ୍ବନ୍ଧୀୟ ସମସ୍ତ ବିବରଣୀ ପ୍ରଦାନ କରିବେ କି ?

----

**କ୍ଷତିରେ ଚାଲୁଥିବା ସରକାରୀ ଉଦ୍ୟୋଗର ତାଲିକା**

**2946 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେଉଁ କେଉଁ କାରଣରୁ ସରକାରୀ ଉଦ୍ୟୋଗ କ୍ଷତିରେ ଚାଲୁଛି, ତାହାର ଏକ ତାଲିକା ପ୍ରଦାନ କରିବେ କି, କେଉଁ କାରଣ ରୁ ଏହି ଉଦ୍ୟୋଗ ଗୁଡ଼ିକ କ୍ଷତିରେ ଚାଲୁଛି ?

----

## ଗ୍ରାମକୁ ମୁଖ୍ୟ ରାସ୍ତା ସଂଯୋଗ ହୋଇନଥିବା ଗ୍ରାମର ତାଲିକା

2947 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନସୁଦ୍ଧା କେତୋଟି ଗ୍ରାମକୁ ମୁଖ୍ୟ ରାସ୍ତା ସଂଗୋଗ ହୋଇନାହିଁ, ତାହାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେ କି, ବିଶେଷ କରି କୋରାପୁଟ ଜିଲ୍ଲାରେ ଏହି ସଂଖ୍ୟା କେତେ, କେଉଁ ପରିସ୍ଥିତିରେ ଏହି ସବୁ ଗ୍ରାମ ଅବହେଳିତ ଅବସ୍ଥାରେ ଅଛି, କେବେ ସୁଦ୍ଧା ସବୁ ଗ୍ରାମକୁ ରାସ୍ତା ନିର୍ମାଣ ହେବ ?

----

## ବୀମା କମ୍ପାନୀକୁ ବାର୍ଷିକ ଅର୍ଥ ପ୍ରଦାନ

2948 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ରେ ପ୍ରଚଳିତ ବିଭିନ୍ନ ସରକାରୀ ଯୋଜନାର ସୁପରିଚାଳନା ପାଇଁ କେଉଁ କେଉଁ ବୀମା କମ୍ପାନୀ ସହ ସରକାରୀ ଅନୁବନ୍ଧିତ, ଏଥିପାଇଁ ବୀମା କମ୍ପାନୀ ଗୁଡ଼ିକୁ ବାର୍ଷିକ କେତେ ଅର୍ଥ ପ୍ରଦାନ କରାଯାଉଛି, ଗତ ୫ ବର୍ଷ ମଧ୍ୟରେ ବୀମା କମ୍ପାନୀ ଗୁଡ଼ିକୁ ରାଜ କୋଷରୁ କେତେ ଅର୍ଥ ପ୍ରଦାନ କରାଯାଉଛି ଏବଂ କେତେ ହିତାଧିକାରୀ କିଭଳି ଉପକୃତ ହୋଇଛନ୍ତି ?

----

## ମୃତ୍ୟୁ ବରଣ କରିଥିବା ହାତୀଙ୍କ ସଂଖ୍ୟା

2949 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟରେ କେତେ ହାତୀ କେଉଁ କାରଣ ରୁ ମୃତ୍ୟୁ ବରଣ କରିଛନ୍ତି, ଏଥିପାଇଁ ଦାୟୀ କିଏ, ଦୋଷୀଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## Fee ଆଦାୟ ପରିମାଣ

2950 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱରରେ ଓ ରାଜ୍ୟରେ ଅନ୍ୟ ସହରଗୁଡିକରେ ସରକାରୀ ଓ ବେସରକାରୀ ଭାବେ କେତୋଟି କଲ୍ୟାଣ ମଣ୍ଡପ ନିୟମିତ ହୋଇ ଚାଲିଛି ଓ ସେସବୁରେ ଗତ ଆର୍ଥିକ ବର୍ଷରେ ଓ ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ କେତୋଟି ବିବାହ ତଥା ଅନ୍ୟ ସାମାଜିକ କାର୍ଯ୍ୟକ୍ରମ ହୋଇଛି ଏବଂ ସେସବୁରୁ ସ୍ଥାନୀୟ ପୌରସଂସ୍ଥା ଓ କର୍ତ୍ତୃପକ୍ଷ Fees ଆକାରରେ କେତେ ଟଙ୍କା ପାଇଛନ୍ତି ?

----

## ହିତାଧିକାରୀଙ୍କ ସଂଖ୍ୟା

2951 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେତେ ହିତାଧିକାରୀ ଘର ପାଇବା ପାଇଁ ଅପେକ୍ଷା କରିଛନ୍ତି, ଏମାନଙ୍କୁ କେବେସୁଦ୍ଧା ଘର ଯୋଗାଇ ଦିଆଯିବ, 2024-25 ରେ କେତେ ଘର NAC କୁ ଆସିଛି ଏବଂ ହିତାଧିକାରୀଙ୍କ ତାଲିକା ଦେବେ କି ?

----

## ରାସ୍ତା ମରାମତି

**2952 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି)ः**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ରାସ୍ତା ଖରାପ ଅବସ୍ଥାରେ ଅଛି, ଏହାକୁ ମରାମତି କରିବା ପାଇଁ Department କଣ ପଦକ୍ଷେପ ନେଇଛନ୍ତି ?

----

## ବିଭାଗଦ୍ୱାରା take off କରିଥିବା ରାସ୍ତା ସମ୍ପର୍କରେ

**2953 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି)ः**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ Panchayat ରାସ୍ତାକୁ R.D. Deptt. take off କରିଛି ଏବଂ ଏହି ରାସ୍ତାଗୁଡିକ କେବେସୁଦ୍ଧା କାମ ଆରମ୍ଭ ହେବ ?

----

## ଖର୍ଚ୍ଚ ନ ହୋଇ ପଡି ରହିଥିବା ଅର୍ଥ ପରିମାଣ

**2954 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚାନ୍ଦବାଲି ବ୍ଲକରେ କେତେ ଟଙ୍କା ବିଭିନ୍ନ Scheme ରେ 2024-25 ଆସିଛି, କେତେ ଟଙ୍କା ଖର୍ଚ୍ଚ ହୋଇନପାରି ପଡି ରହିଛି, ଏହି ଟଙ୍କା ଖର୍ଚ୍ଚ ପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ଅନ୍ତୋଦ୍ୟୋୟ ଆବାସ ଯୋଜନାରେ ଘର ଦେବା ପାଇଁ ବ୍ୟବସ୍ଥା

**2955 ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ କେତେ ଲୋକଙ୍କୁ ଅନ୍ତୋଦ୍ୟୋୟ ଆବାସ ଯୋଜନାରେ ଘର ଯୋଗାଇ ଦେଇଛନ୍ତି, କେତେ ସଂଖ୍ୟକ ଘର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ତିହିଡି ବ୍ଲକକୁ target ଦିଆଯାଇ ଥିଲା, ଆଉ କେତେ ଘର ତିହିଡି ବ୍ଲକକୁ ଦେବା ପାଇଁ ବାକି ଅଛି ?

----

## Risk assessment of river-adjacent habitations

**2956** **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Given that the Hati river breached its banks in parts of the Bhawanipatna block due to rain-related swelling, has the government conducted a risk assessment of river-adjacent habitations under its Jal Jeevan Mission, BASUDHA or other water-supply schemes, if so, what mitigation measures (e.g., raised pipelines, protected water tanks) are being planned ?

----

**The progress on upgrading Jaypatna Notified Area Council**

**2957** **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The progress on upgrading Jaypatna Notified Area Council (NAC) in Kalahandi district, following its notification as a new NAC on August 31, 2025, including allocations for civic amenities like roads and drainage, (b) The number of unsafe structures identified and demolished in Bhawanipatna municipality since September 2025 and measures to prevent urban encroachments, if not, the reasons therefor and the action plan for 2025-26 ?

----

**Status of investment proposals for Kalahandi district**

**2958** **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The status of investment proposals cleared for Kalahandi district under public enterprises since September 2025, including any PSU-led projects in Bhawanipatna for employment generation, (b) What is the number of jobs created through state PSUs in ound the district during October-November 2025, if not, the reasons therefor and timeline for new ventures in 2026 ?

----

**The impact of ongoing migration**

**2959** **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The impact of ongoing migration from Kalahandi's rural areas on household incomes and poverty levels, as per data from September 2025 surveys in Bhawanipatna block, (b) The allocations under MGNREGA and Pradhan Mantri Awaas Yojana for anti-

migration initiatives like skill training and infrastructure in 2025-26, If not, the reasons therefor and the strategy to reduce distress migration by December 2025 ?

----

## Amendments to labour rules

2960 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The implementation status of the October 1, 2025, amendments to labour rules easing employment norms in Kalahandi's unorganized sector, including benefits for migrant workers in Bhawanipatna, (b) The number of workers covered under universal social security and ESI extensions in the district since September 2025, per the recent cabinet approval, if not, the reasons therefor and what enforcement measures by December 2025?

----

## NAC ଗଠନ ପାଇଁ ମାର୍ଗଦର୍ଶିକା

2961 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- NAC ଗଠନ ପାଇଁ ରାଜ୍ୟ ସରକାରଙ୍କ କଣ ମାର୍ଗଦର୍ଶିକା ରହିଛି ଏବଂ କୌଣସି ଅଞ୍ଚଳ NAC ରେ ପରିଣତ ହେବା ପାଇଁ ଯୋଗ୍ୟତା କଣ; ନୂଆ ସରକାର ଘୋଷଣା କରିଥିବା NAC ଗୁଡିକ କେଉଁ ଆଧାରରେ ଯୋଗ୍ୟ ବିବେଚିତ ହୋଇଛନ୍ତି ଏବଂ ବାଦ୍ ପଡିଥିବା ଅଞ୍ଚଳଗୁଡିକ କେଉଁ ଆଧାରରେ କାଟ୍ ଖାଇଛନ୍ତି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ; ଆଗାମୀ ଦିନରେ ସରକାର ଆଉ କେତୋଟି NAC ଓ ମ୍ୟୁନିସିପାଲଟି ଘୋଷଣା କରିବେ ?

----

## ବ୍ରାହ୍ମଣୀ ନଦୀ ଉପରେ ପ୍ରସ୍ତାବିତ ସେତୁର ସ୍ଥିତି

2962 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଆମ୍ବଗାଁ ଠାରୁ କେନ୍ଦ୍ରନାଳି ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ଉପରେ ପ୍ରସ୍ତାବିତ ସେତୁର ବର୍ତ୍ତମାନର ସ୍ଥିତି କଣ, ପ୍ରକଳ୍ପ ପାଇଁ ଯୋଜନା ଏବଂ ଆକଳନ (DPR) ପ୍ରସ୍ତୁତ ଏବଂ ମଞ୍ଜୁର ହୋଇଛି କି ନାହିଁ, କେଉଁ ଯୋଜନା ଅଧିନରେ ଏହା ହାତକୁ ନିଆଯିବା ସହିତ ବର୍ତ୍ତମାନର ଆର୍ଥିକ ଅନୁଦାନର ସ୍ଥିତି କ'ଣ ଏବଂ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ଏବଂ କେବେ ସମାପ୍ତ ହେବ ବୋଲି ଆଶା କରାଯାଉଛି ?

----

## ଗାଁ ସାଥି ମାନଙ୍କ ମାସିକ ପ୍ରୋତ୍ସାହନ ରାଶୀ ବୃଦ୍ଧି

2963 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ରାଜ୍ୟରେ କାର୍ଯ୍ୟରତ "ଗାଁ ସାଥି" ମାନଙ୍କ ମାସିକ ପ୍ରୋତ୍ସାହନ ରାଶୀ ବୃଦ୍ଧି ପାଇଁ ସରକାର କି ଯୋଜନା ରଖୁଛନ୍ତି ; (ଖ) "ଗାଁ ସାଥି" ମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ସରକାର ପଦକ୍ଷେପ ନେବେ କି?

----

## ଦେବଗଡ଼ ଜିଲ୍ଲାର ପଥପାର୍ଶ୍ୱ ବନୀକରଣ

2964 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ଦେବଗଡ଼ ଜିଲ୍ଲାର କେଉଁ ବ୍ଲକ ଅଞ୍ଚଳରେ କେତେଗୋଟି ରାସ୍ତାର ପଥପାର୍ଶ୍ୱ ବନୀକରଣ ହୋଇଥିବା ବେଳେ ସେ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, ଏହା ବ୍ୟତୀତ ଜିଲ୍ଲାର କେଉଁ କେଉଁ ଜଙ୍ଗଲରେ ନୂତନ ବନୀକରଣ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି ?

----

## ସହରର ଉନ୍ନତି ନିମିତ୍ତ ଯୋଜନା

2965 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବହୁ ପୁରାତନ ଏବଂ ସର୍ବ କନିଷ୍ଠ ଦେବଗଡ ମୁନିସିପାଲିଟିର ଉନ୍ନତିକରଣ ଦୃଷ୍ଟିରୁ ବହୁ ଅବହେଳିତ, ଏକ ବର୍ଷ ମଧ୍ୟରେ ସହରର ଉନ୍ନତି ନିମିତ୍ତ କଣ କଣ ଯୋଜନା କାର୍ଯ୍ୟକାରୀ ହୋଇଅଛି ?

----

## High Level Task Force on Distress Migration

2966 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether the High-Level Task Force on Distress Migration, constituted by the Government, has held any meetings during the current year and what concrete actions have been implemented so far, including: mapping of migrant workers and migration-prone Gram Panchayats; (b) steps taken to curb unauthorised labour contractors; and rescue and rehabilitation measures for distressed migrant workers; and progress in ensuring 100% coverage of households under welfare schemes in high-migration districts ?

----

## Distress Migration

2967 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Why, despite the formation of the Task Force and its reported interventions such as additional MGNREGS mandays, livelihood programmes and mobile migrant resource centres, distress migration continues at a high rate; and whether the Government will present district-wise data on (a) number of migrant workers mapped, (b) number of inspections under the Inter-State Migrant Workmen Act, and (number of workers rescued from other States during the last two years ?

----

**Complete Comparative Status of Bhubaneswar & Rourkela**

2968 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- A complete comparative status of Bhubaneswar Smart City and Rourkela Smart City-including development of roads, water supply, sewerage, IT-based governance, Integrated Command & Control Centres (ICCC), town planning, housing, slum redevelopment, lake/park rejuvenation, mobility projects and area-based development—and explain the overall impact of these projects on urban infrastructure, service delivery and citizen benefits in both cities ?

----

**Total number of drinking water projects**

2969 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the total number of drinking-water projects sanctioned for the Rourkela Assembly Constituency under JJM, BASUDHA and VGVO during the last three financial years, their current stage of completion, funds utilised, reasons for pending/ delayed projects, and the plan to provide functional household tap connections and safe potable water to all left-out households and peri-urban/ slum areas of Rourkela AC ?

----

**Consolidated district-wise status report**

2970 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Provide detailed information on a consolidated district-wise status of all ongoing rural drinking-

water schemes in Odisha-including JJM, BASUDHA, MPWSPS and VGVO- indicating the number of Zoy villages/habitations fully covered, partially covered and uncovered; along with details of the quality- monitoring mechanism, availability of water-testing laboratories, and steps taken to ensure long-term operation and maintenance of completed projects ?

----

## ନିଆଯାଇଥିବା ସତର୍କତା ମୂଳକ ପଦକ୍ଷେପ

2971 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୩ ବର୍ଷ ମଧ୍ୟରେ ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ରାଜ୍ୟରେ କି କି ସତର୍କତା ମୂଳକ ପଦକ୍ଷେପ ମାନ ନିଆଯାଇ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି ଓ ନିଆଁ ଲିଭାଇବା ପାଇଁ କି କି ବ୍ୟବସ୍ଥା କରାଯାଇ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି; ପ୍ରତ୍ୟେକ ବର୍ଷ କେତେ ପରିମାଣର ଜଙ୍ଗଲ ନିଆଁ ଦ୍ୱାରା ନଷ୍ଟ ହୋଇଛି, ଏବଂ ତାର ଆନୁମାନିକ ମୂଲ୍ୟ କେତେ ?

----

## ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ପଦକ୍ଷେପ

2972 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତୀରାଜ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସରକାରଙ୍କ ଯୋଜନା କଣ ଓ ଏ ଦିଗରେ କି କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ସବସିଡି ଟଙ୍କା ପ୍ରଦାନ

2973 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଗ୍ରାମାଞ୍ଚଳରେ ପୂର୍ବ ପ୍ରଚଳିତ ଲୋକନା ଅନୁଯାୟୀ ଦୁତନ ଗୃହ ନିର୍ମାଣ ପାଇଁ ଓ ଲକ୍ଷ ଟଙ୍କାର ଗୃହ ଋଣରେ ୭୦,୦୦୦ ଟିଙ୍କାର ପ୍ରବସ୍ଥିତ ବ୍ୟବସ୍ଥା ଅନୁଯାଇ ଅଦ୍ୟାବଧି କେଉଁ ଜିଲ୍ଲାର କେତେ କଣ ଯୋଗ୍ୟ ହିତାଧିକାରୀ ଓ ଲକ୍ଷ ଟଙ୍କାର ଗୃହ ଋଣ ସହ ଘର ତିଆର କରିସାରିଥିଲେ ମଧ୍ୟ ଅଦ୍ୟାବଧି ସବଳିତ ଟଙ୍କା ପାଇ ପାରିନଥିବା ସରକାର ଅବଗତ ଅଛର କ ଓ କେବିଶୁଦ୍ଧା ସମ୍ପୃକ୍ତ ହିତାଧିକାରୀଙ୍କୁ ସବସ୍ଥିତି ଟଙ୍କା ଦିଆଯିବ ?

----

## ପ୍ରାକୃତିକ ବିପର୍ଯ୍ୟୟରେ ନଷ୍ଟ ହୋଇଥିବା ଜଙ୍ଗଲ ପରିମାଣ

2974 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଗତ 5 ବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା, ଉନ୍ନୟନ ପ୍ରକଳ୍ପ ଓ ରାସ୍ତା ଘାଟ ନିର୍ମାଣ ପାଇଁ କେତେ ପରିମାଣର ଜଙ୍ଗଲ/ ଗଛ ସଫା କରାଯାଇଅଛି ତଥା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟରେ କେତେ ପରିମାଣର ଜଙ୍ଗଲ/ଗଛ ନଷ୍ଟ ହୋଇଛି ତତ ସମ୍ବନ୍ଧୀୟ ଜିଲ୍ଲା ଓ ବର୍ଷ ୱାରୀ ଏକ ସଠିକ ତାଲିକା ପ୍ରଦଦନ କରିବେ କି (ଖ ) ନୂତନ ଶିଳ୍ପ ପ୍ରତିଷ୍ଠା, ଉନ୍ନୟନ ପ୍ରକଳ୍ପ ଓ ରାସ୍ତା ଘାଟ ନିର୍ମାଣ ବାବଦକୁ କେଉଁ ବିଭାଗ ଠାରୁ କେତେ ଟଙ୍କା ଗ୍ରହଣ କରାଯାଇ କେଉଁ ଜିଲ୍ଲାରେ କେତେ ପରିମାଣର ଜଙ୍ଗଲ/ ନୂତନ ବୃକ୍ଷ ରୋପଣ କରାଯାଇଛି ତଥା ବିଭାଗର ନିଜସ୍ୱ ବଜେଟର, ଅନ୍ୟାନ୍ୟ ପାଣ୍ଠି ଓ କେନ୍ଦ୍ର ସରକାରଙ୍କ ଅନୁଦାନରୁ କେତେ ପରିମାଣର ଜଙ୍ଗଲ/ ବୃକ୍ଷ ରୋପଣ କରାଯାଇଛି ?

----

## PESA ଆଇନ ଲାଗୁ କରିବା ପାଇଁ ଅଭିମୁଖ୍ୟ

**2975 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର PESA ଆଇନ ଲାଗୁ କରିବାପାଇଁ ସରକାରଙ୍କ ଆଭିମୁଖ୍ୟ କଣ ଓ ଉକ୍ତ ଆଇନକୁ କାର୍ଯକାରି କରିବା ପାଇଁ କଣ ପଦକ୍ଷେପ ନିଆଯାଇଛି ?

----

## ବିଭିନ୍ନ କିସମ ସଡକର ତାଲିକା

**2976 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଗ୍ରାମାଞ୍ଚଳରେ ମୋଟ୍ କେତେ କିଲୋମିଟର କେଉଁ କିସମର ସଡକ ରହିଛି, ଏହାର ଏକ ଜିଲ୍ଲାୱାରୀ ତାଲିକା ଦେବା ସହିତ ଆଗାମୀ ଦିନରେ ଗ୍ରାମାଞ୍ଚଳରେ କେତେ କିଲୋମିଟର ସଡକ ନିର୍ମାଣ ଯୋଜନା ରହିଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ପଞ୍ଚାୟତର ନିଜସ୍ୱ ଅଫିସ ଗୃହ

**2977 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ କେତୋଟି ପଞ୍ଚାୟତର ନିଜସ୍ୱ ଅଫିସ୍ଗୃହ ରହିଛି ଏବଂ କେତୋଟି ପଞ୍ଚାୟତରେ ଇଣ୍ଟରନେଟ୍, ବିଦ୍ୟୁତ୍ ସଂଯୋଗ ରହିଛି, ଜିଲ୍ଲାର କେତୋଟି ପଞ୍ଚାୟତରେ ଭିସି ପାଇଁ ଆବଶ୍ୟକ ଭିତ୍ତିଭୂମି ବ୍ୟବସ୍ଥା କରାଯାଇଛି, ଜିଲ୍ଲାର କେତୋଟି ପଞ୍ଚାୟତରେ ଜଣେ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ରହିଛନ୍ତି ତାହା ଉଲ୍ଲେଖ କରିବେ କି ?

----

## ପୌରାଞ୍ଚଳରେ ମଶାବଂଶ ବୃଦ୍ଧି

**2978 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀ ସମେତ ରାଜ୍ୟର ସମସ୍ତ ପୌରାଞ୍ଚଳରେ ମଶାଙ୍କଶ ବୃଦ୍ଧି ସରକାରଙ୍କ ନଜରକୁ ଆସିଛି କି, ଯଦି ହଁ, ତେବେ ମଶା ନିବାରଣ ପାଇଁ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା କେଉଁ ପୌରାଞ୍ଚଳରେ ଏ ବାବଦରେ କେତେ ଅର୍ଥ ବ୍ୟୟ କରିଛନ୍ତି ତାହା ଉଲ୍ଲେଖ କରିବେ କି ?

----

## ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ

2979 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନିକଟରେ ଅନୁଷ୍ଠିତ ମେରା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରେ କେତେ ବୃକ୍ଷରୋପଣ ହୋଇଥିଲା, ଏହାର ଏକ ଜିଲ୍ଲାୱାରୀ ତାଲିକା ଦେବା ସହିତ ଝାରସୁଗୁଡା ଜିଲ୍ଲାରେ କେଉଁ କେଉଁ ଅଞ୍ଚଳରେ କେତେ ବୃକ୍ଷରୋପଣ ହୋଇଥିଲା ଓ ଏ ବାବଦରେ କେତେ ଅର୍ଥ ବ୍ୟୟ କରାଯାଇଛି ତାହାର ସୂଚନା ପ୍ରଦାନ କରିବେ କି ?

----

## ଅନ୍ୟ ରାଜ୍ୟରୁ ଆସିଥିବା ଶ୍ରମିକଙ୍କ ସଂଖ୍ୟା

2980 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନ୍ୟ ରାଜ୍ୟର କେତେ ସଂଖ୍ୟକ ଶ୍ରମିକ ଆସି ଓଡିଶାର କେଉଁ କେଉଁ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି, ଅନ୍ୟ ରାଜ୍ୟରୁ ଆସୁଥିବା ଶ୍ରମିକମାନେ ସାଧାରଣତଃ କେଉଁ କେଉଁ ରାଜ୍ୟରୁ ଆସୁଛନ୍ତି ଓ ସେମାନେ ଓଡିଶାରେ କି ପ୍ରକାର କାର୍ଯ୍ୟ କରୁଛନ୍ତି ତାହାର ବିସ୍ତୃତ ସୂଚନା ପ୍ରଦାନ କରିବେ କି ?

----

## Number of Vacant posts of GRS

2981 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many Gram Rozgar Sevak (GRS) posts are currently vacant in Odisha, and by when will they be filled, How many rural habitations in Balangir district still face drinking water shortages, and what measures have been taken, are What steps is the Government taking to maintain existing rural water supply infrastructure for uninterrupted drinking water, How is the Department involving Panchayati Raj institutions in monitoring and managing rural water supply schemes, Has the Department prepared a time-bound plan under Jal Jeevan Mission to provide tap water to all rural households ?

----

## Number of houses constructed under the Pradhan Mantri Awas Yojana

2982 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many houses have been constructed under the Pradhan Mantri Awas Yojana (Urban) in Balangir district, and how many beneficiaries are yet to receive possession, What measures are being taken to prevent encroachments and ensure proper maintenance of urban housing complexes in Odisha, and Has the Government prepared any plan to upgrade slum areas into proper residential colonies in Balangir and other urban towns ?

----

## Number of Industrial establishment

2983 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many industrial establishments in Odisha, including in Balangir district, are yet to register under the ESI scheme, What initiatives has the Government taken to create awareness among workers about their rights and benefits under the ESI scheme, and Are there any plans to expand ESI coverage to more informal sector workers in Odisha, and if so, what is the timeline for implementation ?

----

## Audit for Financial Irregularities

2984 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many public sector enterprises in Odisha are currently under audit or scrutiny for financial irregularities, what measures are being taken to improve employee efficiency and productivity in Odisha's public enterprises and has the government set any target for new public enterprises or expansion of existing ones in the coming five years ?

----

## Completion of Rural Sanitation Projects

2985 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What steps has the department taken to ensure the completion of rural sanitation projects and construction of

household toilets in villages where progress is slow, whether the government has introduced any system to monitor the quality and timely completion of rural development projects across all districts and how much of the funds allocated for rural development schemes in the last two years remain unutilized and what measures are being taken to ensure their proper utilization ?

----

## ରାସ୍ତା ନିର୍ମାଣ ଏବଂ ହସ୍ତାନ୍ତର

**2986 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମ କଟକ ନିର୍ବାଚନ ମଣ୍ଡଳୀରେ ପଞ୍ଚାୟତ ହେଡକ୍ୱାର୍ଟର ଗୁଡିକର ସାହି ରାସ୍ତା ଗୁଡିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ସମଗ୍ର ପଞ୍ଚାୟତର ବ୍ୱତି, ସାହି ରାସ୍ତା ଗୁଡିକ ନିର୍ମାଣ ପାଇଁ ସମ୍ପୃକ୍ତ ପଞ୍ଚାୟତ ପକ୍ଷେ ପାଣ୍ଠି ଅଭାବରୁ ଏହା ଅସମ୍ଭବ ହୋଇଥାଏ, ତେଣୁ ବ୍ଲକ ଗୁଡିକର ପଞ୍ଚାୟତ ହେଡକ୍ୱାର୍ଟର ଠାରେ ଥିବା ପଞ୍ଚାୟତର ସାହି ରାସ୍ତା, ବସ୍ତି ଗୁଡିକୁ ହସ୍ତାନ୍ତର କରାଯିବା ପାଇଁ ବିଚାର କରାଯାଉ, ଯାହା ମାଧ୍ୟମରେ ପଞ୍ଚାୟତ ହେଡକ୍ୱାର୍ଟର ଗୁଡିକର ରାସ୍ତା ନିର୍ମାଣ ହୋଇପାରିବ ଓ ଏହା ଉପରେ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଶୌଚାଳୟ ନିର୍ମାଣ

**2987 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକର ପଞ୍ଚାୟତୱାରୀ ହାଉସହୋଲଡ କେତେ, ସ୍ୱଚ୍ଛ ଭାରତ ଯୋଜନା ଅନ୍ତର୍ଗତ ହାଉସହୋଲଡ ମାନଙ୍କ ପାଇଁ କେତେ, କେଉଁ ମସିହାରେ ପଞ୍ଚାୟତୱାରୀ କେତେ ଶୌଚାଳୟ ନିର୍ମାଣ କରାଯାଇଛି, ଏ ବାବଦରେ ମୋଟ କେତେ ଟଙ୍କା ଖର୍ଚ୍ଚ ହୋଇଛି ବ୍ଲକୱାରୀ, ଆଗାମୀ ଦିନ ମାନଙ୍କରେ କେତେ ଶୌଚାଳୟ ନିର୍ମାଣ ପାଇଁ ଯୋଜନା ରହିଛି ଏବଂ ବିଷମକଟକ ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ବ୍ଲକ ଠାରେ ପରିମଳ ଓ ସଫେଇ ବାବଦରେ କେଉଁ ବେସରକାରୀ ସଂସ୍ଥା କାମ କରୁଛି, କେବେଠାରୁ ଉକ୍ତ ସଂସ୍ଥାକୁ ଦାୟୀତ୍ୱ ଦିଆଯାଇଛି, ଅଦ୍ୟାବଧି ସଂସ୍ଥା କେତେ ଟଙ୍କା ସରକାରଙ୍କ ଠାରୁ ପାଇଛି, ବ୍ଲକର କେଉଁ କେଉଁ ଅଞ୍ଚଳ ପାଇଁ ଏହି ସଂସ୍ଥାକାମ କରୁଛି, ସଂସ୍ଥାର ନାମ, ସଂସ୍ଥାକୁ କିଭଳି ସରକାରୀ ପ୍ରୋତ୍ସାହନ ଦିଆଯାଉଛି ଏ ସମସ୍ତ ତଥ୍ୟ ପ୍ରଦାନ ସହ ବିଭିନ୍ନ ଗ୍ରାମ ପଞ୍ଚାୟତ ଗତ ପାଞ୍ଚ ବର୍ଷ ମଧ୍ୟରେ କେତେ ଟଙ୍କା ସୁଧ ଆକାରରେ କେଉଁ ବାବଦରେ ପାଇଛନ୍ତି, କ୍ୟାସ ଇନହ୍ୟାଣ୍ଡ ବାବଦରେ ପିଇଓ ମାନେ କେତେ ଟଙ୍କା ରଖିଛନ୍ତି ଅଦ୍ୟାବଧି, କେତେ ରଖିବାର ନିୟମ ରହିଛି, କ୍ୟାସ ଇନହ୍ୟାଣ୍ଡ ବାବଦରେ ପଞ୍ଚାୟତ ହରାଉଥିବା ସୁଧର ଭରଣ କିଏ କରିବ ?

----

## ପାଣ୍ଠି ବିନିଯୋଗ ବିବରଣୀ

**2988 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲା ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ମଧ୍ୟରେ ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ମଧ୍ୟରେ କେତେ ପ୍ରକଳ୍ପ/ ଫାଇଲ/ କେଶ ରେକର୍ଡ ଖୋଲାଯାଇଛି, (MGNREGA କୁ ବାଦ ଦେଇ) ଉକ୍ତ ଫାଇଲ ଗୁଡିକରେ କେତେ ଟଙ୍କାର ପ୍ରକଳ୍ପ ପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, ଅବଶିଷ୍ଟ ପାଣ୍ଠି କେତେ ରହିଛି ଏହାର ବର୍ଷୱାରୀ ପ୍ରକ୍ଳଳ୍ପ, ଅନୁଦାନ ରାଶି, ଖର୍ଚ୍ଚ ରାଶି, ବିଲ ରାଶି ଏବଂ ଅବଶିଷ୍ଟ ରାଶି ର ତଥ୍ୟ ପ୍ରଦାନ କରିବା ସହ ବିଗତ ୧୦ ବର୍ଷ ମଧ୍ୟରେ ଶୁଦ୍ଧ ବାବଦରେ କେଉଁ ପାଣ୍ଠି/ ଉତ୍ସ ରୁ କେତେ ଟଙ୍କା ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପାଇଛି, ସେହି ପାଣ୍ଠି କେଉଁ ବାବଦରେ ଖର୍ଚ କରାଯାଇଛି, କେତେ ଅବଶିଷ୍ଟ ରହିଛି ଓ ଜରୁରୀକାଳୀନ ପରିସ୍ଥିତି ପାଇଁ ବିଡ଼ିଓଙ୍କ ଅଧୀନରେ ରହିଥିବା ପାଣ୍ଠି କେତେ, କେଉଁ ବାବଦରେ ଖର୍ଚ୍ଚ କରାଯାଇଛି ?

----

## ଗଛ କାଟିବା ସମ୍ପର୍କରେ

2989 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ ବିଗତ 10 ବର୍ଷ ମଧ୍ୟରେ ବିଭିନ୍ନ ରାସ୍ତା ନିର୍ମାଣ, ରେଳ ପ୍ରକଳ୍ପ ନିର୍ମାଣ ଏବଂ ଅନ୍ୟାନ୍ୟ ଯେତେ ସବୁ ପ୍ରକଳ୍ପ ନିର୍ମାଣ ପାଇଁ ସମୁଦାୟ କେଉଁ ବର୍ଷ, କେଉଁ ପ୍ରକଳ୍ପ ପାଇଁ କେତେ ଗଛ, କେତେ ପରିମାଣର ଜଙ୍ଗଲ କଟା ଯାଇଛି, କେତେ ପରିମାଣର ମାଟି ଖନନ କରାଯାଇଛି ଏବଂ ପ୍ରତି ବଦଳରେ ସମୁଦାୟ କେତେ ଗଛ ରୋପଣ, କେଉଁ ବର୍ଷ କରାଯାଇଛି ଏବଂ ରାୟଗଡା ଜଙ୍ଗଲ ବିଭାଗ ମଧ୍ୟରେ ଗତ 10 ବର୍ଷ ମଧ୍ୟରେ କେତେ ଜଣ କର୍ମଚାରୀ, ଅଧିକାରୀ, କେଉଁ ଅଞ୍ଚଳର କାର୍ଯ୍ୟରତ କର୍ମଚାରୀ, ଅଧିକାରୀଙ୍କ ବିରୁଦ୍ଧରେ ଅନିୟମିତତା, ଲାଞ୍ଚ କାରବାର, ଦୁର୍ନୀତି, ଭିଜିଲାନ୍ସ, ଲୋକଯୁକ୍ତ, ଏବଂ ଅନ୍ୟାନ୍ୟ ଅପରାଧ ଜନିତ ତଦନ୍ତ ପାଇଁ ବିଦ୍ଧିବଦ୍ଧ ପ୍ରକ୍ରିୟାରେ କେତେ ଜଣ ଧରାପଡିଛନ୍ତି, କେତେ ଜଣକ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି, କେତେ ଜଣକ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇଛି, କେତେଜଣଙ୍କ ଠାରୁ ରିକଭରି ହୋଇଛି/ ବିଦ୍ଧିବଦ୍ଧ ପ୍ରକ୍ରିୟା/ କେଶ/ ତଦନ୍ତ ର ସ୍ଥିତି ବର୍ତମାନ କଣ ରହିଛି ?

----

## ପାଣ୍ଠି ଆବଣ୍ଟନ

2990 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଷମକଟକ ନର୍ବାଚନ ମଣ୍ଡଳୀ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ଗତ 10 ବର୍ଷ ମଧ୍ୟରେ କେତେ ପାଣ୍ଠି ଆବଣ୍ଟନ ହୋଇଛି, କେବେ, କେତେ, କେଉଁଠି, କେଉଁ ବାବଦରେ, କେତେ ଖର୍ଚ୍ଚ ହୋଇଛି, ପ୍ରକଳ୍ପର ନାମ, ଅଟକଳ ମୂଲ୍ୟ, କେତେ ଅବଶିଷ୍ଟ ଅଛି, କେତେ ୟୁସି ପ୍ରଦାନ କରାଯାଇଛି ?

----

## Number of Housing Projects under Construction

2991 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many Housing Projects are under construction and yet to completed by Odisha Housing Dev. Projects, will the Govt. furnish the details of project district-wise ?

----

## ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା

2992 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ଓ ଜିଲ୍ଲାସ୍ତର ସମେତ ସର୍ବମୋଟ ଗ୍ରାମ୍ୟ ଉନ୍ନୟନ ବିଭାଗରେ ବିଭିନ୍ନ ବର୍ଗର ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା କେତେ, କେତେ ପଦବୀ ଖାଲି ପଡିଛି, ତା'ର ବର୍ଗୱାରୀ ତଥ୍ୟ ଦେବେ କି ?

----

## ସଂଯୋଗୀକରଣ ହୋଇ ପାରିନଥିବା ରାସ୍ତାର ତାଲିକା

2993 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ମୋଟ ଗ୍ରାମ, ଜନବସତି ଅଞ୍ଚଳକୁ ଏପର୍ଯ୍ୟନ୍ତ ରାସ୍ତା ସଂଯୋଗୀକରଣ ହୋଇପାରିନାହିଁ, ତା'ର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ; (ଖ) ଚଳିତ ବର୍ଷ କେତେ ଗ୍ରାମ/ ଜନବସତି ଅଞ୍ଚଳକୁ ରାସ୍ତା ସଂଯୋଗୀକରଣ ଲକ୍ଷ୍ୟ ଧାର୍ଯ୍ୟ ଥିଲା, ତା'ର ସ୍ଥିତି କ'ଣ ଜଣାଇବେ କି ?

----

## ନଷ୍ଟ ହୋଇଥିବା ଜଙ୍ଗଲ ଜମିର ତାଲିକା

2994 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଗତ 2 ବର୍ଷରେ କେତେ ଜଙ୍ଗଲ ଜମି ଅଣ ଜଙ୍ଗଲ କାର୍ଯ୍ୟ ଯୋଗୁଁ ନଷ୍ଟ ହୋଇଛି, ତା'ର ଜିଲ୍ଲାୱାରୀ ତାଲିକା ଦେବେ କି ; (ଖ) କ୍ଷତି ପୂରକ ଜଙ୍ଗଲ ସୃଷ୍ଟି ପାଇଁ କେଉଁ କେଉଁ କମ୍ପାନୀ/ ସଂଖ୍ୟକ କ'ଣ ପଦକ୍ଷେପ ନେଇଛନ୍ତି ?

----

## ପରିବେଶ ପ୍ରଦୂଷଣ କରିଥିବା ଅଭିଯୋଗ ସଂଖ୍ୟା

2995 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- - ଜୁନ୍ 2024 ରୁ ଆଜି ପର୍ଯ୍ୟନ୍ତ କେତେ ଶିଳ୍ପ ଓ ଖଣି ପ୍ରତିଷ୍ଠାନ ପରିବେଶ ପ୍ରଦୂଷଣ କରିଥିବା ଅଭିଯୋଗ ଆସିଥିଲା, କେତେ ପ୍ରତିଷ୍ଠାନ ଉପରେ ପରିବେଶ ଆଇନ୍ ଉଲ୍ଲଙ୍ଘନ ଅଭିଯୋଗରେ କ'ଣ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ତା'ର ପ୍ରତିଷ୍ଠାନୱାରୀ ତାଲିକା ଦେବେ କି ?

----

**Integrated Water Resources Management**

2996 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The Gangua-Daya pollution crisis involves multiple departments (Water Resources, Housing & Urban Development, Pollution Control Board, BMC, WATCO), what institutional mechanism has the government established for inter-departmental coordination and will the government constitute a Satyabadi-Puri Water Security Committee with elected representatives, technical experts and community stakeholders to ensure integrated water resource management at the local level?

----

**Revenue Collected by Gram Panchayat**

2997 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Studies show that 78% of own source revenue is collected by Gram Panchayats nationally, yet many panchayats in Odisha struggle with revenue mobilisation, what is the aggregate own source revenue (OSR) collected by all Gram Panchayats in Satyabadi block for FY 2023-24 and 2024-25, what specific measures has the Department taken to strengthen OSR collection through property tax, user charges and assigned taxes, has the SAMARTH Panchayat Portal for tax and non-tax revenue been fully implemented in Satyabadi Constituency and if not, what is the implementation timeline ?

----

**Status of IREL Rare Earth Mining Project**

2998 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The IREL rare earth mining project in Krushnaprasad, Puri, involves a lease area of 852.45 hectares, with 581 hectares of forest land classified for proposed diversion and a further 41 hectares under DLC status, what is the precise status of the forest clearance for the 610.8 hectares sought, how many years has the application process taken and how has procedural delay affected compensatory afforestation and local community consultation, has compensatory afforestation commenced for the additional requirement of 41 ha non-forest or 100 ha degraded forest land ?

----

## Present Status of Road

2999 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Although Odisha has achieved 4th position nationally in PMGSY road construction (70.711.24 km out of 73,984.88 km), parliamentary committees have flagged poor quality and premature deterioration of roads due to substandard materials and subletting to petty contractors, what strengthened quality control measures and contractor accountability mechanisms has the Ministry implemented to ensure roads withstand monsoon and traffic demands, how many RD road tenders have been awarded in the last 03 financial years including present FY, provide the list with remarks of Award date, name of contractor, completion date, extension granted if any, quality assurance certificates and present state of the road ?

----

## CSR Project

3000 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Under Corporate Social Responsibility mandates, what proportion of CSR spending by state PSUs has been allocated specifically to rural constituencies in the last three financial years, particularly, what CSR projects have GRIDCO, OIML and other major PSUs implemented in Satyabadi constituency for infrastructure, education or livelihood development ?

----

## ମାଂସ କଟା ସମ୍ପର୍କରେ

3001 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱରର କେଉଁ କେଉଁ ସ୍ଥାନ ମାନଙ୍କରେ ସରକାର କଂସେଇଖାନା ମାନ ନିର୍ମାଣ କରିଛନ୍ତି, ମାଂସ ଦୋକାନୀମାନେ ସେଥିମଧ୍ୟରୁ କେଉଁ ସ୍ଥାନ ମାନଙ୍କରେ ବେପାର କରୁଥିବା ବେଳେ କେଉଁ ଗୁଡ଼ିକ ବ୍ୟବହାର ହେଉନାହିଁ, କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି କେଉଁ ସ୍ଥାନ ମାନଙ୍କରେ ରାସ୍ତା ଉପରେ ଛେଳି କାଟି ବ୍ୟବସାୟ କରାଯାଉଛି, ରାସ୍ତା କଡରେ ମାଂସ ବିକ୍ରୀ ବନ୍ଦ ଓ ମାଂସ ଦୋକାନୀଙ୍କ ଉପରେ ନଜର ରଖିବା ପାଇଁ ଗଠିତ ଯୁଗ୍ମ କମିଟି ଏ ବାବଦରେ କି ପ୍ରକାର ପଦକ୍ଷେପ ନେଇଛନ୍ତି, ପ୍ରତି ବୁଧବାର ଓ ରବିବାର ଚଢଉକରି ବେଆଇନ୍ ମାଂସ କଟା ଓ ବିକ୍ରୀ ବନ୍ଦ ସମ୍ବନ୍ଧରେ ନିର୍ଦ୍ଦେଶ ଥିବାବେଳେ ଗତ ଅଗଷ୍ଟ ଓ ସେପ୍ଟେମ୍ବର ତଥା ଅକ୍ଟୋବର ମାସରେ କେତୋଟି ଚଢଉ କରାଯାଇଛି ?

----

## ନିରାଶ୍ରୀତଙ୍କୁ ଥଇଥାନ

3002 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସହରାଞ୍ଚଳ ନିରାଶ୍ରୀତଙ୍କ ପାଇଁ 2024 ଜୁଲାଇ ଠାରୁ 2025 ସେପ୍ଟେମ୍ବର ମାସ ମଧ୍ୟରେ କେତେ ଟଙ୍କା କେଉଁ ବାବଦରେ ଖର୍ଚ୍ଚ କରାଯାଇଛି ; ଆଶ୍ରୟସ୍ଥଳୀ ମନିଟରିଂ କମିଟି ମାଷ୍ଟରକ୍ୟାଣ୍ଟିନ୍, ରାଜମହଲ, ଅଶୋକନଗର, ରାମମନ୍ଦିର, ୟୁନିଟ୍-2 ଭଳି ଅନ୍ୟ କେଉଁ ସ୍ଥାନମାନଙ୍କରେ ନିରାଶ୍ରୀତ ମାନଙ୍କୁ ଠାବ କରାଯାଇଛି ; ଭୁବନେଶ୍ୱରରେ ଥିବା ଆଶ୍ରୟସ୍ଥଳୀମାନଙ୍କ ମଧ୍ୟରୁ କେଉଁଠାରେ କେତେଜଣଙ୍କୁ ରହିବାର ବ୍ୟବସ୍ଥା ଥିବାବେଳେ କେତେଜଣ ରହୁଛନ୍ତି ; ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଚିତ୍ରସହ ରାସ୍ତାର ଦିଗ ଦର୍ଶାଉଥିବା କଟଆଉଟମାନ ଲାଗିଥିବା ବେଳେ ଆଶ୍ରୟସ୍ଥଳୀମାନଙ୍କ ବିଷୟରେ ନିରାଶ୍ରୀତଙ୍କୁ ଜ୍ଞାତ କରାଇବା ପାଇଁ କଣ କରାଯାଇଛି ; ନିରାଶ୍ରୀତଙ୍କୁ ଆଶ୍ରୟସ୍ଥଳୀକୁ ନେବାପାଇଁ ଭୁବନେଶ୍ୱରରେ ସରକାର କେତୋଟି ଏଜେନ୍ସିକୁ ଦାୟିତ୍ୱ ଦେଇଛନ୍ତି ?

----

## ଟ୍ରାଞ୍ଜିଟ୍ ହାଉସର ନବୀକରଣ

3003 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଶ୍ୟାମପୁର ପଣ୍ଡାକୁଦିଆ ଟ୍ରାଞ୍ଜିତ ହାଉସଠାରେ ସରକାର କେତେ ପରିବାରଙ୍କୁ ଥଇଥାନ କରିଛନ୍ତି ; ସେଠାରେ କେତେ ପ୍ରକୃତ ହିତାଧିକାରୀ ରହୁଥିବା ବେଳେ କେତୋଟି ଘରକୁ ଭଡାରେ ଦିଆଯାଇଛି ଏବଂ କେତେ ଘରକୁ ମାଲିକ ଷ୍ଟୋର ରୁମ୍ କରି ଅନ୍ୟତ୍ର ରହୁଛନ୍ତି ; ଏ ବିଷୟରେ କେବେ ଅନୁସନ୍ଧାନ କରାଯାଇଛି କି ; ସେହି ଟ୍ରାଞ୍ଜିଟ୍ ହାଉସ ଅଞ୍ଚଳରେ ରାସ୍ତାଘାଟ, ବିଜୁଳି ଏବଂ ପାନୀୟ ଜଳ ଆଦି ସୁବିଧା ବିଷୟ ତଦାରଖ କରିବା କାହାର ଦାୟିତ୍ୱ ; ସେହି ଅଞ୍ଚଳ/ଟ୍ରାଞ୍ଜିଟ୍ ହାଉସ୍ କଲୋନୀକୁ ରାସ୍ତାଘାଟ ଏବଂ ବିଜୁଳି ଯୋଗାଣ କରାଯାଇନଥିବା ସରକାର ଜାଣନ୍ତି କି ; ଏହାର କି ପ୍ରତିକାର କରିଛନ୍ତି?

----

## ଶ୍ରମ ଆଇନ ଅନୁପାଳନ

3004 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OB & OCWW ବୋର୍ଡ ଏବଂ OUWSS ବୋର୍ଡ ଅଧିନରେ ନିର୍ମାଣ ସେକ୍ଟର ଶ୍ରମିକ ଶ୍ରେଣୀମାନଙ୍କ ପାଇଁ କି କି ପ୍ରକାର ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରାଯାଉଛି ; ଶ୍ରମ ବିଭାଗ ଅଧିକାରୀମାନେ ସେମାନଙ୍କ ଅଧିନରେ ଥିବା ଶିଳ୍ପସଂସ୍ଥାମାନଙ୍କୁ ମାସିକ/ବାର୍ଷିକ କେତେ ଥର ତଦାରଖ କରି ଶ୍ରମ ଆଇନମାନ ପ୍ରଣୟନ ଓ ଅନୁପାଳନ କରିବା ପାଇଁ ନିୟମାବଳୀ ଅଛି ; ଭୁବନେଶ୍ୱରରେ ଥିବା କେଉଁ ଶିଳ୍ପସଂସ୍ଥା ମାନଙ୍କୁ ଅପ୍ରେଲ ମାସଠାରୁ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ପରିଦର୍ଶନ କରି କି ପ୍ରକାର ଅସଂଗତ observe କରିଛନ୍ତି ?

----

## ହିତାଧିକାରୀଙ୍କୁ ଥଇଥାନ

**3005 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- PMAY ଅଧୀନରେ 2024-25 ବର୍ଷରେ ଘର କେଉଁ ସହାରଞ୍ଚଳରେ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା ; କେତେ ନିର୍ମାଣ ସରି ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି ; କେତେ ଟଙ୍କା ଲେଖାଏଁ କେଉଁ ସହରାଞ୍ଚଳ ପାଇଁ ଖର୍ଚ୍ଚ କରାଯାଇଛି ; ଏହି ସମୟରେ ଜାଗା ମିଶନ ଅଧିନରେ କେତୋଟି ଆଦର୍ଶ କଲୋନୀ ନିର୍ମାଣ କରାଯାଇ କେତେ ପରିବାରଙ୍କୁ ଥଇଥାନ କରାଯାଇଛି ; ଭୁବନେଶ୍ୱର ଠାରେ କେତୋଟି କଲୋନୀ କରାଯାଇ କେଉଁ ସ୍ଥାନ/ୱାର୍ଡର କେତେ ପରିବାରଙ୍କୁ ଥଇଥାନ କରାଯାଇଛି?

----

## ମଞ୍ଜୁର ହୋଇଥିବା Individual Forest Right ଏବଂ Community Forest Rights ର ଦାବୀ

**3006 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ କେତେଗୋଟି ମଞ୍ଜୁର ହୋଇଥିବା Individual Forest Right (IFR) ଏବଂ Community Forest Rights (CFR) ଦାବୀ ମଂଜୁର ହୋଇଛି ; ସେଥିମଧ୍ୟରୁ ବସ୍ତା ନିର୍ବାଚନ ମଣ୍ଡଳୀରେ କେତେ ଦାବୀ ଏବେ ବି ବିଚାରାଧୀନ ଅଛି ଏବଂ ସେଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ କଣ ସବୁ ପଦକ୍ଷେପ ନିଆଯାଉଛି?

----

## ସ୍ୱଚ୍ଛ ଜଳ ଯୋଗାଇବା ପାଇଁ ପଦକ୍ଷେପ

**3007 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମୁଦ୍ର ଉପକୂଳ ଅଞ୍ଚଳର ବିଚାରକୁ ନେଇ, ବାଲେଶ୍ୱର ଜିଲ୍ଲାର ବସ୍ତା ଏବଂ ବାଲିଆପାଳ ବ୍ଲକର ଭୂତଳ ଜଳରେ ଆସୁଥିବା ଲୁଣ ଏବଂ ଲୌହ ମିଶ୍ରିତ ଜଳର ସମାଧାନ କରିବା ପାଇଁ ବା ଜନସାଧାରଣଙ୍କୁ ସ୍ୱଚ୍ଛ ଜଳ ଯୋଗାଇ ଦେବା ପାଇଁ ବିଭାଗ ପକ୍ଷରୁ କଣ ପଦକ୍ଷେପ ନିଆଯାଉଛି?

----

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା କାର୍ଯ୍ୟାଦେଶ ସମ୍ପର୍କରେ

**3008 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକର ମୋଟ କେତେ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଛି ଏବଂ କାର୍ଯ୍ୟାଦେଶ ପାଇବା ପରେ ମଧ୍ୟ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ, ତାହାର କାରଣ କଣ ଏବଂ ଏହି ସମସ୍ୟାକୁ ଦୂର କରିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି?

----

## ମଂଜୁର ହୋଇଥିବା ଅର୍ଥର ପରିମାଣ

3009 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଦୁଇବର୍ଷ ମଧ୍ୟରେ ବସ୍ତା ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ମୋଟ କେତେ ଅର୍ଥ ମଂଜୁର ହୋଇଥିଲା ଏବଂ ସେଥିରେ ନିର୍ବାଚନ ମଣ୍ଡଳୀର କେତେ କିଲୋମିଟର ଓ କେଉଁ କେଉଁ ଗ୍ରାମୀଣ ରାସ୍ତା ଏବଂ ପୋଲ ନିର୍ମାଣ କିମ୍ବା ଉନ୍ନତିକରଣ କରାଯାଇଛି?

----

## ଉତ୍ପାଦଗୁଡିକର ବଜାରକରଣ

3010 **Smt. Subasini Jena (Basta):**

Will the Minister for **Public Enterprises** be pleased to state that:- ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ(OSIC) ଦ୍ୱାରା ରାଜ୍ୟର କେଉଁ କେଉଁ ଶିଳ୍ପକୁ ପ୍ରୋତ୍ସାହିତ କରାଯିବା ସହିତ ସେମାନଙ୍କର ଉତ୍ପାଦଗୁଡିକର ବଜାରକରଣ ବା marketing ପାଇଁ କଣ ସବୁ ପଦକ୍ଷେପ ନିଆଯାଉଛି ; ଏଥି ସହିତ ବାଲେଶ୍ୱର ଜିଲ୍ଲାରେ ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ (OSIC) ଦ୍ୱାରା କେଉଁ ଶିଳ୍ପକୁ ପ୍ରୋତ୍ସାହିତ କରାଯାଉଛି?

----

## କିସମ ପରିବର୍ତ୍ତନ

3011 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OLR case ମାଧ୍ୟମରେ କିସମ ପରିବର୍ତ୍ତନ ନିମନ୍ତେ ଦାଖଲ ହେଉଥିବା Mutation case ଗୁଡିକରେ BDA ଅଧିନରେ Clearance report ତଲବ କରିବା ଦ୍ୱାରା B.D.A. ତହସିଲ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବଯୋଗୁଁ ଅହେତୁକ ବିଳମ୍ବ ତଥା ଅଠଥାରେ drop ହେଉଥିବା ସରକାରଙ୍କର ଏ ଦିଗରେ ଅଛି କି, ଉତ୍ତର ହଁ ହେଲେଲେ ମାନ୍ୟବର ତୁରନ୍ତ ଉପରୋକ୍ତ କାର୍ଯ୍ୟକରି ହିତାଧିକାରୀଙ୍କର ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସରକାରଙ୍କରଠାରେ ଦାବୀ ଉପସ୍ଥାପନ କରିବେ କି ?

----

## ସନ୍ତୋଷ ବିହାରର ଉନ୍ନତିକରଣ

3012 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସନ୍ତୋଷି ବିହାର ପାର୍କରେ ସମ୍ପୂର୍ଣ୍ଣ ଉନ୍ନତିକରଣ ନିମନ୍ତେ କେତେ ଅର୍ଥର ଖର୍ଚ୍ଚ ବ୍ୟୟ ବରାଦ କରାଯାଇ କାର୍ଯ୍ୟ କରିବାର କେଉଁ ସ୍ତରରେ ଅଛି, କେବେ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବ ?

----

## ଜବର ଦଖଲ ଉଚ୍ଛେଦ

3013 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମୋହନା ଓ ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ତିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗୋଚର ଜମି ତଥା ସର୍ବସାଦାରଣଙ୍କ ନିମନ୍ତେ ଉଦ୍ଧିଷ୍ଟ ଥିବା ରାସ୍ତା ଜମି ଗୁଡିକର ବର୍ତ୍ତମାନ ସ୍ଥିତି କଣ, (ଖ) ଜଟଣୀ ମ୍ୟୁନିସିପାଲଟି ଅଧିନସ୍ଥ ୱାର୍ଡ ନଂ-୨ ରେ ଥିବା ଜମି କିସମ - ରାସ୍ତା ତଥା ଖାତା ନଂ - ୧୬୬୯, ପ୍ଲଟ ନଂ - ୩୮୪ ଓ ୩୮୭ ତତା ମୌଜା କୁ କିଆରୀ ଜମିଟିକୁ ଜବର ଦଖଲରୁ କେବେ ସୁଦ୍ଧା ସମ୍ପୂର୍ଣ୍ଣ ମୁକ୍ତ କରାଯାଇ ସର୍ବ ସାଦାରଣଙ୍କ ରାସ୍ତା ନିମନ୍ତେ ବ୍ୟବହାର ହେବ ?

----

## ମଶା ତେଲ ପ୍ରୟୋଗ

3014 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଜପତି ଜିଲ୍ଲା ମୋହନା ନିର୍ବାଚନ ମଣ୍ଡଳୀରେ ଏବଂ ଖୋର୍ଦ୍ଧା ଜିଲ୍ଲାର ଜଟଣୀ ନିର୍ବାଚନ ମଣ୍ଡଳୀରେ ମଶା ଦୂରିକରଣ ନିମନ୍ତେ କି କି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ନିମନ୍ତେ ଅଛି ଏବଂ ଏତଦ ସହ କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିବେ କି, ଏବଂ ନାଳ ମାନଙ୍କରେ ମଶା ତେଲ ଏବଂ ବ୍ଲିଚିଙ୍ଗ ପ୍ରୟୋଗ କରିବେ କି ?

----

## ପୁରୀ ସଦରରେ ରାସ୍ତା କାର୍ଯ୍ୟ

3015 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୦୨୩ - ୨୪ ଏବଂ ୨୦୨୪ - ୨୫ ଆର୍ଥିକ ବର୍ଷ ପାଇଁ କେଉଁ କେଉଁ ରାସ୍ତା MMSY-TRIP ଜରିଆରେ ଚାଲୁଅଛି, ଉକ୍ତ ରକାର୍ଯ୍ୟ ଜଡିତ ସମସ୍ତ ସୂଚନା ଦେବା ପାଇଁ ଅନୁରୋଧ ଏବଂ ବିଶେଷ କରି ଏହି ରାସ୍ତା ଗୁଡିକ Sanctioned Amount Oାରୁ ଅଧି କମରେ ଚୁକ୍ତି ହୋଇଥିବା ବିଷୟରେ ଆଲୋଚନା ହେଉଛି, କାରଣ ଉକ୍ତ କାର୍ଯ୍ୟ ଗୁଡିକ ନିମ୍ନମାନର ହେବାର ଅଭିଯୋଗ ଆସୁଛି, ତେଣୁ ଉକ୍ତ କାର୍ଯ୍ୟ ଗୁଡିକର Sanctioned Amount କେତେ ଥିଲା ଏବଂ Awarded Cost କେତେ, କାର୍ଯ୍ୟ କେବେ ଆରମ୍ଭ ହୋଇଥିଲା ଏବଂ କେବେ ସୁଦ୍ଧା ସରିବା କଥା ଏବଂ ଉକ୍ତ କାର୍ଯ୍ୟ ଗୁଡିକର ଆଜିକା ଦିନରେ ସ୍ଥିତି କଣ ?

----

## ଅନୁଦାନ ବୀବରଣୀ ପ୍ରଦାନ

3016 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆର୍ଥିକ ବର୍ଷ ୨୦୨୪ - ୨୫ ଓ ୨୦୨୫ - ୨୬ ପାଇଁ ପୁରୀ ନିର୍ବାତନ ମଣ୍ଡଳୀ ପାଇଁ Plan ଓ Non Plan ରେ ସମୁଦାୟ କେତେ ଆର୍ଥିକ ଅନୁଦାନ ରହିଛି, Plan ରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ କରାଯିବାର ବ୍ୟବସ୍ଥା କରାଯାଇଛି ଏବଂ Non Plan ରେ ସମୁଦାୟ କେତେ ଟଙ୍କାର ଆର୍ଥିକ ଅନୁଦାନ ବ୍ୟବସ୍ଥା କରାଯାଇଛି ?

----

## ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପଦକ୍ଷେପ

3017 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଚାଲିଥିବା ବିଭିନ୍ନ ଉଚ୍ଚ ମୂଲ୍ୟ ଏବଂ ବଡ ପ୍ରକଳ୍ପ ଯାହାର ସର୍ବାଧିକ ପ୍ରକଳ୍ପ ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ, ସେହିସବୁ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ବିତରେ ସରିବାର ସମ୍ଭାବନା ମଧ୍ୟ ନାହିଁ, ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଏବଂ ଯନ୍ତ୍ରୀଙ୍କର ଏହି ସମୟସୀମା ବୃଦ୍ଧି କରିବାର କଣ କ୍ଷମତା ଅଛି, ନା କେଉଁ ଅଧିକାରୀମାନଙ୍କର ସମୟସୀମା ବୃଦ୍ଧି କରିବାର କ୍ଷମତା ଅଛି, ପ୍ରାୟତଃ ଜାଗାରେ ଦେଖାଯାଇଛି ଜମି ଅଧିଗ୍ରହଣ ନାମରେ ସମୟସୀମାକୁ ବୃଦ୍ଧି କରାଯାଉଛି, ଏହି ବିଷୟରେ ବିଭାଗ ଅବଗତି ଅଛି କି, ଯଦି ହଁ ତେବେ ପୁରୀ ନିର୍ବାଚନ ମଣ୍ଡଳୀରେ ୨୦୨୨ - ୨୩ ରୁ ୨୦୨୫ - ୨୬ ଯାଏଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ କେଉଁ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ ଓ କେଉଁ କାର୍ଯ୍ୟ ସମୟସୀମା ବାହାରେ ଏବେଯାଏଁ ଅସମ୍ପୂର୍ଣ୍ଣ ଅଛି ?

----

## ଆର୍ଥିକ ଅନୁଦାନ ବ୍ୟବସ୍ଥା

3018 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆର୍ଥିକ ବର୍ଷ ୨୦୨୪-୨୫ ଓ ୨୦୨୫-୨୬ ପାଇଁ ପୁରୀ ନିର୍ବାଚନ ମଣ୍ଡଳୀ ପାଇଁ Plan ଓ Non plan ରେ ସମୁଦାୟ କେତେ ଆର୍ଥିକ ଅନୁଦାନ ରହିଛି, Plan ରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ କରାଯିବାର ବ୍ୟବସ୍ଥା କରାଯାଇଛି ଏବଂ Non Plan ରେ ସମୁଦାୟ କେତେ ଟଙ୍କାର ଆର୍ଥିକ ଅନୁଦାନ ବ୍ୟବସ୍ଥା କରାଯାଇଛି ?

----

## Estimate Break up ପ୍ରଦାନ

3019 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମ୍ବଲପୁର ମହାନଗର ନିଗମରେ ଗତ ୨୦୨୨ ମସିହାରେ ହୋଇଥିବା ସଫେଇ ଟେଣ୍ଡରରେ ଜୋନ ୧,୨,୩,୪ ପାଇଁ କଣ estimate ତିବା ତାର ଏକ break up ପ୍ରଦାନ କରିବେ କି; ୨୦୨୫ ମସିହାରେ ଜୋନ - ୫ ପାଇଁ କେତେ ଟଙ୍କାର estimate ହୋଇଅଛି, ଉକ୍ତ Estimate Break up ପ୍ରଦାନ କରିବେ କି ?

----

## ହରିଶ୍ଚନ୍ଦ୍ର ଯୋଜନା ସମ୍ପର୍କରେ

3020 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ପୌରପାଳିକାରେ ହରିଶ୍ଚନ୍ଦ୍ର ଯୋଜନା ବନ୍ଦ ହୋଇଯାଇଅଛି କି, ଅଦ୍ୟାବଧି କେତେ ହିତାଧିକାରୀ ଆବେଦନ କରି ସହାୟତା ରାଶି ପାଇନାହାନ୍ତି, କେବେ ଠୁଁ ଉକ୍ତ ଯୋଜନାରେ ଲୋକେ ଅର୍ଥ ପାଉନାହାନ୍ତି ଏବଂ କଣ ପାଇଁ, ଯଦି କିଛି ବେନିୟମ କାର୍ଯ୍ୟ ହୋଇଛି ସେଦିଗରେ ବିଭାଗ ପକ୍ଷରୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଅହେତୁକ ବିଳମ୍ବ ପାଇଁ ଦାୟୀ କିଏ, କେବେ ଠୁଁ ହରିଶ୍ଚନ୍ଦ୍ର ଯୋଜନାରେ ଆବେଦନକାରୀ ଟଙ୍କା ପାଇବେ ସମ୍ପୃକ୍ତ ବିଭାଗକୁ ଯୋଗାଯୋଗ କରି ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱଷ୍ଟତା ରଖିବେ କି ?

----

## LED ଲଗାଇବା ବ୍ୟବସ୍ଥା

3021 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାର ସହରଗୁଡିକରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୂତନ LED ଷ୍ଟ୍ରିଟ ଲାଇଟ ଲାଗିବାର ବ୍ୟବସ୍ଥା ଅଛି କି, କେତେ ଅର୍ଥ ବ୍ୟୟରେ କେତେଗୋଟି ଲାଇଟ୍ ଲାଗିବ ସହର ୱାରି ଏହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ କି, (ଖ) ବାଲେଶ୍ୱର ସହରର ମୁଖ୍ୟ ରାସ୍ତାରେ ପୁରୁଣା ଲାଇଟକୁ ପରିବର୍ତ୍ତନ କରି Heritage ସୁନ୍ଦର ଦିଶୁଥିବା ଷ୍ଟ୍ରିଟ ଲାଇଟ ସ୍ଥାପନ କରିବା ପାଇଁ ବିଭାଗ ବିଚାର କରିବେ କି, ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱର ସହରକୁ ନୂତନ କେତେ ଷ୍ଟ୍ରିଟ ଲାଇଟ ପ୍ରଦାନ କରାଯିବ, ଏହାର କାର୍ଯ୍ୟକାରିତା କେମିତି ହେବ, ପୁର୍ବରୁ କେବେ ବିଭାଗ ପକ୍ଷରୁ କେତେ ଲାଇଟ ଏବଂ ଖୁଣ୍ଟ ଅନୁମୋଦନ ହୋଇଥିଲା ତାହାର ଉପଯୋଗିତା କେଉଁଠି ହୋଇଛି ?

----

## ଅଡିଟ କରିବାକୁ ବ୍ୟବସ୍ଥା

3022 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସର୍ବ ଭାରତୀୟ ସ୍ତରରେ ଶ୍ରମ ଆଇନ ବା କୋଡ଼ରେ ପରିବର୍ତ୍ତନ ହେବା ପରେ କଣ ଓଡ଼ିଶାରେ ପରିବର୍ତ୍ତନ ହେବ, ଶ୍ରମିକ ମାନେ କେବେଠୁଁ ଏବଂ କଣ ଲାଭ ପାଇବେ, ଓଡିଶା ସରକାର କେବେଠୁଁ ଏହାକୁ ଲାଗୁକରିବ, (ଖ) Manpower ସଂସ୍ଥା Care agency ର EPF/ESIC ଜନିତ ତୃଟି ଅଛି କି, ବିଭାଗ ପକ୍ଷରୁ ବିଗତ ଦିନରେ କୌଣସି ନୋଟିସ ଜାରି କରାଯାଇଛି କି, ଉକ୍ତ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀ ଅନୁଯାଇ EPF/ ESIC ପୈଠ ନହେବା ଜାଲିଆତି କରି ବେନାମୀ EPF/ ESIC ତିଆରି କରିବା ଭଳି ଅନେକ ଅଭିଯୋଗ ହେତୁ ଏହାର ବିଗତ ୫ବର୍ଷର ଏକ ଅଡିଟ କରିବା ପାଇଁ ବିଭାଗ ତରଫରୁ ପଦକ୍ଷେପ ନେବେ କି ?

----

## ସମସ୍ତ ଶ୍ରମିକଙ୍କୁ ESI ଓ EPF ପରିସରଭୁକ୍ତ କରିବା ପାଇଁ ବ୍ୟବସ୍ଥା

3023 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ ଥିବା ଶିଳ୍ପସଂସ୍ଥାମାନଙ୍କରେ କେତେ ଶ୍ରମିକ କାର୍ଯ୍ୟ କରୁଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ESI ଓ EPF ପରିସରଭୁକ୍ତ କରାଯାଇଛି ସମସ୍ତ ଶ୍ରମିକଙ୍କୁ ESI ଓ EPF ପରିସରଭୁକ୍ତ କରିବା ପାଇଁ ବ୍ୟବସ୍ଥା କରିବେ କି?

----

## ଗ୍ରାମ ପଂଚାୟତ ଗୃହର ପୁନଃନିର୍ମାଣ

3024 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାର କେଉଁ ଗ୍ରାମ ପଂଚାୟତ ଗୃହଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତାହାର ପୁନଃନିର୍ମାଣ ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## କଟକ ସହରରେ ପଥ ପାର୍ଶ୍ୱ ବନୀକରଣ

3025 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସହର ଚତୁଃପାର୍ଶ୍ୱ ରାସ୍ତାଗୁଡିକରେ ପଥ ପାର୍ଶ୍ୱ ବନୀକରଣ ପାଇଁ କି ପଦକ୍ଷେପ ନିଆଯାଇଛି ଓ ଆସନ୍ତା ବର୍ଷ ସମସ୍ତ ପଥପାର୍ଶ୍ୱ ବନୀକରଣ ପୂର୍ଣ୍ଣାଙ୍ଗ ପାଇଁ ବ୍ୟବସ୍ଥା କରିବେକି?

----

## ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ

3026 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗ୍ରାମାଞ୍ଚଳରେ ଥିବା ସରକାରୀ ହାଇସ୍କୁଲ ଓ ଡାକ୍ତରଖାନାଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଇଥିଲା ସେହି ପ୍ରକ୍ରିୟା ଚାଲୁରଖିବା ପାଇଁ ବିଦ୍ୟାଳୟ ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ନିମନ୍ତେ ଉଭୟ ବିଭାଗ ସହ ସମନ୍ୱୟନ କରି ନୀତିଗତ ନିଷ୍ପତ୍ତି ଗ୍ରହଣ କରିବେକି?

----

## ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ

3027 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୋଲସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣଛାଇ ପଞ୍ଚାୟତ ର ବିଭିନ୍ନ ସ୍ଥାନରେ ଥିବା ପଥର ଖାଦାନରୁ ବଡ ବଡ଼ ଭାରିଯାନମାନେ ଓଭର ଲୋଡ ନେଇ ଚଳାଚଳି କରିବା ଫଳରେ ରାସ୍ତାରେ ଫୁଟେ ରୁ ଆରମ୍ଭ କରି ଅନେକ ସ୍ଥାନରେ ଦୁଇଫୁଟ ପର୍ଯ୍ୟନ୍ତ ଖାଲ ହୋଇ ଅନେକ ସମୟରେ ଛୋଟ ଛୋଟ ଦୁର୍ଘଟଣା ଘଟୁଛି ଏହି ଶୋଚନୀୟ ଅବସ୍ଥାରେ ଥିବା ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ମାନଙ୍କର ଦୃଷ୍ଟିଗୋଚର ନହେବାର କାରଣ କଣ, ଚଢିଆପୋଲିରୁ ଢେଙ୍କାପଡା ଓ ଷୋହଳମଇଲି ରୁ କେନ୍ଦୁବାଡି ରାସ୍ତା ପୂର୍ତ୍ତ ବିଭାଗ ଅଧିନରେ ଥିବା ଯୋଗୁଁ ମଝିରେ ଏହି ୩ଜିମି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବାଯୋଗୁଁ ଏହି ରାସ୍ତା ପ୍ରତି ବିଭାଗ ଅଧିକାରୀ ମାନଙ୍କ ଦୃଷ୍ଟି ପଡୁନଥିବା ଅବଗତ ଅଛନ୍ତି କି, କେବେ ଶୁଦ୍ଧା ଏହି ରାସ୍ତାକୁ ସରକାରଙ୍କ ଶୁଭଦୃଷ୍ଟି ପଡିବ, ଏବଂ ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ଅଧିନକୁ ହସ୍ତାନ୍ତର କରିବେ କି ?

----

## SEM ମାନଙ୍କୁ ଦରମା ପ୍ରଦାନ

3028 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ର ସୋଲାର ଯୋଗେ କେତେ ଗ୍ରାମକୁ ଜଳ ଯୋଗାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି ବା ଚାଲୁ ରହିଛି, Blockୱାରୀ ସଂସ୍ଥା(Contactor), ସମୟ ସୀମା, ଅଟକଳ ମୂଲ୍ୟ,ବ୍ୟବହୃତ ଜିନିଷର ବ୍ରାଣ୍ଡ |ମାନ,କେତେ ଲୋକମାନେ ଉପକୃତ ହେଉଛନ୍ତି | ହେବେ -ଏହାର ସବିଶେଷ ତଥ୍ୟ ପ୍ରଦାନ କରିବେ, (ଖ) ଅନେକ ସ୍ଥାନରେ ସୋଲାର ନଳକୂପ ଗୁଡିକ ଅଳ୍ପ ଦିନ ମଧ୍ୟରେ ଅଚଳ ହୋଇଯାଇ ଥିବା ବିଭାଗ ଅବଗତ ଅଛି କି, ଯଦି ଉ ହଁ ଏହାର କାରଣ କଣ ଏବଂ ଏହାର କାର୍ଯ୍ୟକ୍ଷମ କରାଇବା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ତଥା ଏହାର ରକ୍ଷଣ ବେକ୍ଷଣ ପାଇଁ ଥିବା SEM ବା ବ୍ୟକ୍ତିଙ୍କ ନାମ ଓ ଯୋଗାଯୋଗ ମୋବାଇଲ ନମ୍ବର ପ୍ରଦାନ କରିବେ କି, SEMଙ୍କୁ କିପରି ଓ କେତେ ଦରମା ମିଳିବାର ବ୍ୟବସ୍ଥା ରହିଛି ?

----

## ପଦୋନ୍ନତି ସମ୍ପର୍କରେ

3029 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଆ ସରକାର ପ୍ରଣୟନ କରିଥିବା ନୀତିନିୟମ ଓ ବିଧିବ୍ୟବସ୍ଥାକୁ ସାଧାରଣ ଉଦ୍ୟୋଗ ବିଭାଗ ଅଧିନରେ ଥିବା ସାଧାରଣ ଉଦ୍ୟୋଗଗୁଡ଼ିକ ନିୟମମାନଙ୍କୁ ପାଳନ କରିବାକୁ ବାଧ୍ୟ ନୁହେଁ କି ; ଯଦି ନାହିଁ ତେବେ ସରକାର ସେମାନଙ୍କୁ କିଛି ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛନ୍ତି କି; ଜଳସମ୍ପଦ ବିଭାଗ ନୋଡ଼ାଲ କର୍ତ୍ତୃପକ୍ଷ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ନିଯୁକ୍ତି ଅନୁପାତ ୪୦ : ୬୦ ବଦଳରେ ଶକ୍ତିବିଭାଗ ଅଧିନରେ ଥିବା ସାଧାରଣ ଉଦ୍ୟୋଗ ଯଥା, ଓଏଚପିସି, ଓପିଟିସିଏଲ ତାହାକୁ ଅମାନ୍ୟ କରି ୩୩ : ୬୭ ଅନୁପାତରେ କାହିଁକି ନିଯୁକ୍ତି ପ୍ରଦାନ କରୁଛନ୍ତି; ରାଜ୍ୟ ସରକାର କନିଷ୍ଠ ଯନ୍ତ୍ରୀମାନଙ୍କର ପଦୋନ୍ନତିକୁ କୌଣସି ପଦପଦବୀରେ ସୀମିତ ନରଖି ଖୋଲା ରଖୁଥିବା ବେଳେ ଉପରୋକ୍ତ ଉଦ୍ୟୋଗମାନେ କାହିଁକି ସେମାନଙ୍କ ପଦୋନ୍ନତିକୁ ( ଏଜିଏମ) ପଦରେ ସିମୀତ ରଖିଛନ୍ତି ଏ ଦିଗରେ ସରକାର ସକାରତ୍ମକ ପଦକ୍ଷେପ ନେବେ କି ?

----

## ମୌଳିକ ସୁବିଧା ପ୍ରଦାନ

3030 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର ସମସ୍ତ ସହରାଞ୍ଚଳରେ ଜନସାଧାରଣଙ୍କୁ କି କି ମୌଳିକ ସୁବିଧା ଯୋଗାଇ ଦେବା ଓ ବିକାଶମୂଳକ କାର୍ଯ୍ୟ ନିମନ୍ତେ ପ୍ରତି ବର୍ଷ ହାରାହାରି କେତେ ଅର୍ଥ ମହାନଗର ନିଗମ, ପୌରପାଳିକା, ପୌର ପରିଷଦମାନଙ୍କୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରୁ କେଉଁ ଯୋଜନାରେ ଉପଲବ୍ଧ ହେଉଛି, ସେ ବାବଦରେ ସମସ୍ତ ମହାନଗର ନିଗମ, ପୌରପାଳିକା, ପୌର ପରିଷଦ ନିଜସ୍ୱ ଅଂଶ ନେଇ କେତେ ଅର୍ଥ ବ୍ୟୟ ବରାଦ କରୁଛନ୍ତି, ପ୍ରତି ବର୍ଷ ହାରାହାରି କେତେ ଅର୍ଥ ମୌଳିକ ସୁବିଧା ଯୋଗାଇ ଦେବା ଓ ବିକାଶମୂଳକ କାର୍ଯ୍ୟ ନିମନ୍ତେ ଖର୍ଚ୍ଚ ହେଉଛି ସେସବୁର ବିଗତ 4 ବର୍ଷର ବର୍ଷୱାରୀ ଆୟ ଓ ବ୍ୟୟର ତଥ୍ୟ ଦେବେ କି ?

----

## GPDP ଦାଖଲ କରିଥିବା ପଞ୍ଚାୟତର ସଂଖ୍ୟା

3031 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଯାଜପୁର ଜିଲ୍ଲାର କେତୋଟି ପଞ୍ଚାୟତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ନିଜର GPDP (ଗ୍ରାମ ପଞ୍ଚାୟତ ବିକାଶ ଯୋଜନା)ଦାଖଲ କରିଛନ୍ତି ଏବଂ କେତୋଟି ପଞ୍ଚାୟତର ପ୍ରସ୍ତାବ ଏବେ ବି ବ୍ଲକ କିମ୍ବା ଜିଲ୍ଲା ସ୍ତରରେ ଅନୁମୋଦନର ଅପେକ୍ଷାରେ ରହିଛି, ତା ସଂପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ; (କ) ୨୦୨୩-୨୪ ଏବଂ ୨୦୨୪-୨୫ ବର୍ଷରେ ସାରା ଓଡ଼ିଶାରେ ଡି.ପି.ଆର୍.ସି. ବି.ପି.ଆର୍.ସି. ଓ ପଞ୍ଚାୟତ ସ୍ତରରେ ଆବଣ୍ଟିତ ଆର୍.ଜି.ଏସ୍.ଏ.(RGSA) ନିଷ୍ଟୁର କେତେ ପ୍ରତିଶତ ଟଙ୍କା ଏପର୍ଯ୍ୟନ୍ତ ଅବ୍ୟବହୃତ (Unutilized) ରହିଛି; (ଖ)ରାଜ୍ୟଭିତ୍ତିକ ତୁଳନାର ସନ୍ଦର୍ଭରେःଓଡ଼ିଶା କ'ଣ ନିଜର ସମସ୍ତ ଜି.ପି.ଡି.ପି.କ୍ ପଞ୍ଚାୟତ ଦର୍ପଣ/ଇ-ଗ୍ରାମସ୍ୱରାଜ ପୋର୍ଟାଲ୍‌ରେ, ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ (MoPR) ଦ୍ୱାରା ନିର୍ଦ୍ଧାରିତ ସମୟସୀମା ଭିତରେ ଅପ୍‌ଲୋଡ୍ କରିସାରିଛି ?

----

## ଆବଣ୍ଟିତ ଅର୍ଥ ମଧ୍ୟରୁ ଖର୍ଚ୍ଚ ନ ହୋଇ ପଡ଼ିରହିଥିବା ଅର୍ଥର ପରିମାଣ

3032 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- 2022-23 ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଆବଣ୍ଟିତ ଅର୍ଥ ମଧ୍ୟରୁ କେତେ ଅର୍ଥ ଖର୍ଚ୍ଚ ନହୋଇ ପଡିରହିଛି; ସେହି ବଳକା ଅର୍ଥକୁ ଖର୍ଚ୍ଚ କରିବାରେ ସମସ୍ୟା ସୃଷ୍ଟି ହୋଇଥିବା ସଂପର୍କରେ ସରକାର ଅବଗତ ଅଛନ୍ତି କି ; 2022-23 ଆର୍ଥିକ ବର୍ଷର ବଳକା ଅର୍ଥକୁ ଖର୍ଚ୍ଚ କରିବା ପାଇଁ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି କି, ଯଦି ହଁ ତେବେ ତାହର ତଥ୍ୟ ପ୍ରଦାନ କରିବେ କି ?

----

## ଯାଜପୁର ଜିଲ୍ଲାରେ ଥିବା ଉଦ୍ୟୋଗର ଆର୍ଥିକ ସ୍ଥିତି

3033 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ସରକାରଙ୍କ ଅଧୀନରେ କେତୋଟି ସରକାରୀ ଇତ୍ୟାଗ ଯାଜପୁର ଜିଲ୍ଲାରେ ବର୍ତ୍ତମାନ କାର୍ଯ୍ୟ କରୁଛି ଓ ଏହି ସବୁ ଇଦ୍ୟୋଗ ଗୁଡ଼ିକର ବର୍ତ୍ତମାନ ଆର୍ଥିକ ସ୍ଥିତି କଣ ରହିଛି ଏବଂ ସେଠାରେ କେତେ ଜଣଙ୍କ କର୍ମସଂସ୍ଥାନ ମିଳିଛି ତାର ତଥ୍ୟ ଉଦ୍ୟୋଗୱାରୀ ପ୍ରଦାନ କରିବେ କି; ରୁଗ୍ଣ ସଂସ୍ଥା ଗୁଡିକର ଆର୍ଥିକ ସ୍ଥିତି ସୁଧାରିବାକୁ ସରକାର କି ପଦକ୍ଷେପ ନେଇଛନ୍ତି ଏବଂ କେବେ ସୁଦ୍ଧା ଏହା ଶେଷ ହେବ ତାର ତଥ୍ୟ ଭଦ୍ୟୋଗ ୱାରୀ ପ୍ରଦାନ କରିବେ କି ?

----

## ପଞ୍ଜିକରଣ କରିଥିବା ଶ୍ରମିକଙ୍କ ସଂଖ୍ୟା

3034 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାର କେତେ ଶ୍ରମିକ ଶ୍ରମ ବିଭାଗରେ ନାମ ପଞ୍ଜିକରଣ କରିଛନ୍ତି ; କେତେ ଶ୍ରମିକଙ୍କୁ ସରକାରଙ୍କ ତରଫରୁ କଣ ସହାୟତା ଦିଆଯାଉଛି ଓ ସରକାର ଶ୍ରମିକମାନଙ୍କର କଲ୍ୟାଣ ନିମନ୍ତେ କଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବ୍ଲକ୍ ୱାରି ତାର ତଥ୍ୟ ପ୍ରଦାନ କରିବେ କି?

----

## Campa Fund ବିନିଯୋଗ

3035 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡ଼ା ଜିଲ୍ଲାର କେଉଁ କେଉଁ ସ୍ଥାନରେ କେତେ ପରିମାଣର Campa Fund ଖର୍ଚ୍ଚ କରାଯାଇଛି ତାହାର ବ୍ଲକୱାରୀ ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ନୂତନ ଜଙ୍ଗଲ ସୃଷ୍ଟି

3036 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେନ୍ଦ୍ରାପଡ଼ା ଜିଲ୍ଲାରେ Campa (Compensatory Afforatation Fund Management and Planning Authorities ) Fund ବାବଦରେ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ; କେନ୍ଦ୍ରାପଡ଼ା ଜିଲ୍ଲାରେ କେତେ ପରିମାଣର ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି ;ହେନ୍ତାଳବଣ (Mangrove Forest) ଜିଲ୍ଲାର ସୁରକ୍ଷା କବଚ , ଚଳିତ ଆର୍ଥିକ ବର୍ଷରେ କେତେ ପରିମାଣର ହେନ୍ତାଳ ବଣ ଜିଲ୍ଲାରେ ବୃଦ୍ଧି କରାଯାଇଛି ଏ ବାବଦରେ ରାଜ୍ୟ ସରକାର କେତେ ଟଙ୍କା ଜିଲ୍ଲାରେ ଖର୍ଚ୍ଚ କରିଛନ୍ତି ?

----

## ଅର୍ଥ ସହାୟତା

3037 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକାଳପଡା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୁମ୍ଭୀର, ହାତୀ, ବାରାହା, ବିଲୁଆ ଆକ୍ରମଣର ଶିକାର ହୋଇ ମୃତ୍ୟୁବରଣ କରୁଥିବା, ଆହତ ହେଉଥିବା ଓ ପଙ୍ଗୁ ହେଉଯାଉଥିବା ଲୋକମାନଙ୍କୁ ରାଜ୍ୟ ସରକାର କେତେ ପରିମାଣର ଅର୍ଥ ସହାୟତା ପ୍ରଦାନ କରୁଛନ୍ତି ?

----

## କେଉଁଝର ଜିଲ୍ଲାରେ ଜଙ୍ଗଲର ପରିମାଣ

3038 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେଉଁଝର ଜିଲ୍ଲାରେ ସଂପ୍ରତି ସଂରକ୍ଷିତ ଜଙ୍ଗଲ, ଖେସେରା ଜଙ୍ଗଲ ଏବଂ ଗ୍ରାମ୍ୟ ଜଙ୍ଗଲର ପ୍ରତ୍ୟେକଟିର ପରିମାଣ କେତେ ; ବିଗତ 5 ବର୍ଷରେ କେତେ ନୂଆ ଜଙ୍ଗଲ ସୃଷ୍ଟି ହୋଇଛି ଏବଂ କେତେ ଅର୍ଥ ଖର୍ଚ୍ଚ ହୋଇଛି ; ଏହାର Division ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ନୂଆ ପଞ୍ଚାୟତ ସୃଷ୍ଟି ପାଇଁ ଆଧାର

3039 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାର ରାଜ୍ୟରେ ନୂଆ ଗ୍ରାମ ପଞ୍ଚାୟତ ସୃଷ୍ଟିକରି ପଞ୍ଚାୟତ ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି କି; ନୂଆ ପଞ୍ଚାୟତ ସୃଷ୍ଟି ପାଇଁ ଆଧାର କ'ଣ ହେବ; ଏ ଆଧାର ଭିତ୍ତିରେ ବିଭିନ୍ନ ଜିଲ୍ଲାରେ କେତେ କେତେ ନୂଆ ପଞ୍ଚାୟତ ସୃଷ୍ଟି ହେବା ଆକଳନ କରାଯାଇଛି; ଦୀର୍ଘ ବର୍ଷ ବ୍ୟବଧାନରେ ବ୍ଲକ ଗୁଡିକର କାର୍ଯ୍ୟ ଓ ଆୟତନ ବୃଦ୍ଧି ଘଟିଥିବାରୁ ନୂଆ ବ୍ଲକ ସୃଷ୍ଟି ପାଇଁ କୌଣସି ଉଦ୍ୟମ ହେଉଛି କି ?

----

## ବନ୍ୟଜନ୍ତୁମାନଙ୍କ ଦ୍ୱାରା ହୋଇଥିବା ଫସଲ ହାନି

3040 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେଉଁଝର ଜିଲ୍ଲାରେ 2024-25 ଏବଂ ଚଳିତ 2025-26 ବର୍ଷ ମଧ୍ୟରେ ବନ୍ୟଜନ୍ତୁମାନଙ୍କ ଦ୍ୱାରା କେତେ ଫସଲ ହାନି ଘଟିଛି ଏଥିପାଇଁ କେତେ ସଂଖ୍ୟକ ଏବଂ କେଉଁ କେଉଁ ଚାଷୀମାନଙ୍କୁ କେତେ କ୍ଷତି ପୂରଣ ରାଶି ପ୍ରଦାନ କରାଯାଇଛି ତାର ଏକ ତାଲିକା ପ୍ରଦାନ କରିବେ କି; କୃଷି ବିଭାଗ ଆକଳନ ଅନୁଯାୟୀ ଏକର ପିଛା ହେଉଥିବା ଖର୍ଚ୍ଚ ଆଧାରରେ କ୍ଷତି ପୂରଣ ଦିଆଯାଉଛି କି; ଉତ୍ତର "ନା" ହେଲେ ଏ ଆଧାରରେ କ୍ଷତି ପୂରଣ ରାଶି ବୃଦ୍ଧି କରିବାକୁ ବ୍ୟବସ୍ଥା କରିବେ କି ?

----

## ଶିକ୍ଷ ପ୍ରତିଷ୍ଠାନରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି

3041 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶା ରାଜ୍ୟରୁ କେତେ ଜଣ କୁଶଳୀ ଓ ଅଣକୁଶଳୀ ଶ୍ରମିକ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇଛନ୍ତି ଏବଂ ଅନ୍ୟ ରାଜ୍ୟରୁ କେତେ ଜଣ କୁଶଳୀ ଓ କୁଶଳୀ ଶ୍ରମିକ ଓଡିଶା ରାଜ୍ୟକୁ କାମ କରିବାକୁ ଆସିଛନ୍ତି ତାର ତଥ୍ୟ ସରକାର ପାଖରେ ଅଛି କି କିମ୍ବା ତଥ୍ୟ ରଖିବାର ବ୍ୟବସ୍ଥା ଅଛି କି, ଯଦି ହଁ ତାହେଲେ ତାର ବ୍ଲକୱାରୀ ତଥ୍ୟ ଦେବେ କି ଯଦି ହଁ ତାହେଲେ ଗ୍ରାମ ପଞ୍ଚାୟତ ଥାନାରେ ପଞ୍ଜିକରଣ କରିବାର ବ୍ୟବସ୍ଥା କରିବେ କି; (ଖ) ମୟୁରଭଞ୍ଜ ଓ କେଉଁଝର ଜିଲ୍ଲାରେ ଗଢି ଉଠିଥିବା ଶିଳ୍ପ ପ୍ରତିଷ୍ଠାନ ଗୁଡିକରେ କେତେ ପରିମାଣରେ ସ୍ଥାନୀୟ ଏବଂ ବାହାର ରାଜ୍ୟର ଲୋକ କାମ କରୁଛନ୍ତି ତାର ଶିଳ୍ପ ପ୍ରତିଷ୍ଠାନୱାରୀ ତଥ୍ୟ ଦେବେ କି ?

----

## ବନୀକରଣ ଯୋଜନାରେ ବିବରଣୀ

3042 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ୨୦୨୧ ଠାରୁ ୨୦୨୪ ବର୍ଷ ପାଇଁ କେତେ ଟଙ୍କା ବ୍ୟୟରେ ଓ କେଉଁ କେଉଁ ସ୍ଥାନରେ ବନୀକରଣ କାର୍ଯ୍ୟକରାଯାଇଅଛି ଏହି ଯୋଜନାର ଏକ ସମ୍ପୂର୍ଣ ବିବରଣୀ ଦେବେ କି; (ଖ) ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ୨୦୨୧ ଠାରୁ ୨୦୨୪ ବର୍ଷ ବନବିଭାଗର ନିର୍ମାଣ କାର୍ଯ୍ୟରେ କେତେ ଟଙ୍କା ବ୍ୟୟରେ ଓ କେଉଁ କେଉଁ ସ୍ଥାନରେ କଣ କଣ ନିର୍ମାଣ ହୋଇଛି ତାହାର ବିବରଣୀ ଦେବେ ସହ ଆଗାମୀ ବର୍ଷ ପାଇଁ କେଉଁ ସ୍ଥାନରେ କଣ କଣ ନିର୍ମାଣ ଯୋଜନା କେତେ ଟଙ୍କା ବ୍ୟୟରେ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ?

----

## Wild life protectionର ସଫଳ ମୁକାବିଲା

3043 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେତୋଟି Forest Division/Forest Ranges/Forest Section/ Forest Beats ଅଛି ଏହି Establishment ର Geographical area ସହ Forest area କେତେ ତାର ତାଲିକା ସହ ଜିଲ୍ଲାୱାରୀ ସବିଶେଷ ତଥ୍ୟ ଦେବେ କି, କେଉଁ Criteriaରେ ଏହି Establishment ମାନେ ସୃଷ୍ଟି କରାଯାଇଛି ; (ଖ) ରାଜ୍ୟରେ ଥିବା Kendu Leaf, Working Plan ଓ Silvi Culture Divisionର ଜିଲ୍ଲାୱାରୀ ତଥ୍ୟ ସହ Forest Fire and wild life protection କାର୍ଯ୍ୟରେ ଏହି Divisionର କର୍ମଚାରୀଙ୍କ ଭୂମିକା କଣ, Forest Divisionର କର୍ମଚାରୀମାନଙ୍କୁ ନେଇ ରାଜ୍ୟରେ Forest Fire ଏବଂ Wild Life Protection ର ସୁଫଳ ମୁକାବିଲା ପାଇଁ ସରକାର ଅପଣେଇଥିବା Integrated Plan ଉପରେ ସ୍ୱଷ୍ଟମତ କଣ ?

----

## ନୂତନ ଶ୍ରମ ବୋର୍ଡ଼ ଲାଗୁ

3044 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କେନ୍ଦ୍ର ସରକାର ଦେଶରେ ଯେଉଁ ନୂଆ ଶ୍ରମ କୋଡ଼ ଲାଗୁକଲେ ତାର ପ୍ରଭାବ ଓଡ଼ିଶାରେ କଣ ପଡ଼ିବ; ରାଜ୍ୟ ସରକାର ଏହି ନୂତନ ଶ୍ରମ କୋଡ଼ ଲାଗୁ କରିବେ କି; ରାଜ୍ୟରେ କାର୍ଯ୍ୟରତ ଶ୍ରମିକ ଓ ରାଜ୍ୟ ବାହାରେ କାର୍ଯ୍ୟରତ ଦାଦନ ଶ୍ରମିକ ସମସ୍ତଙ୍କ ପାଇଁ ଏହି ନୂତନ ଶ୍ରମ କୋର୍ଡ଼ ଲାଗୁ ହେବ କି; ନୂତନ ଶ୍ରମ କୋର୍ଡ଼ରେ କଣ କଣ ବ୍ୟବସ୍ଥା ରହିଛି ?

----

## ଜାଗା ମିଶନ ମାଧ୍ୟମରେ ଜମି ପଟ୍ଟା ପ୍ରଦାନ

3045 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବାଲିଗୁଡା NAC ଅଞ୍ଚଳରେ ରହୁଥିବା ଭୂମିହୀନମାନଙ୍କୁ ପୂର୍ବ ସରକାର ଜାଗା ମିଶନ ମାଧ୍ୟମରେ କେତେଜଣଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ ଓ ଆଉ କେତେ ଜଣ ଜମି ପଟ୍ଟା ପାଇନାହାଁନ୍ତି, ସେମାନଙ୍କୁ କେବେସୁଦ୍ଧା ପଟ୍ଟା ଦିଆଯିବ, (ଖ) ବାଲିଗୁଡା NAC 6 No. ୱାର୍ଡରେ ଥିବା ନାରାୟଣ ସେବା କେନ୍ଦ୍ରଟି ସରକାରୀ ନା ବେସରକାରୀ ଜାଗାରେ ହୋଇଛି ଓ କେଉଁ ବ୍ୟକ୍ତିକୁ ବା ସଂସ୍ଥାକୁ ଏହାର ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି ?

----

## ବାଲିଗୁଡାରେ MGNREGA ରେ ଅର୍ଥର ପରିମାଣ

3046 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବାଲିଗୁଡା ନିର୍ବାଚନ ମଣ୍ଡଳୀକୁ MGNREGA ରେ କେତେ ଅର୍ଥ 2024-25 ଓ 2025-26 ରେ ଆସିଛି ଓ ସେହି ଅର୍ଥରେ କେଉଁ କେଉଁ ପଞ୍ଚାୟତରେ କେଉଁ କେଉଁ କାମ ହାତକୁ ନିଆଯାଇଛି ?

----

## ନିମ୍ନମାନର ରାସ୍ତା କାର୍ଯ୍ୟ

3047 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବସ୍ତା ବ୍ଲକ ଅନ୍ତର୍ଗତ ପାଉଁଶକୁଲି (Paunsakuli) ଗ୍ରାମ ପଞ୍ଚାୟତ ଗମ୍ଭାରିଆ ଗ୍ରାମରେ (Gambharia) ନିମ୍ନ ମାନରେ ନିର୍ମାଣ ହୋଇଥିବା ସଡକ BGBO ଯୋଜନା ବିଧାୟକଙ୍କ 40% ଅର୍ଥ ବ୍ୟୟ ସମ୍ପର୍କରେ ଅଭିଯୋଗ ଜିଲ୍ଲାପାଳ, ବାଲେଶ୍ୱରଙ୍କୁ ବିଧାୟକ ଉପସ୍ଥାପନ କରିଥିବାବେଳେ ତାହା ଏପର୍ଯ୍ୟନ୍ତ ତଦନ୍ତ ହୋଇଛି କି, ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ଏପରି ନିମ୍ନମାନର କାର୍ଯ୍ୟ କେଉଁ ପ୍ରକାର ପରିସ୍ଥିତିରେ କଲେ ତାହା କୌଣସି S.E. ଙ୍କ ଦ୍ୱାରା ତଦନ୍ତପୂର୍ବକ ମାନ ନିର୍ଦ୍ଧାରଣ କରାଯିବ କି, ଏହାର ସବିଶେଷ ତଥ୍ୟ ସରକାର ଉପସ୍ଥାପନ କରିବା ସହିତ ପ୍ରମାଣାନ୍ତେ କନିଷ୍ଠଯନ୍ତ୍ରୀଙ୍କ ବିରୁଦ୍ଧରେ ସରକାର କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ?

----

## ପୋଲ ନିର୍ମାଣ

**3048 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକରେ ବହୁ ବର୍ଷ ଧରି ନିର୍ମାଣ ହୋଇ ଅସମ୍ପୂର୍ଣ୍ଣ ଥିବା ଦୁଇଗୋଟି ପୋଲ ଯଥା- ଝାଡପିପଳ (Jharpipal) ଗ୍ରାମ ପଞ୍ଚାୟତର ଘଣ୍ଟିଆଡି (Andiakhal Bridge) ଅଣ୍ଡିଆଖାଳ ପୋଲ ଏବଂ ଖୁଦିଆମାଝିସାହି ଗ୍ରାମ ପଞ୍ଚାୟତ (K.M. Sahi G.P.) ର ମଡିଆଖାଳ (Madiakhal) ପୋଲ ନିର୍ମାଣ ଅହେତୁକ ବିଳମ୍ବର କାରଣ କଣ, ଏଥିଲାଗି ଚୁକ୍ତି ଖିଲାପ କରିଥିବା ଠିକାଦାରଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯଦି କୈଫୟଦ୍ ତଲବ କରାଯାଇଥିବା ତାହା ବିଚାରାନ୍ତେ ନୂଆ କରି ଠିକାଦାର ଚୟନ କରି କାର୍ଯ୍ୟ କରାଯିବା କିମ୍ବା ଆଉ କେଉଁ ଉପାୟରେ ନିର୍ମାଣ ହୋଇପାରିବ ସେଥିପାଇଁ ସରକାର କଣ ନିର୍ଦ୍ଦେଶ ଦେବେ ?

----

## ହାତୀ ମୃତ୍ୟୁ

**3049 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ (Raibania) ଅଞ୍ଚଳରେ ଶାଳ ଜଙ୍ଗଲ ମଧ୍ୟକୁ ଚଳିତ ବର୍ଷ ଏପର୍ଯ୍ୟନ୍ତ କେତେ ଥର ହାତୀ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ହାତୀ ପଲ ଆସିଛନ୍ତି, ସେମାନଙ୍କ ମଧ୍ୟରୁ କେତୋଟି ହାତୀ ରାଇବଣିଆ ଅଞ୍ଚଳରେ କେଉଁ କାରଣରୁ ମୃତ୍ୟୁବରଣ କରିଛନ୍ତି, ହାତୀପଲ ଜଙ୍ଗଲ ଅଞ୍ଚଳ ଛାଡି କରି ଅନ୍ୟତ୍ର ଯାଉନାହାଁନ୍ତି ଏହାର କାରଣ ଅନୁସନ୍ଧାନ କରାଯାଇଛି କି, ସରକାର ଏହାର ପ୍ରତିକାର କଣ କରିବେ ଓ ବାଲେଶ୍ୱର ଡି.ଏଫ୍.ଓ. ଙ୍କୁ କଣ ନିର୍ଦ୍ଦେଶ ଦେବେ ?

----

## ଗୃହ ଯୋଗାଣ

**3050 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- - (କ) ରାଜ୍ୟ ସରକାର 2024-25, 2025-26 ଆର୍ଥିକ ବର୍ଷରେ କେତେ ସଂଖ୍ୟକ ଗୃହ ଯୋଗାଇଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ଅଦ୍ୟାବଧି ଏ ଦିଗରେ କି କି ଅଗ୍ରଗତି ହୋଇଛି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, (ଖ) ଅର୍ନ୍ତୋଦ୍ୱୟ ଗୃହ ଯୋଜନାରେ ସରକାର ବାଲେଶ୍ୱର ଜିଲ୍ଲାର ସିମୁଳିଆ ଓ ଖଇରା ବ୍ଲକକୁ କେତେ ସଂଖ୍ୟକ target ବର୍ତ୍ତମାନସୁଦ୍ଧା କେତୋଟି ପର୍ଯ୍ୟାୟରେ ଦେଇଛନ୍ତି ?

----

## ଶବ ସତ୍କାର ପାଇଁ ଖର୍ଚ୍ଚ

**3051 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଗତ 5 ବର୍ଷ ମଧ୍ୟରେ କେତେଜଣ ହିତାଧିକାରୀମାନଙ୍କୁ Harischandan ଯୋଜନାରେ ଶବ ସତ୍କାର ପାଇଁ ଟଙ୍କା ପ୍ରଦାନ କରାଯାଇଛି ଓ କେତେଜଣ ଆବେଦନକାରୀ ଅଦ୍ୟାବଧି ଅର୍ଥ ପାଇନାହାଁନ୍ତି ତାହାର ତାଲିକା ପଞ୍ଚାୟତୱାରୀ ପ୍ରଦାନ କରିବେ କି ଏବଂ କେବେସୁଦ୍ଧା ଉକ୍ତ ଟଙ୍କା ପାଇବେ ?

----

## ବୃହତ ପୋଖରୀଗୁଡ଼ିକର ଉନ୍ନତିକରଣ

3052 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜନସାଧାରଣଙ୍କୁ ଖରାଦିନେ ଜଳାଭାବରୁ ରକ୍ଷା କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି କହିବେ କି, ବିଭିନ୍ନ ପଞ୍ଚାୟତ ଅଧିନରେ ଥିବା ବୃହତ ପୋଖରୀଗୁଡ଼ିକୁ ଖନନ କରିବା ସହିତ ସେଗୁଡ଼ିକର ଉନ୍ନତିକରଣ ପାଇଁ ଯୋଜନା ଅଛି କି, ଯଦି ଉତ୍ତର ହଁ ହୁଏ, ତେବେ କେବେ ସୁଦ୍ଧା ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯିବ ?

----

## ରାସ୍ତା କଡରେ ଗଛ, ଡାଳ, ପତ୍ର ଏବଂ ଅଳିଆ ଆବର୍ଜନା ଜମା ହେବା ସଂପର୍କରେ

3053 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ପୌରାଞ୍ଚଳମାନଙ୍କରେ ଅନେକ ସମୟରେ ରାସ୍ତା କଡରେ ଗଛ, ଡାଳ, ପତ୍ର ଏବଂ ଅଳିଆ ଆବର୍ଜନା ଜମା ହେବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଉତ୍ତର ହଁ ହୁଏ, ତେବେ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ପ୍ରାଇଭେଟ୍ ସଂସ୍ଥାମାନଙ୍କୁ ବିରୁଦ୍ଧରେ କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ନିର୍ବାହୀ ଅଧିକାରୀ ପଦବୀ ପୂରଣ

3054 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ଅଧୀନସ୍ଥ କେଉଁ କେଉଁ ଗ୍ରାମ ପଂଚାୟତରେ ବର୍ତମାନ ନିର୍ବାହୀ ଅଧିକାରୀ ପଦବୀ ଖାଲି ଅଛି ଓ ଖାଲି ଥିବା ପଦବୀ ଗୁଡିକରେ ଅନ୍ୟ କେଉଁ ଅଧିକାରୀଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି ଏବଂ କେବେ ସୁଦ୍ଧା ସେହି ପଦବୀ ଗୁଡ଼ିକୁ ପୂରଣ କରାଯିବ ?

----

## ଋଣ ପ୍ରଦାନ

3055 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ୨୦୨୪-୨୫ ଓ ୨୦୨୫-୨୬ ଅର୍ଥିକ ବର୍ଷ ର ବର୍ତମାନ ସୁଦ୍ଧା କଣ୍ଟାବାଞ୍ଜି ଏନ୍.ଏ.ସି. ଅଂଚଳରେ ବସବାସ କରୁଥିବା କେଉଁ ୱାର୍ଡର କେତେଜଣ ବେକାର ଯୁବକ ଯୁବତୀ ସୟମ (SWAYAM) ଯୋଜନା ଅର୍ନ୍ତଗତ କ୍ଷୁଦ୍ର, ଲଘୁ ଉଦ୍ୟୋଗ କିମ୍ବା ବ୍ୟବସାୟ କରିବା ନିମନ୍ତେ ଋଣ ପାଇଁ ଆବେଦନ କରିଛନ୍ତି ଏବଂ ସେମଧ୍ୟରୁ କେତେଜଣ ଙ୍କୁ ଋଣ ପ୍ରଦାନ କରାଯାଇଛି ଓ କେତେଗୋଟୀ ଆବେଦନ କେଉଁ ସ୍ତରରେ ବିଚାରାଧନ ଅଛି, (ଖ) PM SVANIDHI ଓ PM MUDRA YAJANA ରେ କେତେଜଣ ଲାଭାର୍ଥିଙ୍କୁ ସାମିଲ କରାଯାଇ ଆବଶ୍ୟକୀୟ ଋଣ ପ୍ରଦାନ କରାଯାଇଛି ?

----

### Regarding Private Insurance Coverage

3056 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- State Whether The Government Take Steps To Enrol! Private Vehicle Drivers, Auto Drivers, Transport Workers, Employees, And Agents Of Private Life Insurance Companies Under Life And Health Insurance Schemes, Will The Government Also Consider Bringing Them Under ESI And EPF Coverage? In Recent Years, Several Chit-Fund Organisations Cheated The Public, And Their Operators Enjoyed Luxurious Lifestyles Before Being Jailed. In This Context, How Far Is The Slogan Of Exide Life Insurance Sabkasaath, Bharosakibaat' Reflected In Reality ?

----

### Revenue Loss

3057 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- How Many Indian Forest Service Officers Have Been Posted As Director For More Than 12 Years, Is The Government Aware That Irregularities In Forest Land Are Causing Significant Revenue Loss To The State, If Yes, How Much Revenue Has Been Lost, And During The Tenure Of Which Officers ?

----

### ପରିବେଶ ବିଭାଗର ଅନୁମତି

3058 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ର ଦଶମନ୍ତପୁର ବ୍ଲକ ଅଧିନରେ ଥିବା ମୁଞ୍ଜାଙ୍ଗ ଅନ୍ତର୍ଗତ Dengajaniguda ଗାଁରୁ କେବଳ ୨୦୦ ମିଟର୍ ଦୂରରେ NALCO ର Red Mud Pond ନିର୍ମାଣ କରାଯାଇଛି କି, ଯଦି ଉତ୍ତର ହଁ ତେବେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ, ପାଣିସ୍ତର, ବାତାବରଣ ଓ କୃଷି ଉପରେ ଗୁରୁତର ନକାରାତ୍ମକ ପ୍ରଭାବ ପାଇଁ ଦାୟୀ କିଏ, ଉକ୍ତ ଅଞ୍ଚଳରେ ପବନରେ ଧୂଳି ଓ ବର୍ଷାହେଲେ coastic iron ପାଣି ଓ ଦୁଷିତ କେମିକାଲ ପଦାର୍ଥ ବହି ଆସି ଚାଷ ଜମିରେ ମିଶି ସିଧା ସଳଖ ପ୍ରଭାବ ସୃଷ୍ଟି କରୁଛିଞ୍ଚ ତେବେ ସେଇ Dengajaniguda ଗାଁର ପ୍ରଭାବିତ ପରିବାର ବାରମ୍ବାର ପ୍ରତିବାଦ କରୁଥିଲେ ମଧ୍ୟ ଓ NALCO କର୍ତ୍ତୃପକ୍ଷ ଏ ସବୁ ଜାଣି ମଧ୍ୟ ଉଚିତ ପଦକ୍ଷେପ ନେଉନଥିବାର କାରଣ କଣ ?

----

## ପଥର Crusher Unit ର ସଂଖ୍ୟା

3059 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ରେ ସମୁଦାୟ କେତୋଟି ପଥର Crusher Unit ସରକାରଙ୍କ ଅନୁମତି କ୍ରମେ ଚାଲିଛି, ତାହାର ମଲିକାନା କାହା ନାମରେ ଅଛି, ସରକାରୀ ନିୟମ କୁ ଉଲଂଘନ କରି ମନଇଚ୍ଛା ପଥର ବ୍ଲାଷ୍ଟିଙ୍ଗ କରୁଥିବାରୁ ଅଞ୍ଚଳର ଚତୁର୍ପାଶ୍ୱରେ ଧୂଳି ଏବଂ ବ୍ଲାଷ୍ଟି ଜଗୁ ଆଖ ପାଖ ଘର କାନ୍ଥ ଭାଙ୍ଗିବା ସହିତ ଶବ୍ଦ ପ୍ରଦୂଷଣ ହେଉଥିବାରୁ ବାରମ୍ଧାର ଅଭିଯୋଗ ହେଉଥିବା ସତ୍ୱେ ସରକାର ପଦକ୍ଷେପ ନ ନେବାର କାରଣ କଣ, ଲୋକଙ୍କ ଅଭିଯୋଗ ଖବର ବିଭାଗୀୟ ଅଧିକାରୀ କାହା ଚାପରେ ଚାପି ଦେଉଛନ୍ତି ଉତ୍ତର ଦେବା ସହିତ ପରିବେଶ ମଞ୍ଜୁର ପାଇଁ କେଉଁ କେଉଁ ଓ କେତୋଟି Crusher କେଉଁ ସ୍ଥାନରେ ବିନା Polution ରେ ଚଳାଇଛନ୍ତି ତାର ତଥ୍ୟ ପ୍ରଦାନ କରିବା ସହ illegal Crusher Unit Run କରୁଥିବା ସଂସ୍ଥା ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି କହିବେ କି, ଗୋଟିଏ ପଥର Crusher Unit ଚାଲିବାର କଣ କଣ ସର୍ତ୍ତାବଳୀ ରହିଛି ?

----

## ବୃକ୍ଷ ରୋପଣ

3060 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କ୍ରମାଗତ ଜଳବାୟୁ ପରିବର୍ତ୍ତନ ହେଉଥିବା କାରଣ କଣ, ପ୍ରାକୃତିକ ଉପାୟରେ Ecological balance (ପ୍ରାକୃତିକ ଭାରସାମ୍ୟ) ସୁରକ୍ଷିତ କରିବାକୁ ସରକାର ମାନବ ସମାଜକୁ କଣ ବାର୍ତ୍ତା ଦେବେ ଓ ପ୍ରତ୍ୟେକ ମଣିଷର ଦାୟିତ୍ୱ କର୍ତ୍ତବ୍ୟ ପ୍ରତି ସଚେତନତା ହେବାକୁ ଦିର୍ଘମିଆଦୀ ଯୋଜନା କଣ, ବେଗୁନିଆ ଓ ବୋଲଗଡ ବ୍ଲକର ବିଭିନ୍ନ ଶ୍ମଶାନରେ ବୃକ୍ଷ ରୋପଣ ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ, ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଇଛି, ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଗତ ୫ ବର୍ଷରେ ପଥପ୍ରାନ୍ତ ବନିକରଣ ଓ ଅନ୍ୟ ଯୋଜନାରେ କେତେ ବୃକ୍ଷରୋପଣ ହୋଇଛି, ଅଧିକ ବୃକ୍ଷ ରୋପଣ କରି ଗ୍ରାମାଞ୍ଚଳରେ କେତେ ବୃକ୍ଷ ରୋପଣ ହୋଇଛି, ଅଧିକ ବୃକ୍ଷ ରୋପଣ କରି ଗ୍ରାମାଞ୍ଚଳର ସବୁଜିମା ରକ୍ଷା ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ନୂତନ ରାସ୍ତା ନିର୍ମାଣ

**3061 ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜୟଦେବ ନିର୍ବାଚନ ମଣ୍ଡଳୀରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନୂତନ ରାସ୍ତା ଯାଇଛି ନୂତନ ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ନେଇଥିବା ରାସ୍ତା ଗୁଡିକର କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ କରିବେ ?

----

## କମରସିଆଲ ହୋଲଡିଂ ଟ୍ୟାକ୍ସ ବୃଦ୍ଧି କରିବା ପାଇଁ ନୋଟିସ

**3062 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଭୁବନେଶ୍ୱର ମହାନିଗମ ନିଗମ ନୋଟିସ୍ କେତେଗୋଟି ବେସକାରୀ ଶିକ୍ଷା ସଂସ୍ଥାକୁ 15% ରୁ 20% କମର୍ସିଆଲ ହୋଲଡିଂ ଟାକ୍ସ ବୃଦ୍ଧି କରାବାପାଇଁ ନୋଟିସ କରାଯାଇଛି ବେସରକାରୀ ସ୍କୁଲ 1860 ସୋସାଇଟି ଆକ୍ଟ ଓ ଟ୍ରଷ୍ଟ ଆକ୍ଟ ଅନୁସାରେ ପଞ୍ଜିକରଣ ହେଲେ ଏହାକୁ କମରସିଆଲ କିପରି କରାଗଲା ଏହା Article ZIA, RTE Act ର ଉଲ୍ଲଂଘନ ନୁହେଁ କି, (ଖ) ଅଡିଟ୍ ରିପୋର୍ଟ ତନଖି କରାନଯାଇ କିପରି ଏପରି ନୋଟିସ ଦିଆଗଲା, ଏହା ସବୁ ଅଭିଭାବକମାନଙ୍କ ଫି ବୃଦ୍ଧିର କାରଣ ହେବାର ନିହେଁ କି, କମର୍ସିଆଲ ହୋଲଡିଂ ଟାକ୍ସ ବୃଦ୍ଧି ହଟାଇବାକୁ ପଦକ୍ଷେପ ନେବେ କି ଯୁଗ୍ମ ଯାଞ୍ଚ କମିଟି ଗଠନ ପାଇଁ କିଛି ପ୍ରସ୍ତାବ ଅଛି କି ?

----

## ଦାରିଦ୍ର ଦୂରିକରଣ

**3063 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଯୋଜନା ଓ ପ୍ରକଳ୍ପ ଗୁଡିକ ପାଇଁ ଚଳିତ ଆର୍ଥିକ ବର୍ଷ ସହ ଗତ ତିନି ବର୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେତେ ଅର୍ଥ ଖର୍ଚ୍ଚ ହୋଇଛି ଜିଲ୍ଲାୱାରୀ ତଥ୍ୟ ଦେବେ କି, (ଖ) ରାଜ୍ୟର କେତେ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି, କେଉଁ ଜିଲ୍ଲାରେ ସର୍ବାଧିକ, ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ପାଇପ୍ ଯୋଗେ ପାଣି ଯୋଗାଣ

**3064 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ଧର୍ମଗଡ ନିର୍ବାଚନ ମଣ୍ଡଳୀର କୋକସରା ଓ କଲମପୁର ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ କେଉଁ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି, କେଉଁ ପ୍ରକଳ୍ପ ନିର୍ମାଣଧିନ ଓ ପ୍ରସ୍ତାବାଧିନ ଅଛି, ଅବଶିଷ୍ଟ ଗ୍ରାମକୁ କେବେ ସୁଦ୍ଧା ପାଇପଜଳ ଯୋଗାଣ ପୂର୍ଣ୍ଣାଙ୍ଗ କରାଯିବ ଜଣାଇବେ କି, (ଖ) ପାନୀୟ ଜଳଯୋଗାଣ ହୋଇଥିବା ଗ୍ରାମ ଗୁଡିକ ରୁ କେତେ ମୋଟର ଓ ପାଇପ ଖରାପ ହୋଇ ଜଳଯୋଗାଣ ବ୍ୟାହାତ ହୋଇଛି, ତାହାର ବିବରଣୀ ପ୍ରଦାନ କରି ଏହାର ନିରାକରଣ ପାଇଁ କି ବ୍ୟବସ୍ଥା ଗ୍ରହଣ କରାଯାଇଛି ?

----

## ହାତୀ ଛୁଆର ରକ୍ଷଣା ବେକ୍ଷଣ

3065 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ः**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାୟଗଡା ଜିଲ୍ଲାର ଗୁଣୁପୁର ଉପଖଣ୍ଡ ଜଙ୍ଗଲର ଭୀମପୁର ଗ୍ରାମରେ ପୂର୍ବରୁ ୬ ଟା ଖଣ୍ଡେ ହାତୀ ରହୁଥିଲେ, କୌଣସି ଦୁର୍ଭାଗ୍ୟ ବଶତଃ 5ଟି ର ଦେହାନ୍ତ ହୋଇଗଲା, ବର୍ତ୍ତମାନ ଗୋଟିଏ ମାତ୍ର ଛୁଆ ହାତୀ ଅଛି, ସେହି ହାତୀଟିର ଜୀବନ ମଧ୍ୟ ସଂକୁଳ ଅବସ୍ଥାରେ, ସେ ମରିଯିବ ଅଥବା ତାକୁ କିଏ ମାରିଦେବେ, ତେଣୁ ସରକାର ସେହି ଛୁଆ ହାତୀ ର ଜୀବନ କୁ ବିପଦ ମୁକ୍ତ କରିବା ପାଇଁ କଣ ସ୍ଥାୟୀ ପଦକ୍ଷେପ ନେଇଛନ୍ତି ?

----

## ୟୁସି ପ୍ରଦାନ ସମ୍ପର୍କରେ

3066 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା)ः**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାୟଗଡା ଜିଲ୍ଲାର ପଞ୍ଚାୟତ ରାଜ ବିଭାଗକୁ ପ୍ରତି ପଞ୍ଚାୟତ ସମିତି ନିମନ୍ତେ କେତେ ଅନୁଦାନ 2019-20 ଠାରୁ ଆଜି ସୁଦ୍ଧା ପ୍ରଦାନ କରାଯାଇଛି, କେତେ ଅନୁଦାନ କେଉଁ ଯୋଜନା ନିମନ୍ତେ ପ୍ରଦାନ କରାଯାଇଛି, ସେ ମଧ୍ୟରୁ କେତୋଟି ପଞ୍ଚାୟତ ସମିତି ଯୋଜନାର ସଠିକ ବିନିଯୋଗ କରି ୟୁସି ପ୍ରଦାନ କରିଛନ୍ତି, କେଉଁ କେଉଁ ପଞ୍ଚାୟତ ସମିତି ସେହି ବର୍ଷ ଗୁଡିକ ଅର୍ଥ ବିନିଯୋଗ କରିନାହାଁନ୍ତି କି ୟୁସି ପ୍ରଦାନ କରିନାହାନ୍ତି ?

----

## ପ୍ରଯ୍ୟାପ୍ତ ପରିମାଣର ଅର୍ଥ ଅନୁମୋଦନ

3067 **ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର)ः**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- - ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବିଭିନ୍ନ ରାସ୍ତା ପଦ୍ମପୁର ଥାନା ଛକରୁ ପଦ୍ମପୁର ଆମ୍ବେଦକର ଛକ ପର୍ଯ୍ୟନ୍ତ, ପଦ୍ମପୁର ଶିଶୁ ମନ୍ଦିର ଛକରୁ ଏକଲବ୍ୟ ନଗର ହୋଇ ପାଟଣା ଗଡ ରାସ୍ତା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତି କରଣ ତଥା ରାସ୍ତା ନିର୍ମାଣ ସକାଶେ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଖରେ ଅର୍ଥାଭାବ ହେତୁରୁ ନିର୍ମାଣ ହାଇପାରୁ ନାହିଁ, ଏହି ଦୁଇ ରାସ୍ତାକୁ P.W.D ବିଭାଗକୁ ହସ୍ତାନ୍ତର କାରାଗଲେ କିମ୍ବା ପର୍ଯ୍ୟାପ୍ତ ପରିମାଣର ଅର୍ଥ ଅନୁମୋଦନ କରାଗଲେ ଲୋକେ ଉପକୃତ ହୋଇ ପାରନ୍ତେ, ପଦ୍ମପୁର ବିଜ୍ଞାପିତ ଅଧିନରେ ଥିବା ବିଭିନ୍ନ ଜଳାଶୟର ପୁର୍ନରୁର୍ଦ୍ଧାର ସକାଶେ ପଦକ୍ଷେପ ନେବେ କି ?

----

## ପିଚୁ ରାସ୍ତା ନିର୍ମାଣ

3068 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଗ୍ରାମକୁ ଏଯାଏଁ ସବୁ ଦିନିଆ ପିଚୁ ରାସ୍ତା ହୋଇଛି ଓ କେତୋଟି ଗ୍ରାମକୁ ଏ ସଂଯୋଗ ଏଯାଏଁ କରାଯାଇନାହିଁ ଏବଂ ସେ ଦିଗରେ କି ପଦକ୍ଷେପ ନିଆଯାଉଛି?

----